





ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୮ ନଭେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 8 NOVEMBER 2020

Vol.No. 30 ■ No. 282 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର୍ ଅବସାନ ଘଟାଇ୍ ଖୁବ୍ ଶୀଘ୍ର ପ୍ରକାଶ ପାଉଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



## ଭୁବନେଶ୍ୱରରୁ ୬୪ ପଜିଟିଭ୍ : ୮୭ ସୁସ୍ଥ

ଭୁବନେଶ୍ୱର,୭।୧୧ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଗତ କିଛି ଦିନ ଧରି ଲଗାତାର ଭାବେ ଦୈନିକ ସଂକ୍ରମିତଙ୍କ ସଂଖ୍ୟା ୧୦୦ ତଳେ ରହୁଛି। ଏହି କ୍ରମରେ ଶନିବାର ରାଜଧାନୀରୁ ଆଉ ୬୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରେ ୧୭ଜଣ ସଂଗରୋଧ ଓ ୪୭ ଜଣ ସ୍ଥାନୀୟ ଅଂଚଳରୁ ଅଛନ୍ତି। ଅନ୍ୟପକ୍ଷରେ ୮୭ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ଏବଂ ୨ ଜଣଙ୍କର ମୃତ୍ୟୁ ହୋଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି। ନୂତନ ଆକ୍ରାନ୍ତଙ୍କୁ ମିଶାଇ ଭୁବନେଶ୍ୱରରୁ ଆଜି ପର୍ଯ୍ୟନ୍ତ ୨୯,୬୪୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଥିରୁ ୨୮,୫୭୩ ଜଣ ସୁସ୍ଥ ହୋଇସାରିଛନ୍ତି। ଏବେ ୮୭୪ ଜଣ ଆକ୍ରାନ୍ତ ସକ୍ରିୟ ଥିବା ବେଳେ ୧୭୯ ଜଣଙ୍କର ମୃତ୍ୟୁ ହୋଇଛି।

▶▶ପୃଷ୍ଠା ୭

# ଆନନ୍ଦପୁରରେ ୨୪ ମେଗାୱାଟର କ୍ଷୁଦ୍ର ଜଳବିଦ୍ୟୁତ ପ୍ରକଳ୍ପ ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ

- ♦ ରାଜ୍ୟ ଗ୍ରୀଡକୁ ବର୍ଷକୁ ଶହେ ମିଲିଅନ ୟୁନିଟ ବିଜୁଳି ମିଳିବ
- ♦ ଜିଲ୍ଲା ଖଣିଜ ପାଣ୍ଠିର ଟଙ୍କା କେବଳ ଲୋକଙ୍କ କଲ୍ୟାଣ ପାଇଁ ଖର୍ଚ୍ଚ କରାଯିବ





ଭୁବନେଶ୍ୱର,୭।୧୧ (ନି.ପ୍ର): ଜିଲ୍ଲା ଖଣିଜ ପାଣ୍ଠିର ଟଙ୍କା ହେଉଛି ଲୋକଙ୍କ ଟଙ୍କା। ଏହାର ସବୁ ଟଙ୍କା କେବଳ ଲୋକଙ୍କ କଲ୍ୟାଣ ପାଇଁ ଖର୍ଚ୍ଚ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଶନିବାର ଭିଡିଓ କନ୍ଫରେନସିଂ ଜରିଆରେ ଆନନ୍ଦପୁରର ସିଂହନାଳୀରେ ୨୪ ମେଗାୱାଟ ବିଶିଷ୍ଟ ବୈତରଣୀ କ୍ଷୁଦ୍ର ଜଳବିଦ୍ୟୁତ ପ୍ରକଳ୍ପର ଉଦ୍ ଘାଟନ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦୁଝର ଜିଲ୍ଲାର ଉଭୟ ଦେଶ ଓ ରାଜ୍ୟ ଅର୍ଥନୀତିରେ ବିଶେଷ ଅବଦାନ ରହିଛି। କେନ୍ଦୁଝରରେ ଏକ ମେଡିକାଲ କଲେଜ ଓ ହସ୍ପିଟାଲ କାର୍ଯ୍ୟ ଆଗେଇ ଚାଲିଥିବାବେଳେ ଜିଲ୍ଲାର ସବୁ ରାସ୍ତାର ଉନ୍ନତିକରଣ ପାଇଁ ପଦକ୍ଷେପ ନିଆଯାଇଛି। ସେହିପରି ମେଗା ପିଇବା ପାଣି ପ୍ରକଳ୍ପରେ ଜିଲ୍ଲାର ସବୁ ଘର ଗାଁ ଓ ସହର ସବୁ ଅଂଚଳରେ ପାଇପ ପାଣି ଯୋଗାଇ ଦେବା ପାଇଁ କାମ ଚାଲିଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଲୋଅର ବୈତରଣୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ହେଉଛି ସବୁଜ ଓ ପୁନଃ ବ୍ୟବହାରକ୍ଷମ ଶକ୍ତି କ୍ଷେତ୍ରରେ ଏକ ମାଇଲ ଖୁଂଟ । ଏହା ପରିବେଶ ଅନୁକୂଳ ଏବଂ ଏହି ପ୍ରକଳ୍ପରେ କେହି ଜଣେ ବି ବିସ୍ଥାପିତ ହୋଇନଥିବାରୁ ମୁଖ୍ୟମନ୍ତ୍ରୀ ଆନନ୍ଦ ପ୍ରକାଶ କରିଥିଲେ ଏବଂ ଏହିଭଳି ଅନେକ ଛୋଟ ଛୋଟ ଶକ୍ତି ପ୍ରକଳ୍ପ ଦ୍ୱାରା ଓଡିଶା ପରିବେଶ ପରିବର୍ତ୍ତନ ଆହ୍ୱାନକୁ ଠିକ୍ ଭାବରେ ମୁକାବିଲା କରିପାରିବ। ବୈତରଣୀ ନଦୀ ଉପରେ ନିର୍ମିତ ଏହି ପ୍ରକଳ୍ପ ହାଇଦ୍ରାବାଦସ୍ଥିତ ବୈତରଣୀ ପାୱାର ପ୍ରୋଜେକ୍ଟ ପ୍ରାଇଭେଟ ଲିମିଟେଡ ଦ୍ୱାରା ସ୍ଥାପନ କରାଯାଇଛି। ଏଥିରୁ ରାଜ୍ୟ ଗ୍ରୀଡ ବର୍ଷକୁ ୧୦୦ ମିଲିଅନ ୟୁନିଟ ବିଜୁଳି ପାଇପାରିବ। ଏହାଦ୍ୱାରା ଆନନ୍ଦପୁର ଅଂଚଳର ଲୋକମାନେ ଉନ୍ନତମାନର ବିଜୁଳି ସୁବିଧା ପାଇପାରିବେ। ଏହି ଅବସରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରେମାନନ୍ଦ ନାୟକ କହିଲେ ଯେ ଏହି ପ୍ରକଳ୍ପ ଦ୍ୱାରା ଅକ୍ଷୟ ଶକ୍ତି କ୍ଷେତ୍ରରେ ରାଜ୍ୟର କ୍ଷମତା ବଢିଛି। ଏହାଦ୍ୱାରା କେନ୍ଦୁଝର ଓ ସାରା ଓଡିଶାବାସୀ ଉପକୃତ ହେବେ । ଭବାନୀପାଟଣାରେ ଉପସ୍ଥିତ ଶକ୍ତି ମନ୍ତ୍ରୀ ଶ୍ରୀ ଦିବ୍ୟ ଶଙ୍କର ମିଶ୍ର କହିଲେ ଯେ ଚରବଳ ସମୟରେ ଗ୍ରୀଡକୁ ଶକ୍ତି ଯୋଗାଇବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ

▶▶ପୃଷ୍ଠା ୭

## କୋଟିଏ ଟଙ୍କାର ବ୍ରାଉନ ସୁଗାର ଜବତ୍: ୩ ଗିରଫ



ବାଲେଶ୍ୱର,୭।୧୧ (ନି.ପ୍ର): ଓଡ଼ିଶା କ୍ରାଇମ ବ୍ରାଞ୍ଚ ପୁଲିସର ସ୍ପେଶାଲ ଟାସ୍କ ଫୋର୍ସ (ଏସଟିଏଫ)ଟିମ୍ ଜିଲ୍ଲା ପୁଲିସ ସହାୟତାରେ ସହଦେବଖୁଣ୍ଟା ଅଞ୍ଚଳରୁ କୋଟିଏ ଟଙ୍କାର ବ୍ରାଉନ ସୁଗାର ଜବତ୍ ସହ ୩ ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମସଜିଦ୍ ଗଳିର ଶେଖ୍ ଜମିର ଓରଫ୍ ଛୋଟୁ, ନୂଆବଜାର ଅଞ୍ଚଳର ପ୍ରଭୁ କୁମାର ସେଠୀ ଓ ଯଶୋଗ୍ନ ଓରଫ୍ ଶୁକୁରା।

▶▶ପୃଷ୍ଠା ୭

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୨୩୮ ଜଣଙ୍କଠାରୁ ଜୋରିମାନା

ଭୁବନେଶ୍ୱର,୭।୧୧ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୨୩୮ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି। ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୭୫୯ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୫୩୪ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି।


## ମାଟ୍ରିକ ପରୀକ୍ଷା ଫର୍ମପୂରଣ ସ୍ଥଗିତ





ଭୁବନେଶ୍ୱର,୭।୧୧ (ନି.ପ୍ର): ମାଟ୍ରିକ ପରୀକ୍ଷା ଫର୍ମପୂରଣ ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଛି। ଫର୍ମ ଫିଲ୍ ଅପ୍ ବିଜ୍ଞପ୍ତିକୁ ପ୍ରତ୍ୟାହାର କରିବାକୁ ମାଧ୍ୟମିକ ଶିକ୍ଷା ପରିଷଦକୁ ନିର୍ଦ୍ଦେଶ ଦେଇଛନ୍ତି ସ୍କୁଲ୍ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ। କରୋନା ଯୋଗୁଁ ସ୍କୁଲ ବନ୍ଦ ରହିଛି ଏବଂ ପାଠପଢା ହୋଇନାହିଁ। ଏପରି ପରିସ୍ଥିତିରେ ମାଟ୍ରିକ୍ ପରୀକ୍ଷା ପାଇଁ ଫର୍ମ ଫଲଅପ୍ ଏଗେ ବିଜ୍ଞପ୍ତି ପ୍ରକାଶ ପାଇବାରୁ ବିବାଦ ଦେଖାଦେଇଥିଲା । ପୂର୍ବରୁ ମାଧ୍ୟମିକ ଶିକ୍ଷା ପରିଷଦ ୯ରୁ ମାଟ୍ରିକ୍ ପରୀକ୍ଷା ପାଇଁ ଫର୍ମ ଫିଲ୍ ଅପ୍ କରିବାକୁ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲା। ବିଏସ୍ଇର ଏହି ବିଜ୍ଞପ୍ତିକୁ ନେଇ ସମାଲୋଚନା ଉପୁଜିଥିଲା। କରୋନା ମହାମାରୀ ପାଇଁ ଯେତେବେଳେ ପାଠ ପଢ଼ା ଠପ୍ ହୋଇଛି, ସେଠାରେ ପରୀକ୍ଷା କିପରି ହେବ ବୋଲି ପ୍ରଶ୍ନ ଉଠାଇ ସମାଲୋଚନା କରିଥିଲା ଓଷ୍ଟା। ଗଣଶିକ୍ଷା ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ମାଧାମିକ ଶିକ୍ଷା ପରିଷଦ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇ ଫର୍ମ-ଫିଲଅପ୍ ସ୍ଥଗିତ ରଖାଗଲା ବୋଲି ଘୋଷଣା କରାଯାଇଛି।

## ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଅଶୋକ ମହାପାତ୍ରଙ୍କ ପରଲୋକ



କଟକ/ଭୁବନେଶ୍ୱର,୭।୧୧ (ନି.ପ୍ର): ଓଡିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ତଥା ହାଇକୋର୍ଟ ବାର୍ ଆସୋସିଏସନର ପୂର୍ବତନ ସଭାପତି ଅଶୋକ କୁମାର ମହାପାତ୍ରଙ୍କର ଶନିବାର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୧ ବର୍ଷ ବୟସ ହୋଇଥିଲା। ପୂର୍ବରୁ କରୋନାରେ ସଂକ୍ରମିତ ହୋଇ ସେ ସୁସ୍ଥ ହୋଇ ଫେରିଥିଲେ। ଗତ କିଛି ଦିନ ହେବ ସେ ଆଉଥରେ ଅସୁସ୍ଥ ହୋଇଥିବାରୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଶନିବାର ଦିନ ୧୨ ସମୟରେ ହୃଦଘାତରେ ତାଙ୍କର ମୃତ୍ୟୁ ଘଟିଥିବା ତାଙ୍କ ପୁଅ ଆଲୋକ ମହାପାତ୍ର ସୂଚନା ଦେଇଛନ୍ତି।


## ଭାଇରାଲ ଅଡିଓ କଥାବାର୍ତ୍ତାକୁ ସ୍ୱୀକାର କଲେ ଜୀବନ: କହିଲେ କାଂଟ ଛାଂଟ ହୋଇଛି



ଭୁବନେଶ୍ୱର,୭।୧୧ (ନି.ପ୍ର): ବିଜେଡିରୁ ନିଲମ୍ବିତ ବାଲେଶ୍ୱରର ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ଏକ ଭାଇରାଲ୍ ଅଡିଓକୁ ନେଇ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ଭାଇରାଲ ଅଡିଓ କଥାବାର୍ତ୍ତା ତାଙ୍କର ବୋଲି ଜୀବନ ସ୍ୱୀକାର କରିଥିବା ବେଳେ ଅଡିଓରେ କାଂଟଛାଂଟ ହୋଇଥିବା ସେ ଅଭିଯୋଗ କରିଛନ୍ତି । ଏହା ଉପରେ ପ୍ରତିକ୍ରିୟା ରଖି କଂଗ୍ରେସ ବିଧାୟକ ସୁରେଶ ରାଉତରାୟ କହିଛନ୍ତି ଯେ ବିଜେପି ବିଜେଡି ଗୋଟିଏ ଦଳ ବୋଲି ଯେଉଁ ଅଭିଯୋଗ କଂଗ୍ରେସ କରୁଥିଲା ତାହା ଜୀବନଙ୍କ ଅଡିଓ ପ୍ରମାଣିତ କରିଛି। ଚିଟଫଣ୍ଡ ସ୍କାମ ଭଳି ବିଭିନ୍ନ ଦୁର୍ନୀତିରେ ସୁରକ୍ଷା ପାଇଁ ଉଭୟ ଏକାଠି ହୋଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସେହିପରି ବିଜେପି ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ଏଭଳି ମନ୍ତବ୍ୟ ଜଣେ ବରିଷ୍ଠ ନେତାଙ୍କ ମୁହଁରେ ସମୀଚିନ ନୁହେଁ। ଶସ୍ତା ମନ୍ତବ୍ୟ ଦେଇ ସେ ନିଜର ବିଶ୍ୱାସନୀୟତା ହରାଇଛନ୍ତି। କଂଗ୍ରେସ ନିଜର ସ୍ଥିତି ଜାହିର କରିବାକୁ ଏଭଳି କହୁଛନ୍ତି। ବିଜେଡି ପକ୍ଷରୁ ପ୍ରତିକ୍ରିୟା ରଖି ବିଜେଡି ବିଧାୟକା ପ୍ରମିଳା ମଲ୍ଲିକ କହିଛନ୍ତି ଯେ ବାଲେଶ୍ୱରରେ

▶▶ପୃଷ୍ଠା ୭

## ମହାନଦୀ ବିବାଦ : ଛତିଶଗଡକୁ ବ୍ୟାରେଜ୍ ଗୁଡିକର ତଥ୍ୟ ମାଗିଲା ଓଡିଶା



ଭୁବନେଶ୍ୱର,୭।୧୧ (ନି.ପ୍ର): ମହାନଦୀ ଉପରେ ନିର୍ମାଣ ହୋଇଥିବା ବ୍ୟାରେଜଗୁଡିକର ସବିଶେଷ ତଥ୍ୟ ପ୍ରଦାନ କରିବାକୁ ଓଡ଼ିଶା ଛତିଶଗଡକୁ ଦାବି କରିଛି। ଶନିବାର ଦିନ ମହାନଦୀ ଜଳ ବିବାଦକୁ ନେଇ ଟ୍ରିବ୍ୟୁନାଲରେ ଶୁଣାଣି ସମୟରେ ଓଡ଼ିଶା ଛତିଶଗଡକୁ ଏହି ଦାବି କରିଛି। ସାଧାରଣ ସୂଚନା ଫର୍ମାଟରେ ଆବଶ୍ୟକ ବିବରଣୀ ପ୍ରଦାନ କରିବାକୁ ଓଡ଼ିଶା ଛତିଶଗଡକୁ କହିଛି। ଡିସେମ୍ବର ୫ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଟ୍ରିବ୍ୟୁନାଲ କହିଛନ୍ତି ଯେ ଛତିଶଗଡ କେତେ ବ୍ୟାରେଜ ନିର୍ମାଣ କରିଛି, ସେମାନଙ୍କର କ୍ଷମତା ଏବଂ ଉଚ୍ଚତା ଟ୍ରିବ୍ୟୁନାଲ ଦ୍ୱାରା ନିଯୁକ୍ତ ଆସେସରଙ୍କୁ ସବିଶେଷ ତଥ୍ୟ ପ୍ରଦାନ ନକଲେ ମଧ ଓଡିଶା ଆବେଦନ କରିପାରିବ। ଏତଦ୍ବ୍ୟତୀତ, ଅଣ-ମୌସୁମୀ ସମୟରେ ହିରାକୁଦ ଡ୍ୟାମକୁ କେତେ ଜଳ ଛଡାଯାଉଛି ସେନେଇ ଡିସେମ୍ବର ୫ରେ ଧାର୍ଯ୍ୟ ହୋଇଥିବା ପରବର୍ତ୍ତୀ ତାରିଖରେ ଶୁଣାଣି କରିବାକୁ ଓଡ଼ିଶା ଟ୍ରିବ୍ୟୁନାଲକୁ ଅନୁରୋଧ କରିଥିଲେ। ଉଲ୍ଲେଖଯୋଗ୍ୟ, ହିରାକୁଦ ଡ୍ୟାମକୁ ମହାନଦୀ ନଦୀ ଜଳ ଛାଡିବା ନେଇ ଓଡିଶା ଓ ଛତିଶଗଡ ବିବାଦ ଲାଗି ରହିଛି ।

## ସ୍ୱର୍ଗଦ୍ୱାର ସୁପରିଚାଳନା ଦାୟିତ୍ୱ ସ୍ୱର୍ଗଦ୍ୱାର ସେବା ସମିତିକୁ ହସ୍ତାନ୍ତର ଅନୁମତି ପ୍ରଦାନ କଲେ ରାଜ୍ୟ ସରକାର

ପୁରୀ,୭।୧୧ (ନି.ପ୍ର): ସ୍ୱର୍ଗଦ୍ୱାରକୁ ସୁବ୍ୟବସ୍ଥିତ ଭାବେ ପରିଚାଳିତ କରିବା ପାଇଁ ରାଜ୍ୟ ସରକାର ସ୍ୱର୍ଗଦ୍ୱାର ସେବା ସମିତିକୁ ଅନୁମତି ପ୍ରଦାନ କରିଛନ୍ତି। ଏ ସଂପର୍କରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଜିଲ୍ଲା ପ୍ରଶାସନକୁ ଚିଠି ମାଧମରେ ଜଣାଇଛନ୍ତି । ସ୍ୱର୍ଗଦ୍ୱାର ସେବା ସମିତକୁ ସୋସାଇଟି ରେଜିଷ୍ଟ୍ରେସନ ଆଇନ ଅନୁସାରେ ପଞ୍ଜିକୃତ କରାଯାଇଛି। ଏହି ସମିତି ସ୍ୱର୍ଗଦ୍ୱାର ସୁପରିଚାଳନା ପାଇଁ କାର୍ଯ୍ୟ କରିବ । ଏହି ସମିତିରେ ୯ଜଣ ସଦସ୍ୟ ରହିଛନ୍ତି । ଅଧକ୍ଷଭାବେ ଜିଲ୍ଲାପାଳ ରହିଛନ୍ତି । ଉପଜିଲ୍ଲାପାଳ ଆବାହକ ସଂପାଦକ ରହିଛନ୍ତି। ଏସପି, ଓଡିଶା ବନ


▶▶ପୃଷ୍ଠା ୭

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୫୦,୩୫୭ ନୂଆ ମାମଲା: ୫୭୭ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୭।୧୧ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧରେ ୫୦,୩୫୭ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୫୭୭ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୮୪,୬୨,୦୮୧ରେ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୫,୧୬,୬୩୨ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧,୨୫,୫୬୨ ଜଣ ମୃତ୍ୟୁ ବରଣ କରିଛନ୍ତି।

## ରାଜ୍ୟରେ ଆଉ ୧୭ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୧୪୧୦ ହେଲା

ଭୁବନେଶ୍ୱର,୭।୧୧ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୭ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୪୧୦ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଖୋର୍ଧା ଜିଲ୍ଲାର ୩ ଜଣ ଥିବା ବେଳେ କଟକ, ମୟୂରଭଂଜ, ସମ୍ବଲପୁର ଓ ବରଗଡ ଜିଲ୍ଲାର ୨-୨ ଜଣ ଅଛନ୍ତି । ଏହା ବାଦ, ପୁରୀ, ବାଲେଶ୍ୱର, କୋରାପୁଟ, କଳାହାଣ୍ଡି, କେନ୍ଦ୍ରାପଡା ଓ ଭଦ୍ରକ ଜିଲ୍ଲାର ଜଣେ ଜଣେ ଅଛନ୍ତି ।



ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାରେ ୬୩ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି। କଟକ ଜିଲ୍ଲାରେ ଜଣେ ୬୭ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ମୟୁରଭଂଜ ଜଣେ ୫୮ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି। ମୟୁରଭଂଜ ଜିଲ୍ଲାର ଜଣେ ୬୬ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ । ସମ୍ବଲପୁର ଜିଲ୍ଲାର ଜଣେ ୪୫ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି।

▶▶ପୃଷ୍ଠା ୭

## ମହାରାଷ୍ଟ୍ରରେ ଗତ ୨୪ ଘଂଟାରେ ୩,୯୫୯ କରୋନାର ନୂଆ ମାମଲା

ମୁମ୍ବାଇ ,୭।୧୧ (ନି.ପ୍ର): ମହାରାଷ୍ଟ୍ରରେ ଗତ ୨୪ ଘଂଟାରେ ୩,୯୫୯ ନୂଆ କରୋନାର ମାମଲା ସାମନାକୁ ଆସିଛି। ଏହି ସମୟ ମଧ୍ୟରେ ୧୫୦ ଜଣଙ୍କର ମୃତ୍ୟୁ ଘଟିଛି। ପ୍ରଦେଶ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆ ଯାଇଛି।

## ଗୋଟିଏ ଦିନରେ ୧୩୭୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୭।୧୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୩୭୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୦୦୧୪୦ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୨୮୫୧୭୪ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୧୩୫୦୩ ରହିଛି । ଆଜି ଚିହ୍ନଟ ହୋଇଥିବା ୧୩୭୨ ଜଣଙ୍କ ମଧ୍ୟରୁ ୭୯୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୫୭୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ

▶▶ପୃଷ୍ଠା ୭

# ୧୦ଫୁଟ୍ ଲମ୍ବର ଅଜଗର ସାପ ଉଦ୍ଧାର



ନୀଳଗିରି ,୭।୧୧ (ନି.ପ୍ର): ଚାଷ ଜମିରୁ ଏକ ଦଶଫୁଟ୍ ଲମ୍ବର ଅଜଗର ସାପକୁ ନୀଳଗିରି ଅଂଚଳର ଯୁବ ସମାଜସେବୀ ତଥା ଟୁରିଷ୍ଟ୍ ଗାଇଡ୍ ମନୋରଂଜନ ଦାଶ ଉଦ୍ଧାର କରି କୁଳଡିହା ଅଭୟାରଣ୍ୟରେ ଛାଡ଼ିଛନ୍ତି । ସୂଚନା ଅନୁସାରେ ବାହାନଗା ବ୍ଲକ୍‌ର କଷପା ଜୟପୁର ପଂଚାୟତର ଡାଲିଙ୍ଗିଆ ଗ୍ରାମର ଦିବାକର ସ୍ୱାଇଁଙ୍କ ବାଡିରେ କରିଥିବା ପନିପରିବା ଚାଷ ଜମିରେ ପଶୁପକ୍ଷୀ ଦାଉରୁ ସୁରକ୍ଷା ପାଇଁ ଜାଲ ଘେରିଛନ୍ତି । ଗତକାଲି ରାତିରେ ଏକ ୧୦ ଫୁଟ ଲମ୍ବର ଅଜଗର ସାପଟି ଖାଦ୍ୟ ଅନ୍ୱେଷଣରେ ଆସି ଜାଲରେ ପଡିଯାଇଥିଲା । ସକାଳେ ଦିବାକର ଉଠିବା କ୍ଷଣି ବାଡିରେ ଗର୍ଜନ ଶୁଣି ଘଟଣା ସ୍ଥଳକୁ ଯିବାରୁ ଜାଲରେ ପଡିଥିବା ଅଜଗରକୁ ଦେଖି ଡରିଯାଇଥିଲେ । ଘଟଣା ସମ୍ପର୍କରେ ଟୁରିଷ୍ଟ ଗାଇଡ ମନୋରଂଜନ ଦାସଙ୍କୁ ଖବର ଦେବା ପରେ ଉକ୍ତ ସାପଟିକୁ ଉଦ୍ଧାର କରି ଶ୍ରୀ ଦାସ ପଂଚଲିଙ୍ଗେଶ୍ୱର ସ୍ଥିତ କୁଳଡିହା ଅଭୟାରଣ୍ୟରେ ଛାଡିଥିବା ଜଣାପଡିଛି ।

# ଷ୍ଟାମ୍ପଭେଣ୍ଡରଙ୍କୁ ଇ-ଷ୍ଟାମ୍ପରେ ସାମିଲ୍ ପାଇଁ ଦାବି

ଭୁବନେଶ୍ୱର,୭।୧୧ (ନି.ପ୍ର): କୋଭିଡ୍ କଟକଣା ପରେ ଷ୍ଟାମ୍ପ ବିକ୍ରିକରି ଗୁଜୁରାଣ ମେଂଟାଇ ପାରୁନାହାଁନ୍ତି ଷ୍ଟାମ୍ପ ଭେଣ୍ଡର । ଏଥି ପାଇଁ ଷ୍ଟାମ୍ପ ଭେଣ୍ଡରଙ୍କୁ ଇ-ଷ୍ଟାମ୍ପ୍‌ରେ ସାମିଲ ପାଇଁ ଦାବି ହୋଇଛି । ପ୍ରକାଶ ଥାଉକି, ଜମି କିଣା ବିକା, ବିଭିନ୍ନ ଚୂକ୍ତି, ଶପଥପାଠ ଆଦି କାର୍ଯ୍ୟରେ ଷ୍ଟାମ୍ପ ପେପର ବିକ୍ରି ହୁଏ । ରାଜ୍ୟରେ ୪ହଜାରରୁ ଉର୍ଦ୍ଧ ଷ୍ଟାମ୍ପ ଭେଣ୍ଡର ରହିଥିବା ବେଳେ ଏହି ଷ୍ଟାମ୍ପ ବିକ୍ରି ଦ୍ୱାରା ସେମାନଙ୍କ ୨୦ହଜାର ପରିବାର ସଦସ୍ୟ ଗୁଜୁରାଣ କରନ୍ତି । ଏବେ ଲକ୍ ଡାଉନ୍ ପରେ ଷ୍ଟାମ୍ପ ପେପର ବିକ୍ରି ମରୁଡ଼ି ହୋଇଛି । ହାତ ଗଣତି ଇ-ଷ୍ଟାମ୍ପ ବିକ୍ରେତାଙ୍କ ଯୋଗୁଁ କାଗଜ ଷ୍ଟାମ୍ପ ପୂର୍ବ ପରି ବିକ୍ରି ହେଉନାହିଁ । ଏବେ ଲୋକମାନେ ସାଧା କାଗଜରେ ଘରେ ଦଲିଲ୍ ପ୍ରସ୍ତୁତ କରି ଇ-ଷ୍ଟାମ୍ପ କରିବାଫଳରେ ଭେଣ୍ଡରମାନେ ହାତବାନ୍ଧି ବସିଛନ୍ତି । ତେବେ ଏହାର ସମାଧାନ ପାଇଁ ଆଇ.ଜି.ଆର୍ ଗତ ସେପ୍ଟେମ୍ବର ୧୫ତାରିଖରେ ଚିଠି ନଂ ୩୨୧୮ରେ ଭେଣ୍ଡରମାନଙ୍କୁ ଇ-ଷ୍ଟାମ୍ପରେ ସାମିଲ୍ କରି ଶତକଡ଼ା ୧ ରୁ ୧.୫ କମିସନ୍ ଦେବାକୁ ରାଜସ୍ୱ ବିଭାଗକୁ ଏକ ପତ୍ର ମାଧ୍ୟମରେ ଜଣାଇଥଇଲେ । କିନ୍ତୁ ୫୦ଦିନ ବିତିଯାଇଥିଲେ ମଧ୍ୟ ଫାଇଲଟି ରାଜସ୍ୱ ବିଭାଗରେ ପଡ଼ିରହିଅଛି । ତେଣୁ ଏନେଇ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ରାଜସ୍ୱ ସଚିବ ଓ ୫ଟି ସଚିବ ହସ୍ତକ୍ଷପ କରିବାକୁ ଓଡ଼ିଶା ଷ୍ଟାମ୍ପ ଭେଣ୍ଡରଙ୍କୁ ମହାସଂଘର ପୂର୍ବତନ ସଂପାଦକ ବେଣୁଧର ମିଶ୍ର ଓ ଭୁବନେଶ୍ୱର ସଂଘର ପୂର୍ବତନ ସଂପାଦକ ବିନୋଦ କୁମାର ରାଉତ ସରକାରଙ୍କ ପାଖରେ ଦାବି କରିଛନ୍ତି ।

# ବାଇକ ଧକ୍କାରେ ପୂର୍ବତନ ଆରଆଇ ଗୁରୁତର

ନୀଳଗିରି ,୭।୧୧ (ନି.ପ୍ର): ସଂନ୍ଧ୍ୟା ପ୍ରାୟ ୪.୩୦ ମିନିଟ ସମୟରେ ନୀଳଗିରି ସହରର କଦମ୍ବସାହି ଛକଠାରୁ ମାତ୍ର ୨୦୦ ମିଟର ଦୂରରେ ପୂର୍ବତନ ଆରଆଇ ତଥା ନୀଳଗିରି ଏନଏସି ଅଧିନସ୍ଥ ୪ ନଂ ୱାର୍ଡ ମିରିଗିଣି ଗ୍ରାମର ବାସିନ୍ଦା ଭରତ କୁମାର ପରିଡା ଛିଡା ହୋଇ ବନ୍ଧୁଙ୍କ ସହିତ କଥା ହେଉଥିବାବେଳେ ଇଂଜିନିୟରିଂ ଛାତ୍ର ଜଣକ ହଠାତ ପଛପଟୁ ଭାରସାମ୍ୟ ହରାଇ ପୂର୍ବତନ ଆରଆଇ ଭରତ ପରିଡାଙ୍କୁ ଧକ୍କା ଦେବାରୁ କେନାଲ ପାର୍ଶ୍ୱକୁ ଛିଟିକି ପଡିଥିଲେ । ଫଳରେ ତାଙ୍କର ଡାହାଣ ହାତର ଚତୁର୍ଥ ଆଙ୍ଗୁଳିଟି ସମ୍ପୂର୍ଣ୍ଣ ଭାବେ କଟି ପଳାଇଥିଲା ବେଳେ ତାଙ୍କ ଛାତି , ଅଂଟା, ଗୋଡରେ ଆଘାତ ଲାଗିବାରୁ ସେ ଗୁରୁତର ଆହାତ ହୋଇଛନ୍ତି । ସ୍ଥାନୀୟ ଲୋକେ ତାଙ୍କୁ ସଂଗେ ସଂଗେ ଏକ ଗାଡିରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ । ଏହି ଖବର ପ୍ରଚାରିତ ହେବା କ୍ଷଣି ତାଙ୍କ ସମ୍ପର୍କୀୟ ମାନେ ଘଟଣାସ୍ଥଳରେ ପହଂଚି ଇଂଜିନିୟର ଛାତ୍ର ଓ ତାଙ୍କ ଗାଡିକୁ ମିରିଗିଣି ଗାଁ ମୁଣ୍ଡ ଟାୟାର ଦୋକାନ ନିକଟରେ ଅଟକ ରଖିଥିଲେ । ଏହି ଖବର ପ୍ରଚାରିତ ହେବାକ୍ଷଣି ଇଂଜିନିୟର ଛାତ୍ରଙ୍କ ସହଯୋଗୀ ଓ ନୀଳଗିରି ଅଂଚଳର କିଛି ଯୁବକ ସେଠାରେ ପହଂଚିବାରୁ ଉଭୟ ଗୋଷ୍ଠୀ ମଧ୍ୟରେ ହାତାହାତି ହୋଇଥିଲା । ଦୁର୍ଘଟଣା ଘଟାଇଥିବା ଛାତ୍ର ଜଣକ ଚଳାଉଥିବା ବାଇକ ଓଡି୦୧ ଡବ୍ଲ୍ୟୁ-୨୨୫ ଲେଖାହୋଇଥିବା ବେଳେ ମଝିରେ ଗୋଟିଏ ନମ୍ବର ନାହିଁ । ଛାତ୍ର ଜଣକ ମହାଲକ୍ଷ୍ମୀ ଇଂଜିନିୟରିଂ କଲେଜର ଛାତ୍ର ତଥା ମିତ୍ରପୁର ଅଂଚଳର ବୋଲି ଜଣାପଡିଛି । ଖବର ଲେଖିବା ବେଳକୁ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ ହୋଇନଥିବା ଜଣାପଡିଛି । ଦିନକୁ ଦିନ ଇଂଜିନିୟତ ଛାତ୍ର ମାନେ ପଥଭ୍ରଷ୍ଟ ହେଉଥିବାରୁ ଏଥିପ୍ରତି ସ୍ଥାନୀୟ ପ୍ରଶାସନ କଲେଜ କତୃପକ୍ଷ ସଚେତନ ରହିବାକୁ ସାଧାରଣରେ ଦାବୀ ହୋଇଛି ।

# ଲୁଲୁ ମହାପାତ୍ରଙ୍କ ୪ର୍ଥ ଶ୍ରାଦ୍ଧ ବାର୍ଷିକୀରେ ତିଳତର୍ପଣ ଓ ପ୍ରାର୍ଥନା ସଭା

ଭୁବନେଶ୍ୱର,୭।୧୧ (ନି.ପ୍ର): ଲୁଲୁ ମହାପାତ୍ର ରାଜ୍ୟସ୍ତରୀୟ ସ୍ମୃତି କମିଟି ପକ୍ଷରୁ ପୂର୍ବତନ ବିଧାୟକ ସ୍ୱର୍ଗତ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ୪ର୍ଥ ଶ୍ରାଦ୍ଧ ବାର୍ଷିକୀ ଭୁବନେଶ୍ୱର ୯ ନମ୍ବର ସ୍ଥିତ ରାଧାକୃଷ୍ଣ ମନ୍ଦିର ଠାରେ ପାଳିତ ହୋଇଯାଇଛି । ଏହା ପୂର୍ବରୁ ପୂର୍ବାହ୍ନରେ କୁଆଖାଇ ନଦୀରେ ସ୍ୱର୍ଗତ ମହାପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶତାଧିକ କଂଗ୍ରେସ କର୍ମୀ ସମୂହ ତିଳତର୍ପଣ କରିଥିଲେ । ପରେ ରାଧାକୃଷ୍ଣ ମନ୍ଦିର ଠାରେ ସ୍ୱର୍ଗତ ମହାପାତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇ ସ୍ମୃତି ଉଦ୍ଦେଶ୍ୟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହାପରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା । ପରେ ସ୍ମୃତି କମିଟି ଅଧକ୍ଷ ଶ୍ରୀ ଶୁଭେନ୍ଦୁ ମହାନ୍ତିଙ୍କ ଅଧକ୍ଷତାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ସମ୍ମାନୀତ ଅତିଥି ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସ, କଂଗ୍ରେସ ନେତା ଜାନକୀ ବଲ୍ଲଭ ପଟ୍ଟନାୟକ, ବିଶ୍ୱଭୂଷଣ ଦାସ, ମନୋଜ ସାହୁ, ମନ୍ମଥ ରାଉତରାୟ, ନାରାୟଣ ଜେନା, କିଷାନ ପଣ୍ଡା ପ୍ରମୁଖ ସ୍ମୃତିଚାରଣ କରି କହିଲେ ଯେ ଲୁଲୁ ବାବୁ ଯୁବ ମାନସର ପ୍ରତୀକ ଥିଲେ ଏବଂ ଜଣେ ଦକ୍ଷ ସଂଗଠକ ଭାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ରାଜନୀତିରେ ସତ୍ୟରୁ ସେ କେବେ ବିଚ୍ୟୁତ ହେଉନଥିଲେ । ତାଙ୍କର ନିର୍ଭୀକତା ଓ ସ୍ପଷ୍ଟବାଦିତାକୁ ଆଜିର ଯୁବ ସମାଜ ଅନୁସରଣ କରିବା ଉଚିତ୍ ବୋଲି ବକ୍ତାମାନେ କହିଥିଲେ । ପରେ ଉପସ୍ଥିତ ଥିବା ଲୁଲୁ ମହାପାତ୍ର ଅନୁଗାମୀମାନଙ୍କୁ କମିଟି ଅଧକ୍ଷ ଶ୍ରୀ ଶୁଭେନ୍ଦୁ ମହାନ୍ତି ଆଗାମୀ ୨୦୨୪ ନିର୍ବାଚନରେ ରାଜ୍ୟରେ କଂଗ୍ରେସ ଦଳକୁ କ୍ଷମତାକୁ ଫେରାଇ ଆଣିବାକୁ ସଂକଳ୍ପ କରାଇଥିଲେ ।

# ଆଇନ ସେବା ପ୍ରାଧିକରଣ ତରଫରୁ ବର୍ଜ୍ୟ ବସ୍ତୁ ପରିଚାଳନା ସମ୍ପର୍କିତ ଅନଲାଇନ ଆଲୋଚନା

କନ୍ଧମାଳ,୭।୧୧ (ନି.ପ୍ର): କନ୍ଧମାଲ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକ କଠିନ ବର୍ଜ୍ୟ ବସ୍ତୁ ପରିଚାଳନା ସମ୍ପର୍କିତ ଆଇନ ଏବଂ ଏହାର ଉପୋଯୋଗ ସମ୍ପର୍କୀତ ଆଲୋଚନା ଚକ୍ର ଭିଡିଓ ଜରିଆରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ପତଞ୍ଜଳି ସାହୁ ଅଧ୍ୟକ୍ଷତା କରିଥିବାବେଳେ ଫୁଲବାଣୀ ପୌର ପରିଷଦର ନିର୍ବାହୀ ଅଧିକାରୀ ବଳଦେବ ବେହେରା ସାଧନ କର୍ମୀ ଭାବରେ ଯୋଗ ଦେଇଥିଲେ । ଏଥିରେ କଠିନ ବର୍ଜ୍ୟ ବସ୍ତୁ ଏବଂ ତରଳ ବର୍ଜ୍ୟ ବସ୍ତୁ ବାବଦରେ ଆଲୋଚନା କରି ସେ କହିଥିଲେ ଯେ ଲୁହା କଣ୍ଟାଠାରୁ ଆରମ୍ଭ କରି ପଲିଥିନ ପର୍ଯ୍ୟନ୍ତ କଠିନ ବର୍ଜ୍ୟ ବସ୍ତୁ ଗୁଡିକ ବିଘଟନ ହେବାରେ ଅଧିକ ସମୟ ନେଉଥିବାବେଳେ ସେଥି ମଧ୍ୟରୁ କିଛି ବିଘଟିତ ହେଉନାହିଁ । ଅନ୍ୟ ପକ୍ଷରେ ପନିପରିବା ଚୋପା ଠାରୁ ଆରମ୍ଭ କରି ବଳକା ଖାଦ୍ୟ ଦ୍ରବ୍ୟ ଭଳି ଅନ୍ୟାନ୍ୟ ତରଳ ବର୍ଜ୍ୟ ବସ୍ତୁ ଗୁଡିକ ବିଘଟିତ ହୋଇ ଜୈବିକ ସାର ରୁପରେ ରୁପାନ୍ତରିତ ହୋଇଥାଏ । ତେଣୁ ଏହାର ସଠିକ ପରିଚାଳନା କଲେ ସେଗୁଡିକ ପରିବେଷକୁ ଦୁଷିତ କରିବା ପରିବା ପରିବର୍ତେ ଜୈବିକ ସାରରେ ରୁପାନ୍ତରିତ ହୋଇ ସମାଜର ଉପକାରରେ ଆସିବ ବୋଲି କହିଥିଲେ । ଫୁଲବାଣୀ ପୌରାଂଚଳରେ ପ୍ରତି ଦିନ ୫.୭ ଟନ ତରଳ ବର୍ଜ୍ୟ ବସ୍ତୁ ବାହାରୁଥିବାବେଳେ ୩.୮ ଟନ୍ କଠିନ ବର୍ଜ୍ୟ ବସ୍ତୁ ବାହାରୁଛି । ସେହି ଗୁଡିକର ସଠିକ ଉପୋଯୋଗ କରିବାକୁ ବ୍ୟବସ୍ଥା ମଧ୍ୟ କରାଯାଇଛି ବୋଲି କହିଥିଲେ । ଏହି ଅନଲାଇନ ଆଲୋଚନା ଚକ୍ରରେ ଫୁଲବାଣୀର ଛାତ୍ରଛାତ୍ରୀ ଏବଂ ଅଆଇନ ସେବା ପ୍ରାଧିକରଣର ସ୍ୱେଚ୍ଛାସେବୀ ମାନେ ଯୋଗ ଦେଇଥିଲେ ।

# କୋଭିଡ ଗାଇଡଲାଇନ ଉଲ୍ଲଂଘନ ଅଭିଯୋଗରେ ରାଜ୍ୟରେ ୨ ଟି ମାମଲା, ୧୫ଗିରଫ

ଭୁବନେଶ୍ୱର, ୦୬ ନଭେମ୍ବର – ଗତ ୨୪ ଘଂଟା ମଧ୍ୟରେ କୋଭିଡ ଗାଇଡଲାଇନ ଉଲ୍ଲଂଘନ ଅଭିଯୋଗରେ ରାଜ୍ୟରେ ୨ ଟି ମାମଲା ରୁଜୁ ହୋଇଛି । ଏହି ସମୟ ମଧ୍ୟରେ ୧୫ ଜଣ ଗିରଫ ହୋଇଛନ୍ତି । ୭୪୮ ଟି ବାହନକୁ ଜବତ କରା ଯାଇଛି । ୧୭,୮୭,୫୫୦ଟଙ୍କା ଜୋରିମାନା ଆକାରରେ ଆଦାୟ କରା ଯାଇଛି । ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ଏହି ସୂଚନା ଦିଆ ଯାଇଛି ।

# ଭାରତୀୟ ଅର୍ଥନୀତି ବିକାଶ ଗୋସମ୍ପଦ ସୁରକ୍ଷା ଦ୍ୱାରା ସମ୍ଭବ : କେନ୍ଦ୍ରମନ୍ତ୍ରୀ ପ୍ରତାପ



ନୀଳଗିରି ,୭।୧୧ (ନି.ପ୍ର): ଗୋମାତା ତଥା ଗୋ ବଂଶର ଉତମ ପରିଚାଳନ ତଥା ସୁରକ୍ଷା ଦ୍ୱାରା ଭାରତୀୟ ଅର୍ଥନୀତିକୁ ସୁଦୃଢ ତଥା ପରିପୁଷ୍ଟ କରାଯାଇ ପାରିବ ବୋଲି ଅଖିଳଭାରତ ଅମୃତବାଣୀ ସେବା ପ୍ରତିଷ୍ଠାନର ଅମୃତ ବିହାର ପରିସରରେ ପ୍ରସ୍ତାବିତ ଗୋ ବିଶ୍ୱବିଦ୍ୟାଳୟର ବୃହତ ଗୋଶାଳାର ଭୁମିପୁଜନ ଉତ୍ସବରେ କେନ୍ଦ୍ର ଗୋ ଓ ପଶୁପାଳନ ମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମତବ୍ୟକ୍ତ କରିବା ସହ ଗୋଶାଳାର ଭୁମିପୁଜନ କରିଥିଲେ । ଉକ୍ତ ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ଗୋସେବକ ସତୀଶ ଚନ୍ଦ୍ର ଅଗ୍ରୱାଲ ଉପସ୍ଥିତ ରହି ଏକ ଭବ୍ୟ ଗୋଶାଳାର ନିର୍ମାଣରେ ପୁର୍ଣ୍ଣ ସହଯୋଗର ପ୍ରତିଶୃତି ଦେଇଥିଲେ । ଅଖିଳଭାରତ ଅମୃତବାଣୀ ସେବା ପ୍ରତିଷ୍ଠାନର ରାଷ୍ଟ୍ରିୟ କାର୍ଯ୍ୟକାରୀ ଅଧକ୍ଷ ଡ. କୁମାର ଚନ୍ଦ୍ର ମିଶ୍ର ସଂସ୍କୃତ ଭାଷାର ପ୍ରଚାର ପ୍ରସାର ସହିତ ଗୋସମ୍ପଦର ବିକାଶ ପାଇଁ ଏକ ଗୋ ବିଶ୍ୱବିଦ୍ୟାଳୟର ପରିକଳ୍ପନା କରାଯାଇଥିବା ବିଷୟରେ ମତବ୍ୟକ୍ତ କରିଥିଲେ । ଏହି ଭୁମିପୁଜନ ଉତ୍ସବରେ ଅମୃତବାଣୀ ଗୁରୁକୁଳ ଶିକ୍ଷା କେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ଶ୍ରୀମତୀ ମନାରାଣୀ ପାଳିତ, ବେଦ ବିଦ୍ୟାଳୟ ପ୍ରଧାନ ଆଚର୍ଯ୍ୟ ତପନ କୁମାର ପଣ୍ଡା, ହରିଶଚନ୍ଦ୍ର ମହାନ୍ତି, ଅମୃତବାଣୀର ରାଷ୍ଟ୍ରିୟ ମହାସଚୀବ ଜୟପ୍ରକାଶ ଶାସ୍ତ୍ରୀ, ଶଶିକାନ୍ତ ପରିଡା, ଜ୍ଞାନରଂଜନ ନାୟକ, ଇଂ କମଳାକାନ୍ତ ନାୟକ, ଅଜୟ କୁମାର ମହାପାତ୍ର, ବିଷ୍ଣୁପ୍ରିୟା ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ବିଷ୍ଣୁପ୍ରିୟା ରଥ, ସୁଧାଂଶୁ ଶେଖର ଜେନା, ଜ୍ଞାନରଂଜନ ବେହେରା, ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ବାପୁଜୀ ଜେନା, ସତ୍ୟନାରାୟଣ ଷଡଙ୍ଗୀ, ଲମ୍ବଧର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ ।

# ଅଧିକ ଯୌତୁକ ଦାବିରେ ମହିଳାଙ୍କୁ ହତ୍ୟା ଅଭିଯୋଗ

ବାରିପଦା,୭।୧୧ (ନି.ପ୍ର): ମୟୁରଭଂଜ ଜିଲ୍ଲା ଗୋରୁ ମହିଷାଣୀ ଥାନା ଅନ୍ତର୍ଗତ ମୁଚିଆନେତ୍ରୀ ଗ୍ରାମର ଦୀପକ ମଣ୍ଡଳଙ୍କ ସ୍ତ୍ରୀ ଦୁର୍ଗା ମଣ୍ଡଳ (୨୦) ଗୁରୁବାର ଦିନ ମଧ୍ୟାହ୍ନରେ ଘରେ କେହି ନ ଥିବା ବେଳେ ଲୁଙ୍ଗିରେ ଫାଶୀ ହୋଇ ମରିଥିବା ସୂଚନା ମିଳିଛି । ଦୁର୍ଗାଙ୍କୁ ପରିବାର ଲୋକେ ରାଇରଙ୍ଗପୁର ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଆଣିଥିଲେ ଓ ଡାକ୍ତର ତାଙ୍କୁ ରିସିଭ ଡେଥ ଘୋଷଣା କରିଥିଲେ । ଶୁକ୍ରବାର ଦିନ ବାପଘର ଲୋକେ ଦୀପକ ଓ ଏବଂ ତାଙ୍କ ପରିବାର ଲୋକେ ଯୌତୁକ ନେଇ ହତ୍ୟା କରିଥିବା ବିଷୟକୁ ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହାକୁ ନେଇ ଗୋରୁ ମହିଷାଣୀ ଥାନାରେ କେଶ୍ ନଂ. ୭୪/୨୦ରେ ଏକ ମାମଲା ରୁଜୁ ହେବା ସହ ତଦନ୍ତ ଚାଲିଛି ।

# ଓକିଲଗୁଡା ପଥର ଖାଦାନରେ ବିସ୍ପୋରଣ ଘଟଣା: ଅଞ୍ଚଳକୁ ନିଶିଦ୍ଧାଞ୍ଚଳ ଘୋଷଣା, ସୁପରଭାଇଜର ନିଲମ୍ବିତ



ଗୁଣୁପୁର - ରାୟଗଡ଼ା ଜିଲ୍ଲା ଗୁଣୁପୁର ସହର ସ୍ଥାନୀୟ ଓକିଲଗୁଡା ପଥର ଖାଦାନ ବିସ୍ପୋରଣ ମାମଲାରେ ଜିଲ୍ଲା ପ୍ରଶାସନ ପୁଣି ଥରେ କଡା ଆଭିମୁଖ୍ୟ ଗ୍ରହଣ କରିଛି । ପୂର୍ବରୁ କୈଫତ ମଗା ଯାଇଥିବା ଗୁଣୁପୁର ତହସିଲର ଆଉ ଚାରି କର୍ମଚାରୀଙ୍କ ଉତ୍ତର ସନ୍ତୋଷଜନକ ନ ହେବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଯାଇଛି । ତହସିଲର ଅତିରିକ୍ତ ତହସିଲଦାର କୁଶ ଗରଡ଼ାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ପ୍ରଶାସନ ରାଜ୍ୟ ସରକାରଙ୍କୁ ସୁପାରିଶ କରିଥିବା ବେଳେ ସୁପରଭାଇଜର ଶରତ ଚନ୍ଦ୍ର ଆନନ୍ଦଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିବା ଜଣାପଡିଛି । ଅନ୍ୟ ପକ୍ଷେ ସଦର ରାଜସ୍ୱ ନିରୀକ୍ଷକ ସନ୍ତୋଷ କୁମାର ଦାସଙ୍କୁ ମୁନିଗୁଡା ବଦଳି କରାଯାଇଛି । ପୂର୍ବରୁ ଉକ୍ତ ଘଟଣାରେ ଗତମାସ ୧୮ ତାରିଖରେ ଏଠାରେ ଦାୟିତ୍ୱରେ ଥିବା ଜଣେ ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଅନୁପ କୁମାର ମାର୍ଥାଙ୍କୁ ଜିଲା ପ୍ରଶାସନ ନିଲମ୍ବନ କରିଥିଲା । ପରେ ୨୧ ତାରିଖରେ ତହସିଲଦାର ଲକ୍ଷ୍ମୀ ନାରାୟଣ ସାବତଙ୍କୁ ରାଜ୍ୟ ସରକାର ନିଲମ୍ବନ କରିଥିଲେ । ଏହି ବିସ୍ପୋରଣ ଘଟଣାକୁ ନେଇ ଗୁଣୁପୁର ତହସିଲ କାର୍ଯ୍ୟାଳୟ ଓ ସ୍ଥାନୀୟ ପୁଲିସ ବିଭାଗର କାର୍ଯ୍ୟ ସନ୍ଦେହ ଘେରକୁ ଆସିଥିଲା । ପରବର୍ତ୍ତି ଅବସ୍ଥାରେ କାର୍ଯ୍ୟାନୁଷ୍ଠାନ ବେଳକୁ ରାଜସ୍ୱ ବିଭାଗ ଦୁଇ ପାଦ ଆଗରେ ରହିଥିବା ବେଳେ ପୁଲିସ ବିଭାଗ ଚେଇଂ ଶୋଇଥିବା ଲୋକେ ଆଲୋଚନା କରୁଛନ୍ତି । ଆଜି ପର୍ଯ୍ୟନ୍ତ ପୋଲିସ ବିରୋଧରେ କଣ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି ବୋଲି ସାଧାରଣରେ ଚର୍ଚ୍ଚା ଯୋର୍ ଧରିଛି । ପୁଲିସର ଦୋଷ ଲୁଚି ଯିବ କି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି ।

# ବିଧାନସଭା ପରିସରରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ଭୁବନେଶ୍ୱର,୭।୧୧ (ନି.ପ୍ର): ବିଶିଷ୍ଟ ରାଷ୍ଟ୍ରନୀତିଜ୍ଞ, ଜାତୀୟବାଦୀ ନେତା, ସ୍ୱାଧୀନତା ସଂଗ୍ରାମୀ, ସଂସ୍କାରକ, ବାଗ୍ମୀ ପଣ୍ଡିତ ନୀଳକଣ୍ଠ ଦାସଙ୍କ ୫୩ତମ ଶ୍ରାଦ୍ଧଦିବସ ଉପଲକ୍ଷେ ତାଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ବିଧାନସଭା ପରିସରରେ ଅବସ୍ଥିତ ପଣ୍ଡିତ ନୀଳକଣ୍ଠ ଦାସଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ତାଙ୍କୁ ଶ୍ରଦ୍ଧାସୁମନ ଜ୍ଞାପନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର, ଉପବାଚସ୍ପତି ଶ୍ରୀ ରଜନୀକାନ୍ତ ସିଂ, ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ, ବିଧାନସଭା ସଚିବ ଶ୍ରୀ ଦାଶରଥୀ ଶତପଥୀଙ୍କ ସମେତ ବିଧାନସଭାର କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଯୁବ ସାମ୍ବାଦିକ ପ୍ରବୀରଙ୍କ ମୃତ୍ୟୁରେ ଜିଲ୍ଲାସ୍ତରୀୟ ସାମ୍ବାଦିକଙ୍କ କ୍ୟାଣ୍ଡେଲ ଶୋଭାଯାତ୍ରା




ଭଦ୍ରକ,୭।୧୧(ହି.ସ): ନିଉଜ ୧୮ର କାର୍ଯ୍ୟରତ ଥିବା ଯୁବ ସାମ୍ବାଦିକ ପ୍ରବୀର ପ୍ରଧାନଙ୍କ କରୋନା ଯୋଗୁ ମୃତ୍ୟୁ ହୋଇଯାଇଛି । ତାଙ୍କ ମୃତ୍ୟୁରେ ଶୋକପ୍ରକଟ କରାଯିବା ସହିତ ଭଦ୍ରକ ଜିଲ୍ଲାସ୍ତରୀୟ ସାମ୍ବାଦିକଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି । ଆଜି ସନ୍ଧ୍ୟାରେ ଜିଲ୍ଲାସ୍ତରୀୟ ସାମ୍ବାଦିକମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ କ୍ୟାଣ୍ଡେଲ ଧରି ପ୍ରବୀର ପ୍ରଧାନ ଅମର ରହେ ସ୍ଲୋଗାନ ମାଧ୍ୟମରେ ସହର ପରିକ୍ରମା କରି ଟାଉନହଲ ଛକ ପର୍ଯ୍ୟନ୍ତ ଯାଇଥିଲେ । ସେଠାରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା । ନୟାଗଡ ଜିଲ୍ଲାରେ ଜନ୍ମିତ ପ୍ରବୀର ଢେଙ୍କାନାଳ ସ୍ଥିତ ଭାରତୀୟ ଜନସଂଚାର ସଂସ୍ଥାନରେ ସାମ୍ବାଦିକତାରେ ଶିକ୍ଷାଲାଭ କରିବା ପରେ ଧରିତ୍ରୀ ଖବର କାଗଜରେ କାର୍ଯ୍ୟ ଆରମ୍ଭ କରିଥିଲେ । ପରେ ସେ ଇଟିଭି ଓଡିଆ, ଜି କଳିଙ୍ଗ ଓ ଶେଷରେ ନିଉଜ ୧୮ରେ କାର୍ଯ୍ୟରତ ଥିଲେ । ସେ ଜଣେ ନିର୍ଭୀକ, ସଚ୍ଚୋଟ ସାମ୍ବାଦିକ ଥିବା ବେଳେ ତାଙ୍କର ଅମାୟିକ ବ୍ୟବହାର ସମସ୍ତଙ୍କୁ ନିଜର କରି ନେଉଥିଲା । ସେ କରୋନା ଆକ୍ରାନ୍ତ ହୋଇ ହୋମ୍ ଆଇସୋଲେସନରେ ରହି ଚିକିତ୍ସିତ ହେଉଥିବା ବେଳେ ତାଙ୍କ ଶ୍ୱାସକ୍ରିୟାରେ ସମସ୍ୟା ଦେଖା ଦେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତିକରାଯାଇଥିଲା । ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ତାଙ୍କୁ ମାତ୍ର ୩୫ ବର୍ଷ ବୟସ ହୋଇଥିଲା । ତାଙ୍କ ମୃତ୍ୟୁରେ ଭଦ୍ରକ ଜିଲ୍ଲାର ସମସ୍ତ ଜିଲ୍ଲାସ୍ତରୀୟ ସାମ୍ବାଦିକ ଗଭୀର ଶୋକ ପ୍ରକଟ କରିଛନ୍ତି ।

# ନେସ୍କୋ ପାୱାର ଏମ୍ପ୍ଲଇଜ ଉନିୟନରେ ନୂତନ କର୍ମକର୍ତ୍ତାଙ୍କ ମିଶ୍ରଣ




ବାରିପଦା ଟାଉନ (ପି.ଏନ.ଏସ.),୭।୧୧ (ନି.ପ୍ର): ଗୁରୁବାର ନେସ୍କୋ ପାୱାର ଏମ୍ପ୍ଲଇଜ ଉନିୟନରେ ନୂତନ କର୍ମକର୍ତ୍ତାଙ୍କ ମିଶ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଙ୍ଘର ସାଧାରଣ ସମ୍ପାଦକ ତାରକାନ୍ତ ପଟ୍ଟନାୟକଙ୍କ ବାସଭବନରେ ସହ ସାଧାରଣ ସମ୍ପାଦକ ଜ୍ୟୋତିକୃଷ୍ଣ ବେହେରାଙ୍କ ନେତୃତ୍ୱରେ ଏହି ମିଶ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାର ବାରିପଦା ବିଦ୍ୟୁତ ଡିଭିଜନର ବିଭିନ୍ନ ଅଂଚଳର ଯଥା ମୋରୋଡା, କୁଳିଅଣା, ଝାରପୋଖରିଆ, ବାଙ୍ଗିରିପୋଷି ଆଦି ଅଂଚଳର ଅନ୍ୟ ବିଦ୍ୟୁତ ସଙ୍ଗଠନର କର୍ମକର୍ତ୍ତା ମାନେ ନେସ୍କୋ ପାୱାର ଏମ୍ପ୍ଲଇଜ ଉନିୟନର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଯୋଗ ଦେବା ସହିତ ସଙ୍ଘର ନୂତନ ସଦସ୍ୟତା ଗ୍ରହଣ କରିଛନ୍ତି । ଶ୍ରୀ ପଟ୍ଟନାୟକ ନୂତନ ସଦସ୍ୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ନୂତନ ସଦସ୍ୟଙ୍କ ଯୋଗଦାନ ଦ୍ୱାରା ଦଳ ଆହୁରି ସୁଦୃଢ଼ ହେବା ବୋଲି ନିଜ ବ୍ୟକ୍ତବ୍ୟ ମାଧ୍ୟମରେ କହିଥିଲେ । ତେବେ ନେସ୍କୋ ପାୱାର ଏମ୍ପ୍ଲଇଜ ଉନିୟନର ବହୁ ଦିନରୁ ସଙ୍ଘର କର୍ମକର୍ତ୍ତା ମାନଙ୍କ ସ୍ୱାର୍ଥ, ହକ ଓ ନ୍ୟାୟ ପାଇଁ ଲଢେଇ କରିଆସୁଛି ଏବଂ କରୁଥିବ ବୋଲି କହିଥିଲେ । ଏହି ମିଶ୍ରଣ କାର୍ଯ୍ୟକ୍ରମ ସଂଘର ବରିଷ୍ଠ କର୍ମକର୍ତ୍ତା ରବୀନ୍ଦ୍ର ବେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ନୂତନ ଭାବେ ନେସ୍କୋ ପାୱାର ଏମ୍ପ୍ଲଇଜ ଉନିୟନରେ ଯୋଗ ଦେଇଥିବା ସଦସ୍ୟ ମାନେ ହେଲେ ମନୋରନ ମହାନ୍ତି, ଅଶୋକ ମହାନ୍ତି, ବଂଶୀଧର କର, ଡମ୍ବରୁଧର କମିଳା, ଫକୀର ମହାନ୍ତି ଓ ସତ୍ୟନାରାୟଣ ମହାନ୍ତି ବୋଲି ସଂଘର ସହ ସାଧାରଣ ସମ୍ପାଦକ ଜ୍ୟୋତିକୃଷ୍ଣ ବେହେରା ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଯୁଗ୍ମ ସମ୍ପାଦକ ମାନସ ରନ ଶୁକ୍ଳା, ଡିଭିଜନ ସମ୍ପାଦକ ଚନ୍ଦନ କୁମାର ମହାନ୍ତି, ସବ ଡିଭିଜନ ସମ୍ପାଦକ କୃଷ୍ଣପଦ ମହାନ୍ତି, ତ୍ରିଲୋଚନ ବେହେରା, ବୁଧେଶ୍ୱର ମାରାଣ୍ଡି, ରିତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର,୦୮ ନଭେମ୍ବର ୨୦୨୦
email : rabibarachayan2015@gmail.com
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



*ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନିପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...*

**ଭାଗ-୨**

କହିଲେ, "ଆମ୍ଭ ପରିବାର ଗରିବ ନ ଥିଲେ। ସମୟ ଥିଲା, ଯେତେବେଳେ ଆମ ଘର ଧାନ ଓଳିଆରେ ପୂର୍ଣ୍ଣ ହୋଇଥିଲା। ଦୁଃଖୀ ଦରିଦ୍ର ଆସିଲେ ଆମ୍ଭ ଦ୍ୱାରରୁ କେହି ଫେରିଯାଉନଥିଲେ। ସୋନପପୁରରେ ଆମ୍ଭ ପରିବାର 'ବିର୍ତ୍ତିୟା' ଥିଲେ। ଆମ୍ଭ ତଳେ ପାଂଚ ଦଶ ଘର ପ୍ରଜା ଥିଲେ। କେବଳ ଶାସନର ଦୁର୍ନୀତି ଯୋଗୁଁ ଆମ୍ଭେମାନେ ଦରିଦ୍ର ହୋଇ ଦାଣ୍ଡରେ ଠିଆହେଲୁଁ।" ଏହା ଶୁଣି ମୋର କୌତୁହଳ ବୃଦ୍ଧି ହେବାକୁ ଲାଗିଲା ଓ ବାରମ୍ବାର ପ୍ରଶ୍ନରେ ପୁଣି କହିଲେ, "ସୋନପୁର ରାଜ୍ୟର ଭୂସମ୍ପତ୍ତିକୁ ପୂର୍ବତନ ଜଣେ ଦାନଶୀଳ ଧର୍ମପରାୟଣ ରାଜା ତିନିଭାଗରେ ବିଭକ୍ତ କରି ଏକ ଭାଗ ରାଜାଙ୍କ, ଯହିଁରୁ ରାଜ୍ୟଶାସନ ପରିଚାଳନା ଓ ରାଜପରିବାରଙ୍କ ଭରଣ ପୋଷଣ ଓ ତତ୍ ସଂକ୍ରାନ୍ତ ବ୍ୟୟ ନିମନ୍ତେ କର ଆଦାୟ ହୁଏ, ଦ୍ୱିତୀୟ ଭାଗ ବ୍ରାହ୍ମଣମାନଙ୍କ ମଧ୍ୟରେ ବୃତ୍ତି ବିତରଣ ଓ ତୃତୀୟ ଭାଗ ଦେବତାଙ୍କ ସେବା ପୂଜା ଓ ଅତିଥିମାନଙ୍କ ପରିଚର୍ଯ୍ୟା ସକାଶେ ଦାନ କରିଥିଲେ। ବୃତ୍ତିଭୋଗୀ ବ୍ରାହ୍ମଣ ସଂଖ୍ୟା ଅନେକ। କାହାରି କାହାରି ବୃତ୍ତି ମଧ୍ୟରେ ଏକାଧିକ ଗ୍ରାମ ଓ ବିସ୍ତୃତ ଭୂମି ଓ ଏମାନଙ୍କ ତଳେ ପ୍ରଜାମାନେ ରହି ଚାଷ କରନ୍ତି। ମୋ ପିତା ଥିଲେ ପୂର୍ବ ପୁରୁଷଙ୍କଠାରୁ ଏହିପରି ଜଣେ ବୃତ୍ତିଧାରୀ, ସୋନପୁରରେ ସାଧାରଣତଃ 'ବିର୍ତ୍ତିୟା' ନାମରେ କଥିତ, କିନ୍ତୁ ଏପରି ସଦାଚାରପୂର୍ଣ୍ଣ ଶାସନ କାଳକ୍ରମେ କେତେକ କଦାଚାରପୂର୍ଣ୍ଣ ପ୍ରଥାଦ୍ୱାରା କଳଙ୍କିତ ହୋଇଗଲା। ପରବର୍ତ୍ତୀ କୌଣସି ରାଜାଙ୍କ ଅମଳରେ ଭୂମି କର ବ୍ୟୟରେ ଆହୁରି 'ପଟ୍ଟୀ' ନାମରେ ନାନାପ୍ରକାର କର ଧାର୍ଯ୍ୟ ହେଲା ଓ ଏ ସମସ୍ତ ବ୍ୟୟରେ ରାଜାଙ୍କ ଧାନରଣ ବିଭାଗ ଜାରି ହେଲା - ଯାହା ଯୋଗୁଁ ଲୋକେ ସର୍ବାପେକ୍ଷା ଅଧିକ ଉତ୍ପୀଡ଼ିତ ହେଲେ। ଲୋକଙ୍କୁ ଧାନ ଋଣ ଚଢ଼ା ସୁଧରେ ଦିଆ ହେଉଥିଲା। ଋଣ ଆଦାୟ କେବେ ତମାଦି ହୁଏନାହିଁ। କିମ୍ବା ଆଦାୟ ଶୀଘ୍ର ଶୀଘ୍ର ନ ହୋଇ ଅଧିକ ପ୍ରାପ୍ତି ଉଦ୍ଦେଶ୍ୟରେ ବହୁବର୍ଷ ପର୍ଯ୍ୟନ୍ତ ବିଳମ୍ବ କରାହୁଏ। ଯାହା ଫଳରେ ସୁଧର ପରିମାଣ ଅଯଥା ବୃଦ୍ଧିହୋଇ ସମୂଳସୁଧ ଅତ୍ୟଧିକ ପରିମାଣରେ ଆଦାୟ ହୁଏ । ମୋ ପିତାଙ୍କ ମୃତ୍ୟୁ ପରେ ଋଣଖାତା ଧରି ଆଦାୟକାରୀ ରାଜକର୍ମଚାରୀ ଉପସ୍ଥିତ ହେଲେ ଓ ଅତ୍ୟଧିକ ପରିମିତ ଋଣ ପରିଶୋଧ ଦାବି କଲେ। ଆମ୍ଭେମାନେ ତିନିଭାଇ, ଯେତେ କହିଲୁଁ ଯେ, ଆମ୍ଭେମାନେ ଏ ବିଷୟରେ କିଛି ଜାଣୁନାହିଁ କିମ୍ବା ଆମ୍ଭମାନଙ୍କ ପିତା କେବେ କହି ନଥିଲେ, ସେମାନେ କିଛି ଶୁଣିଲେ ନାହିଁ ଓ ତତ୍‌କ୍ଷଣାତ୍ ତାଙ୍କ ଦାବି ପୂରଣ କରିବାକୁ ବଳତ୍କାର ଜମିରେ ଥିବା ସମସ୍ତ ଧାନ କଟାଇ ଅମଳ କରି ନେଇଗଲେ। ଏକବର୍ଷର ଆଦାୟରେ ସମୁଦାୟ ଋଣ ପରିଶୋଧ ହୋଇ ନପାରିବାରୁ ପରବର୍ଷ ଆସି ପୁଣି ସେହିପରି ଧାନ କଟାଇ ନେଇଗଲେ। ତୃତୀୟ ବର୍ଷ ପୁଣି ଆସି ଯେତେବେଳେ କହିଲେ ଯେ, ଆହୁରି କିଛି ବାକି ଅଛି ଓ ନଦେଲେ ପୁଣି ଧାନ କଟାଇ ନେଇଯିବେ ଓ ଏହାକହି ଜମି ଉପରକୁ ଆସିଲେ ଆମ୍ଭେମାନେ ତାଙ୍କୁ ବାଧା ଦେଲୁଁ ଓ ପରିଶେଷରେ ସେମାନଙ୍କୁ ମାଡ଼ ଦେଇ ଜଣେ ଦୁଇଜଣ ପିଆଦାଙ୍କ ହାତ ଭାଙ୍ଗିଦେଲୁଁ। ଅବିଳମ୍ବରେ ଆମ୍ଭମାନଙ୍କ ବିରୁଦ୍ଧରେ ମୋକଦ୍ଦମା ଦାଏର ହେଲା ଓ ଆମ୍ଭମାନଙ୍କୁ ପୋଲିସ ଆସି ବାନ୍ଧି ନେଇଗଲେ। ଅନେକଦିନ ଯାଏ ଜେଲ ହାଜତରେ ରହିଲା ପରେ ରାଜାଙ୍କଠାରେ କ୍ଷମାଭିକ୍ଷା କଲୁଁ ଏବଂ ରାଜ୍ୟତ୍ୟାଗ ବିନିମୟରେ ଆମ୍ଭମାନଙ୍କୁ ଦଣ୍ଡରୁ ଅବ୍ୟାହତି ମିଳିଲା। ଦିନେ ରାତିରେ ରାଜଦୂତମାନେ ଆସି ଆମ୍ଭମାନଙ୍କ ଘରଦ୍ୱାରଭାଂଗି ଭୂମିସାତ୍ କରିଦେଲେ ଓ ସପରିବାର ଆମ୍ଭମାନଙ୍କୁ ନେଇ ପାଟଣା ଓ ସୋନପୁର ସୀମାବର୍ତ୍ତୀ ଏକ ସ୍ଥାନରେ ଛାଡ଼ିଦେଲେ। ଆମ୍ଭେ ତିନିଭାଇ ମଧ୍ୟରୁ ଜ୍ୟେଷ୍ଠ ବୈଦ୍ୟନାଥ, ମୁଁ ମଝିଆଁ ଓ କନିଷ୍ଠ ଗୋବିନ୍ଦ। ଗୋବିନ୍ଦ ଥିଲା ଅବିବାହିତ, ଜ୍ୟେଷ୍ଠଭାଇଙ୍କ ପୁଅଝିଅ, ମୋର ଦୁଇଝିଅ ଓ ଗୋଟିଏ ପୁଅ। ଯେଉଁଠାରେ ଆମ୍ଭେମାନେ ପହଂଚିଥିଲୁ ସେଠାରେ ଶୁଣିଲୁଁ ଯେ, ଅଳ୍ପଦୂରରେ ଆଗଲପୁର ଅଛି, ସେହି ସ୍ଥାନର ଜମିଦାର ଧର୍ମପରାୟଣ, ବ୍ରାହ୍ମଣ ବୈଷ୍ଣବଙ୍କ ପ୍ରତି ତାଙ୍କର ଆଦର ଥାଏ, ସେହିଠାରେ ଆଶ୍ରୟ ଲାଭ ଆଶାରେ ଆମ୍ଭେମାନେ ସେଠାକୁ ଗଲୁଁ ଓ ଜମିଦାରଙ୍କ ଅଧୀନରେ ଓ ଗ୍ରାମରେ ବ୍ରାହ୍ମଣ କର୍ମକରି କେତେଦିନ ଚଳାଇଲୁଁ। ସେଠାରେ କିଛିଦିନ କଟାଇଲା ପରେ ଜ୍ୟେଷ୍ଠଭାଇ ବୋଡ଼ାସମ୍ବର ଚାଲିଗଲେ ଓ ଆମ୍ଭେ ଦୁଇଭାଇ ବହୁକଷ୍ଟରେ କାଳ କଟାଇବାକୁ ଲାଗିଲୁଁ।" ଆଗଲପୁରରେ ମୋର ଦୁଇ ଭଉଣୀ, ମଧ୍ୟମ ଭାଇ ଲକ୍ଷ୍ମଣ ଓ ମୋର ଜନ୍ମ। ମୋର ହେତୁ ହେଲାରୁ ସୁଦ୍ଧା ମୁଁ ଜାଣି ପାରୁଥିଲି ଆମ୍ଭମାନଙ୍କ ଜୀବନଯାପନ ଦୁଃଖମୟ। ସେହି ସମୟରେ ପିତାଙ୍କୁ ଜମିଦାର କିଛି ଜମି ଦେଇଥିଲେ। କିନ୍ତୁ ତାହା ମଧ ପରିବାର ସକାଶେ ନିଅଂଟ ଥିଲା।

ଏହି ସମୟରେ ସୋନପୁର ଓ ସମ୍ବଲପୁର ଜିଲ୍ଲା ଚତୁଃପାର୍ଶ୍ୱସ୍ଥ ପାଟଣା, କଳାହାଣ୍ଡି, ବାମଣ୍ଡା ଓ ରେଢ଼ାଖୋଲ ଦେଶୀୟ ରାଜ୍ୟ ମଧ୍ୟପ୍ରଦେଶ ଶାସନରେ ରାୟ-ପୁରରେ ରହୁଥିବା ପୋଲିଟିକେଲ୍ ଏଜେଂଟଙ୍କ ତତ୍ତ୍ୱାବଧାନରେ ରହିଥିଲା। ମୋର ଅନୁଭୂତିରୁ ମୁଁ ଜାଣିଥିଲି ପାଟଣାରେ ରାଜ୍ୟରୁ ନିର୍ବାସନ ସାଧାରଣ ଦଣ୍ଡ ଥିଲା। ୧୯୦୫ ସାଲରେ ସମ୍ବଲପୁର ଜିଲା ସହିତ ଏହି ରାଜ୍ୟମାନ ଓଡ଼ିଶା ସହିତ ମିଳିତ ହେଲା ପରେ ଓଡ଼ିଶାର ଗଡ଼ଜାତମାହଲ ସହିତ ଏହି ରାଜ୍ୟମାନଙ୍କ ଶାସନ ଜଣେ ସ୍ୱତନ୍ତ୍ର ପୋଲଟିକେଲ୍ ଏଜେଂଟଙ୍କ ଅଧୀନରେ ରହିଲା। ଏହାର କେତେକ ବର୍ଷ ପରେ ପ୍ରଜାମାନଙ୍କ ଆପତ୍ତିରେ ଏହି ଋଣ ବିଭାଗ ଓ ଅନ୍ୟାନ୍ୟ 'ପଟ୍ଟୀ' ସମ୍ବନ୍ଧରେ ତଦନ୍ତ ହୋଇ ଏ ସବୁ ଉଠାଇ ଦିଆଗଲା। ବର୍ତ୍ତମାନ ଏ ସବୁରୁ ଆଉ କିଛି ନାହିଁ।


୧୯୦୯ ସାଲରେ ମୁଁ ସରକାରୀ ଚାକିରିରେ ପ୍ରବେଶ କଲା ଉତ୍ତାରେ ମୋର ପ୍ରଥମ ଚିନ୍ତାର ବିଷୟ ହେଲା କିପରି ପିତାଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିବି। ଭଉଣୀମମାନଙ୍କ ଶ୍ୱଶୁର ଘର ସୁଦ୍ଧା ତଦ୍ରୁପ ଗରିବ। ଏ ଦିଗରେ ମୋର ଶକ୍ତ୍ୟନୁଯାୟୀ ଉଦ୍ୟମରେ ପ୍ରବୃତ୍ତ ହେଲି। ବ୍ରାହ୍ମଣମାନଙ୍କ ଦୂରବସ୍ଥା ନିବାରଣ ସକାଶେ ବିଦ୍ୟାଶିକ୍ଷା ପ୍ରଧାନ ସମ୍ବଳ। ପୁତୁରା ଓ ଭଣଜାମାନଙ୍କ ପାଠପଢ଼ାରେ ସାହାଯ୍ୟ କରିବାକୁ ଲାଗିଲି। କେତେକ ଭଣଜା ଆଗଲପୁରରେ, କେତେକ ବଲାଙ୍ଗିରରେ, କେତେକ ଗାଙ୍ଗପୁରରେ ଥିଲେ। ସେହି ସ୍ଥଳର ସ୍କୁଲମାନଙ୍କରେ ଥିବା ସମୟରେ ସେମାନଙ୍କୁ ଅର୍ଥ ସାହାଯ୍ୟ କଲି। ଜ୍ୟେଷ୍ଠଭ୍ରାତାଙ୍କ ଜ୍ୟେଷ୍ଠପୁତ୍ର କୃପାସିନ୍ଧୁକୁ ମୁଁ ୧୯୨୪ ସାଲରେ ବଣେଇ ଷ୍ଟେଟରେ ଦେୱାନ ଥିବା ସମୟରେ, ସେ ମୋ ପାଖରେ ଛାଡ଼ି ଦେଇଗଲେ। ସେତେବେଳେ ସେ ମାତ୍ର ୯ ବର୍ଷ ବୟସର ଶିଶୁ। ମଫସଲରୁ ଆସି ମୋ ପୁଅ ଝିଅ ସଙ୍ଗେ ମିଶିବାକୁ ତାକୁ କିଛି ସମୟ ଲାଗିଥିଲା। ସେ ମୋ ପୁଅ ସତ୍ୟ ଗୋପାଳର ସମବୟସ୍କ, ଦେହ ତମାମ କାଛୁ କୁଣ୍ଡିଆରେ ଭରା। ମୁଣ୍ଡର ବାଳ ଠିଆ ଠିଆ। ଆଷାଢ଼ର 'ନୀପକୁସୁମ' ତୁଲ୍ୟ, ଅକ୍ଷର ସୁଦ୍ଧା ଭଲ ପଢ଼ିପାରୁନାହିଁ। ଲଳର ଉଚ୍ଚାରଣ ପ୍ରଭେଦ ଜାଣୁନାହିଁ। ଅଥଚ ଦୁଇଶ୍ରେଣୀ ପଢ଼ି ସାରିଅଛି। ସାହିତ୍ୟ କୁସୁମର 'ସାଇବିରିୟା ଭାଲୁ' ପାଠ ପଢ଼ିବାକୁ କହିଲି। ପଢ଼ିଲା ସାଇବିରିୟା ଭା 'ଲୁ'। ମୁଁ ତ ପିଲାମାନଙ୍କୁ ନିଜେ ପଢ଼ାଉଥିଲି। କେବେ ଘର ଶିକ୍ଷକ ରଖି ନଥିଲି, ମୋ ପୁଅଝିଅ ସମସ୍ତେ ମୋ ପାଖରେ ତାଲିମ। କେହି ଥାର୍ଡ ଡିଭିଜନରେ ମାଟ୍ରିକୁଲେସନ୍ ପାସ କରିନାହାନ୍ତି। କୃପାସିନ୍ଧୁକୁ ମଧ ବହୁ ପରିଶ୍ରମ କରି ପଢ଼ାଇଲି। ବହୁ କଷ୍ଟରେ ତାହାର ୧୯ ବର୍ଷ ବୟସରେ ମୁଁ ବାଲେଶ୍ୱରରେ ଥିବା ସମୟରେ ସେହି ସ୍ଥାନର ଜିଲ୍ଲାସ୍କୁଲରୁ ଥାର୍ଡ ଡିଭିଜନରେ ପାସ କଲା। ତାହାର ପିତା ତାକୁ ଆଉ ନପଢ଼ାଇ ଚାକିରି କରିବାକୁ କହିଲେ। ବହୁ ସୁପାରିସ ଫଳରେ ତାହାଠାରୁ ବହୁ ଯୋଗ୍ୟତାର ପ୍ରାର୍ଥୀ ଥିଲେ ମଧ ପାଟଣା ଷ୍ଟେଟରେ ପୋଲିସ୍ ସବ୍‌ଇନସ୍‌ପେକ୍ଟର ହେଲା, ୧୯୩୭ ସାଲରେ। ୧୯୪୮ ସାଲରେ ଅପରାପର ଷ୍ଟେଟ ସହିତ ପାଟଣା ଷ୍ଟେଟ ଭାରତବର୍ଷ ସହିତ ମିଳିତ ହେଲା। ଷ୍ଟେଟର ସମସ୍ତ କର୍ମଚାରୀ ସରକାରୀ ଚାକିରିଭୁକ୍ତ ହେଲେ। ସେହି ଅନୁସାରେ କୃପାସିନ୍ଧୁ ଷ୍ଟେଟ ଅପେକ୍ଷା ଉଚ୍ଚତର ବେତନରେ ସରକାରୀ ଚାକିରିରେ ପ୍ରବେଶ କଲା। କ୍ରମେ ଯୋଗ୍ୟତା ବଳରେ ଉନ୍ନତି ଲାଭ କରି ବର୍ତ୍ତମାନ ସେ ଓଡ଼ିଶା ପୋଲିସରେ ଡେପୁଟି ସୁପରିଂଟେଣ୍ଡେଂଟଣ୍ଟ। ତାହାର ଦୁଇ ପୁଅ ମଧ୍ୟରୁ ଜ୍ୟେଷ୍ଠ ଇଂଜିନିୟର ଓ କନିଷ୍ଠ ମେଡ଼ିକାଲ୍ କଲେଜ ଛାତ୍ର ଅଛି, ଅଳ୍ପଦିନ ପରେ ଡାକ୍ତର ହେବ। ଜଣେ ଏମ୍.ଏ.ରେ ଛାତ୍ରୀ। ହେଲେ କଣ ହେବ? ଥାର୍ଡ ଡିଭିଜନ ମେଟ୍ରିକୁଲେଟ। ଉଚ୍ଚ ପଦ ପାଇଲେ, ବିଶେଷତଃ ପୋଲିସ ଚାକିରି, ଏଥିରେ କି ମୁଣ୍ଡ ଠିକ ରହେ? ସଚରାଚର ଯାହା ହୁଏ ତାହା ହୋଇଛି ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ପୂରାପୂରି ବିଗିଡ଼ା ମୁଣ୍ଡକୁ ତାହାର ହାତ ପାଇଛି।

ଜ୍ୟେଷ୍ଠଭ୍ରାତାଙ୍କ ଦ୍ୱିତୀୟ ପୁତ୍ର ବ୍ରଜବନ୍ଧୁ ମେଟ୍ରିକୁଲେସନରୁ ଏ.ଏସ୍‌ସି. ପାସ କରିବା ପର୍ଯ୍ୟନ୍ତ ମୋ ଘରେ ମୋ ତତ୍ତ୍ୱାବଧାନରେ ରହିଲା। ୧୯୪୧ରେ ବି.ଏସ୍.ସି ପାସ କଲା। ୧୯୪୨ରେ ଯୁଦ୍ଧାରମ୍ଭ ହେଲାରୁ ଯୁଦ୍ଧକୁ ଯିବାକୁ ଚାହିଁଲା। ଆମ୍ଭେମାନେ ଯିବାକୁ ଦେଲୁଁନାହିଁ। ବିଷଖାଇ ଆତ୍ମହତ୍ୟା କଲା।

ତୃତୀୟ ପୁତ୍ର ହରିବନ୍ଧୁ ପାଠପଢ଼ିଲା ନାହିଁ। ବ୍ୟବସାୟରେ ମନ ହେଲା। ତାକୁ ଯଥେଷ୍ଟ ଅର୍ଥ ସାହାର୍ଯ୍ୟ ଦେଲି। ବର୍ତ୍ତମାନ ତାହାର ମନୋନିବେଶ ସେହିଆଡ଼େ। କନିଷ୍ଠ ପୁତ୍ର ଶ୍ୟାମବନ୍ଧୁ। ମେଟ୍ରିକୁଲେସନ୍ ପାସ କଲା ପରେ ସୈନିକ ବିଭାଗରେ ଯୋଗ ଦେଲା। ଆଜିଯାଏ ସେ ସେହିଠାରେ ଅଛି। ଏ ବାହାରେ ଆଗଲପୁର ନିକଟସ୍ଥ ମହଖଣ୍ଡ ଗ୍ରାମରେ ୩୫ ଏକର ଯାଏ ଜମି କିଣିଦେଲି, ସେଥିରେ ଜ୍ୟେଷ୍ଠଭ୍ରାତାଙ୍କ ପରିବାର ସ୍ୱଚ୍ଛନ୍ଦରେ ଚଳୁଅଛନ୍ତି। ମୋର ଚାରି ପୁଅ ଏଗାର ଝିଅ ମଧ୍ୟରୁ ଦୁଇପୁଅ ଓ ଗୋଟିଏ ଝିଅ ବାଲ୍ୟାବସ୍ଥାରେ ଇହଲୀଳା ସାଙ୍ଗ କଲେ। ଅପର ଦୁଇପୁଅ ମଧ୍ୟରୁ ଜ୍ୟେଷ୍ଠ ସତ୍ୟଗୋପାଳ ଏମ୍.ଏ, ବି.ଏଲ୍ ପାସ କରି ସମ୍ବଲପୁରରେ ଓକିଲ ହୋଇଥିବା ଅବସ୍ଥାରେ ଦେହତ୍ୟାଗ କରି ଚାଲିଗଲା। କନିଷ୍ଠ ପୁତ୍ର ବିଭୁପ୍ରସାଦ ପାଟଣା ବିଶ୍ୱବିଦ୍ୟାଳୟର ଏମ୍.ଏସ୍‌ସି ଓ ଲଣ୍ଡନ ବିଶ୍ୱବିଦ୍ୟାଳୟର ପିଏଚ୍.ଡି। ବର୍ତ୍ତମାନ ସେ ଲଣ୍ଡନ ବିଶ୍ୱବିଦ୍ୟାଳୟରେ ଅଧାପକ।

ଦଶ ଝିଅଙ୍କ ମଧ୍ୟରୁ ପ୍ରଥମ ତିନିଝିଅଙ୍କ ବାଲ୍ୟବିବାହ ହେବା ଫଳରେ ସେମାନେ ଇଂରେଜି ଶିକ୍ଷା ପାଇପାରିଲେ ନାହିଁ। ୧୯୨୯ ମସିହାରେ ବାଲ୍ୟବିବାହ ନିରୋଧ ଆଇନ ପ୍ରବର୍ତ୍ତିତ ହେଲା ପରେ ଝିଅମାନଙ୍କ ବିବାହ ବୟସ ପଛେଇଗଲା ଓ ସେମାନଙ୍କୁ ଛାଏଁ ପଢ଼ାଇବାକୁ ହେଲା। ପଢ଼ୁଁ ପଢ଼ୁଁ ପଢ଼ିଗଲେ। ଫଳରେ ଚତୁର୍ଥ ଝିଅ ବି.ଏ. ବି.ଇଡି., ପଂଚମ ଝିଅ ଏମ୍.ବି.ବିଏସ୍ ଡାକ୍ତର, ଷଷ୍ଠ ଓ ସପ୍ତମ ଝିଅ ମେଟ୍ରିକୁଲେଟ୍, ଅଷ୍ଟମ ଝିଅ ବି.ଏ.(ଅନର୍ସ), ନବମ ଝିଅ ଏମ୍.ଏ., ଦଶମ ଝିଅ ଏମ୍.ଡି. ଡାକ୍ତର।

ଭଣଜାମାନଙ୍କ ମଧ୍ୟରୁ ଯେ ଯେତେ ଶିକ୍ଷାପ୍ରାପ୍ତ ହେଲେ। ତାହା ଫଳରେ ସେମାନେ ସଫଳତା ସହିତ ଜୀବନଯାପନ କରୁଅଛନ୍ତି । ଭଗବାନଙ୍କ ଅସୀମ କରୁଣା ପ୍ରସୂତ କର୍ତ୍ତବ୍ୟନିଷ୍ଠା ଫଳରେ ଏକାଳରେ ଏହି ଦରିଦ୍ର ପରିବାର ଆଜି ନିଜ ଅବସ୍ଥା ସାର୍ଥକ କରିପାରିଅଛନ୍ତି। ମୋର ଜୀବନର ଆହୁରି ବିଶେଷତ୍ୱ, ମୋର ନାତିନାତୁଣୀ ୭୦ ଜଣ ଓ ନାତି ଛଡ଼ା ଛଅଜଣ ନାତୁଣୀ (ଦୌହିତ୍ରୀ) ଗ୍ରେଜୁଏଟ୍। ସମସ୍ତେ ମୋ ଘରେ ମୋ ତତ୍ତ୍ୱାବଧାନରେ ରହି ଯେ ଯାହା କରନ୍ତୁ, ପାଠ ପଢ଼ୁଛନ୍ତି। ବିଶେଷତଃ ଏମାନଙ୍କ କୃତିତ୍ୱରେ ଆଜି ମୁଁ ଗର୍ବିତ। (କ୍ରମଶଃ)



## ଡାଏରୀ -୩୯



ଓଡିଆ ସାହିତ୍ୟ କ୍ଷେତ୍ରରେ **ଡ. ରଜନୀ ରଂଜନ** ଜଣେ ଆଗଧାଡିର ସ୍ରଷ୍ଟା । ଚଳଚ୍ଚିତ୍ର ପାଇଁ କାହାଣୀ, ସଂଳାପ ଓ ଚିତ୍ରନାଟ୍ୟ ସହ ଗୀତ ଲେଖି ସମଗ୍ର ଓଡିଶାରେ ନିଜର ସ୍ୱତନ୍ତ୍ର ପରିଚିତି ନିର୍ମାଣ କରିସାରିଛନ୍ତି । ତାଙ୍କର 'ଡାଏରୀ'ର ପୃଷ୍ଠା 'ଧ୍ୱନି ପ୍ରତିଧ୍ୱନି'ର ପାଠକମାନଙ୍କ ପାଇଁ ନୂଆ ପରିପାଟୀରେ...

## ॥ କୋଭିଡ୍‌ର ଦୁଃଖ ॥

ଚାରିପାଖ ପୃଥିବୀରେ କେବଳ ଶୂନ୍ୟତା ଆଉ ଶୂନ୍ୟତା । ଯେପରି ସବୁ କୋଳାହଳ ବନ୍ଦ ହେଇ ଯାଇଛି । ମନେ ହେଉଛି ମୃତ୍ୟୁ ପୂର୍ବର ନୀରବତା । ଆତ୍ମୀୟ ସ୍ୱଜନମାନେ ଦୂରରେ, ପରିଚିତ ଲୋକମାନଙ୍କର ଯାଆଆସ ନାହିଁ । କେବଳ ଟେଲିଫୋନ ହିଁ ଯୋଗାଯୋଗ ପାଇଁ ଏକମାତ୍ର ମାଧ୍ୟମ । ରଜନୀ ଦାଶ କୋଭିଡ୍‌ରେ ଆକ୍ରାନ୍ତ ହେବା ଖବର ସେ ନିଜେ ପୋଷ୍ଟ କରିଥିଲା ସୋସିଆଲ ମିଡିଆରେ । କିଛି ସ୍ୱାଭାବିକ ବଂଧୁ ଖବର କାଗଜରେ ମଧ ଛାପି ଦେଲେ । ସଂପର୍କୀତ ବଂଧୁ ଆତ୍ମୀୟ ପରିଜନ ମାନଙ୍କର ଶୁଭେଚ୍ଛା ଆଶୁ ଆରୋଗ୍ୟର କାମନା ବଢ଼ି ଚାଲିଲା । ବେଳେବେଳେ ଉପଦେଶର ମାତ୍ରା ଏତେ ବଢ଼ିଯାଉଥିଲା ଯେ ରଜନୀ ଦାଶ ବିରକ୍ତ ହେଇଉଠୁଥିଲା ।

ବଦ୍‌ମିଜାବୀ ଉପରିସ୍ଥ ହାକିମ ପରି ବଡ଼ ଅନ୍‌ପ୍ରେଡିକ୍ଟେବଲ ଏଇ ମାରାତ୍ମକ ଭୂତାଣୁ । ଆଶଂକାରେ କଟିଯାଉଥିଲା ପ୍ରତିଟି ମୁହୂର୍ତ୍ତ । ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ହେବାର ଆଶଂକା କରି ଆତ୍ମୀୟ ମାନେ ଉପଦେଶ ଦେଲେ ହାସ୍‌ପାତାଳରେ ଆଡମିସନ ପାଇଁ । ମାତ୍ର ପତ୍ନୀଙ୍କ ଜିଦ୍ ଯଦି ସମ୍ଭବ ତାହେଲେ ଦୁଇଜଣଙ୍କୁ ହାସ୍‌ପାତାଳ ନିଆଯାଉ ନହେଲେ ଘରେ ଉଭୟ ରହିବେ । ଭାଗ୍ୟ ଉପରେ ଛାଡ଼ି ଦିଆଯାଉ ।

ଏ ସମୟରେ କିଛି ପରିଚିତ ବଂଧୁ ପରିଜନଙ୍କ ଫୋନ୍‌କଲ୍‌କୁ ଅପେକ୍ଷା କରୁଥିଲା ରଜନୀ ଦାଶ । ବଂଚିବାର ମନୋବଳ ବଢ଼ିଯାଉଥିଲା । ଡାକ୍ତରଙ୍କ ପରାମର୍ଶ ଅପେକ୍ଷା ଏଇଟା ହିଁ ତା' ପାଇଁ ମେଡିସିନ୍‌ର କାମ ଦେଉଥିଲା ।

ହଠାତ୍ ଗୋଟିଏ ଫୋନ୍‌କଲ୍ ପାଇ ରୋମାଂଚିତ ହୋଇ ଉଠିଲା ।

ତାହେଲେ ମାଳତୀ ତା'ର କୋଭିଡ ଆକ୍ରାଂତ ହେବାର ଖବର ପାଇସାରିଛି! ଫେସ୍‌ବୁକ୍‌ରୁ ଜାଣିଥବ ନହେଲେ ଖବର କାଗଜରୁ ପଢ଼ିଥିବ । ତା ସ୍ୱାମୀ ଲକ୍ଷ୍ମଣ କିନ୍ତୁ ତାକୁ କହିନଥିବ ଏ ବିଶ୍ୱାସ ରଜନୀ ଦାଶର ଥିଲା । ଇଡିଅଟ୍‌ଟା । ରଜନୀ ଦାଶକୁ ଏଯାଏଁ ବି' ଟଲରେଟ୍ କରିପାରେନି ।

ମାଳତୀର ପ୍ରଥମ ପ୍ରଶ୍ନ ଥିଲା ଭାଇ ଓ.ଟିଭିରେ ତମର ନିଶ୍ଚୟ ଚିହ୍ନା ପରିଚୟ ଥିବେ, ମୁଁ ଶୁଣିଛି ମିହିର ଦାସଙ୍କ ସହ ତମର ଘନିଷ୍ଠ ସମ୍ପର୍କ ।

ଓ.ଟିଭି ମିହିର ଦାସଙ୍କ ସହ ତା'ର କୋଭିଡ ଆକ୍ରାନ୍ତ ହେବାର କ'ଣ ସଂପର୍କ?

ତାହେଲେ ଅନ୍ୟ କିଛି ଥାଇପାରେ ।

ମାଳତୀ କାନ୍ଦି ପକାଇ ଯାହା କହିଲା ତା'ର ସାରମର୍ମ ହେଲା, ପୁଅ ଆଉ ବୋହୂଙ୍କ ମଧ୍ୟରେ ଡିଷ୍ଟର୍‌ବାନ୍ସ । ପରିସ୍ଥିତି ଏତେ ଜଟିଳ ଯେ ଆଇନ୍‌ର କବ୍‌ଜାରେ ।

ରଜନୀ ଦାଶ ଜାଣିଥିଲା ମାଳତୀର ପୁଅ ଉଚ୍ଚଶିକ୍ଷିତ । ବିଦେଶୀ କଂପାନୀରେ ଚାକିରୀ କରେ । ମୋଟା ଅଂକର ଦରମା । ମନଲାଖି ବୋହୂଟିଏ ଠିକ୍ କରିଦେଇଥିଲା । ଆଶାଥିଲା ଜୀବନର ସବୁ ସଂଘର୍ଷ, ସବୁ ଦୁଃଖର ଅନ୍ତ ଘଟିବ । ହେଲେ ବାହାଘର ମାତ୍ର ମାସ କେଇଟା ଭିତରେ ସବୁ ଓଲଟ ପାଲଟ । ସଚରାଚର ବର୍ତ୍ତମାନ ଯାହା ହିଁ ଘଟୁଛି ସେଇଆ ହିଁ ଘଟିଲା ତା' କ୍ଷେତ୍ରରେ । ବୋହୂର ଉଚ୍ଚ ଆମ୍ବିସନ ପାଇଁ ଉଭୟ ସ୍ୱାମୀସ୍ତ୍ରୀଙ୍କ ଭିତରେ ତିକ୍ତତା ବଢ଼ି ଚାଲିଲା । ବୋହୂ ମିଛ ଅଭିଯୋଗ ଆଣିଲା ପୁଅ ଲକ୍ଷ୍ମଣ ଓ ମାଳତୀ ନାଁରେ ।

ମାଳତୀର କୌଣସି ଆପତ୍ତି ନଥିଲା । ପୁଅ ବୋହୂଙ୍କ ଖୁସି ପାଇଁ ସେ ସବୁକିଛି ତ୍ୟାଗ କରିବାକୁ ପ୍ରସ୍ତୁତ ଥିଲା । ହେଲେ ଫଳ କିଛି ହେଲାନି, ସବୁ ଚେଷ୍ଟା ବିଫଳ ହେବାପରେ ସେ ରଜନୀ ଦାଶକୁ ଫୋନ୍ କରିଛି । ଓ.ଟିଭିରେ ପ୍ରଚାରିତ 'ଆଶାର ଆଲୋକ' କାର୍ଯ୍ୟକ୍ରମ ଜରିଆରେ ପୁଅ ବୋହୂଙ୍କୁ ପୁଣି ଏକାଠି କରିପାରିବ । ମାଳତୀର କୋହଭରା କଣ୍ଠସ୍ୱରରୁ ତା'ର ଦୁଃଖକୁ ମାପିପାରୁଥିଲା ରଜନୀ ଦାଶ । ଅନେକ ବର୍ଷପରେ ମାଳତୀର ଫୋନ୍‌ରେ ଏଇ ଅନୁରୋଧ ତାକୁ ଚହଲାଇ ଦେଲା । ଅନେକ ଚେଷ୍ଟା କରିବି ସେ ମାଳତୀକୁ ଛାତିରୁ କାଢ଼ି ପାରିନି । ସେ ତା'ର ପ୍ରଥମ ପ୍ରେମର ସାଇତା ସ୍ୱପ୍ନ ।

ଓ.ଟିଭିର କାର୍ଯ୍ୟକ୍ରମ ସଂଚାଳକ ଅମରେଶଙ୍କୁ ଫୋନ୍ କରିବା ପୂର୍ବରୁ ଭାବିଲା କୋଭିଡ୍ ଆକ୍ରାନ୍ତ ହେବା କଥା ମାଳତୀକୁ ଜଣାଇ ଦେବକି?

ନା ଥାଉ । କୋଭିଡର ଦୁଃଖ ଅପେକ୍ଷା ମାଳତୀ ଦୁଃଖ କେମିତି ଭାରି ଭାରି ଲାଗିଲା । ଆଃ ! ପୁଣି ଥରେ ମାଳତୀର ଖୁସିକୁ ଫେରାଇ ହୁଅନ୍ତାନି!

ଅମରେଶ ବିଶ୍ୱାଳର ଫୋନ୍‌କୁ ଡାଏଲ କଲା ରଜନୀ ଦାଶ ।

ବାଲକାଟି, ଖୋର୍ଦ୍ଧା-୭୫୨୧୦୦, ମୋ: ୯୩୩୭୨୬୧୦୭୫

## କବିତା..... ଆମ ସମୟର

### ଶୁଚିସ୍ମିତା ଦାସ

**ସୁଜିତ୍ କୁମାର ଶତପଥୀ**



ଜଳୁଥାଏ ଅହର୍ନିଶୀ
ଅଥଚ ମୁହଁରେ ତାର
ଖିଲିଖିଲି ହସ
ସେ ମନଭରି ପିଏ ଲୁହ
ପାଣି ଛଡା ଆଉ କଣ ହୋଇପାରେ ଯେ ?

ଆଖି ସାମ୍ନାରେ ଅନେକ ସ୍ୱପ୍ନ
ସ୍ୱପ୍ନରେ ଉଡିବାର ଅନେକ ଆଶା
ହେଲେ ଡେଣା କାହିଁ ?
ତଥାପି ସେ ଉଡେ
ମହତ୍ତ୍ୱାଂକ୍ଷାରେ ନୁହେଁ
ତାର ପାରିବାପଣରେ

ସେ ହାରେନା
ଅଥଚ ହାରିବାକୁ ବି ଦିଏନାହିଁ
ତାର ଦୁଃଖକୁ, ଲୁହକୁ
ସେ ଚାହେଁନି ଏମାନେ ବି ଚାଖନ୍ତୁ ବୋଲି
ହାରିବାର ହତାଶପଣକୁ

ମୁଁ କଣ ବା କରେ
ମୋ ଶବ୍ଦଗୁଡାକ କଣ ବା କରନ୍ତି
ତା ଆଗ୍ରହରେ ଉଡନ୍ତି, ମଗ୍ନ ହୁଅନ୍ତି
ଅଥଚ ତା ଲୁହରେ
କାହିଁକି ନିଶ୍ଚୁପ ବିବଶତା
ଜାଣିପାରେନାହିଁ

ଜୀବନର ଭିଡ ଭିତରେ
ଦେଖାହୁଏ ତା ସହ
ପ୍ରିୟକବି ଡାକରେ କୁଣ୍ଢେମୋଟ ହୁଏ ଛାତି
ହେଲେ ଛାତି କି ଆଖି କେହି ବି
ପଢିପାରନ୍ତିନି ତାର ଆଖିର କବିତା

କବିତା ଲେଖେ
ହେଲେ ଯୋଡିପାରେନି
ଇଚ୍ଛା ମୁତାବକ କିଛି ଶବ୍ଦ
କାଢିପାରେନି
ଭିନ୍ନ ଲାଗୁଥିବା ଭାବକୁ

ତଥାପି ସେ ହସେ
କହେ କବିତା ଶୁଣିବ
କଷ୍ଟ ତାର କମ୍ ହେବ
ହେଲେ ମୋର କବିତାର ଯନ୍ତ୍ରଣା
ଆହୁରି ବଢିବଢି ଯାଏ

ମୁଁ ପ୍ରେମିକ ହୋଇ ତା ଛାତିର
କାନ୍ଥରେ ଝୁଲୁଥାଏ
ଆଉ ତା ଲୁହକୁ ଚୁପଚାପ ଦେଖୁଥାଏ
ସମ୍ବେଦନହରା ହୋଇ

ମୋତେ ଲାଗେ ସେ
ପୃଥିବୀର ସବୁଠୁ ସୁନ୍ଦର କବିତା
ଆଉ ମୁଁ ନିହାତି ବିଫଳ କବି ।

+ ବାଗାଶ୍ରିତା, ସାଲେଭଟା,
ବଲାଙ୍ଗିର-୨୧
(ମୋ) ୯୫୫୫୬୭୧୧୨୭୨

### ରାତି

**ଜୟନ୍ତୀ ବିଶ୍ୱାଳ ବେହୁରିଆ**



ରାତି !
ତୁମ କଳା ଶାଢ଼ୀରେ ଫୁଟିଥିବା
ତାରାଫୁଲର ହସ
ଚୁପ୍‌ଚାପ୍ ଛୁଇଁ ଯାଉଛି ମୋତେ
ସ୍ନେହରେ କୋଳେଇ ନେଉଛି
ମମତାର ଲୁହରେ
ଗାଧୋଇ ଦେଉଛି ଦେହ
ମନ ସାରା ବର୍ଷି ଯାଉଛ ତୁମେ
ନିଜେ ତ ମିଳେଇ ଯାଉଛ
ବିରହର ରତିରେ !

ତୁମେ ଏତେ ଯେ
ଆଦର କର ମୋତେ !
ଝିଙ୍କାରୀର ଝିଁ ଝିଁ ଶବ୍ଦରେ
ଖୋଜେ ତୁମକୁ
ଖୋଜୁଥାଏ ବେଶି ବେଶି
ମୋ ମନର ଏକାକୀତ୍ୱ ।

ତୁମର ନିଷ୍ଟଳତା ମୋତେ ଦିଏ
ପ୍ରେମର ସାନିଧ
ଝରଣା ପରି ନିଃସଂକୋଚରେ
ଲମ୍ଫ ଦିଏ ପର୍ବତରୁ
ଅଚିହ୍ନା ରହିଯାଏ
ନିଜ ଭିତରେ ।

ତୁମ ଭିତରୁ ଦେଖେ
କେଡେ ସୁନ୍ଦର ଅନୁରାଗ,
ତୁମେ ଯେପରି ମୋ
କୁନ୍ତଳରେ ଲୋଟି ପଡିଥାଅ
ତୁମରି ପଣତ ତଳେ
ଲୁଚିଥାଏ ମୋର
ଅସମାପ୍ତ ଇଚ୍ଛା !
ସୁଗନ୍ଧତାରେ ଆଉଟି ଦିଅ
ମୋର କୋମଳ ଶରୀର
ତୁମରି ଦଂଶନରେ
ପରାସ୍ତ ହୁଏ ପ୍ରଜାପତିର ମନ !

ରାତି !
ତୁମେ ମୋତେ ସ୍ୱପ୍ନ ଦିଅ
ଅଯୁତ ଯୁଗର...
ଲାଜକୁଳି ଲତାର
ବେଦଣ ଦିଅ ମନରେ
ଶ୍ରାବଣର ବର୍ଷା ପରି
ଅଜାଡି ହୋଇଯାଅ ହୃଦୟରେ
ହଜିଗଲା ମନକୁ ସଜାଡି ଦିଅ
ନିଷିଦ୍ଧ ପ୍ରଣୟରେ ।


ରାତି !
ତୁମେ ତ ମୋ ହାତ ଧରି
ଆକାଶ ଠୁ ମାଟିକୁ ଆଦର
ତୁମରି ଜଠର ତଳୁ
ଜନ୍ମନିଏ ଆଲୋକର
ପ୍ରଥମ ଅଙ୍କୁର !

+ କୃଷ୍ଣ ନଗର (ସମଲପୁର)
ପୋ : ବାଲିଆ
ଜି : ବାଲେଶ୍ୱର
(ମୋ) ୮୯୧୭୬୭୫୬୮୩

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର,୦୮ ନଭେମ୍ବର ୨୦୨୦

## ମନେପଡେ....(୩୯)

# ବୃତ୍ତି ପରୀକ୍ଷା ଦେବାପାଇଁ ସହର ଯିବା କଥା



ସୁଗାଳ୍ପିକ ଓ ସ୍ତମ୍ଭକାର
**ଉଦୟ ନାରାୟଣ ଦାସ**

ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଦୀର୍ଘଦିନର ନୀରବତା ପରେ ତାଙ୍କର ଆଉ ଏକ ନୂଆ ସ୍ତମ୍ଭ 'ମନେପଡେ' । ଏହା ପୂର୍ବରୁ ତାଙ୍କର ଗାଁ, ସହର, ଡାଏରୀ ଓ ଦୃଷ୍ଟି ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ 'ମନେପଡେ'ରେ ଆପଣ ଭେଟିବେ ଲେଖକଙ୍କ ସ୍ମୃତିକୁ ଗୋଟେ ନିଆରା ଢଙ୍ଗରେ ।

ଚୂନଭାଟୀ କଲୋନୀ, ଗୋପାଳଗାଁ, ଜି- ବାଲେଶ୍ୱର, ଓଡ଼ିଶା-୭୫୬୦୦୧, (ମୋ) ୯୩୩୮୩୨୨୧୯୯

ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା ଦେବା ପାଇଁ ଆମ ଗାଁ ପ୍ରାଥମିକ ବିଦ୍ୟାଳୟରୁ କୁଳମଣି ମଉସାଙ୍କ ଦୁଇ ପୁଅ ମୋର ପ୍ରିୟ ଦେବେନ୍ଦ୍ର ଭାଇ ଓ ଫକୀର (ମୋ ସଂଗାତ) ଓ ମୁଁ ମନୋନିତ ହେଇଥିଲୁ । ପରୀକ୍ଷା ସେଣ୍ଟର ଖ୍ରୀଷ୍ଟିଆନ ହାଇସ୍କୁଲ, ବାଲେଶ୍ୱରରେ ୨୫.୦୪.୧୯୬୯ରେ ହେବା ପାଇଁ ଚିଠି ଆମ ସ୍କୁଲକୁ ଆସି ଯାଇଥିଲା । କୁଳମଣି ମଉସା ମେଟ୍ରିକ ପଢି ଥିବାରୁ ସେ ତାଙ୍କ ଦୁଇ ପୁଅଙ୍କ ପଢା ପଢିର ତତ୍ୱାବଧାନ ନିଜେ ନେଉଥିଲେ । କିନ୍ତୁ ମୋ ବାପା ଏ ସମ୍ପର୍କରେ କେବେବି ଗୁରୁତ୍ୱ ଦେଉନଥିଲେ । ତାଙ୍କ ଚଷ କାମ, ତାଙ୍କ ବହି ପଢା ବା ତାସ୍ ଖେଳାକୁ ନେଇ ସେ ବ୍ୟସ୍ତ ରହୁଥିଲେ । ସେଥିପାଇଁ ମୁଁ ନିଜେ ନିଜେ ଯାହା ସବୁ ପଢା ପଢି ପ୍ରସ୍ତୁତ କରୁଥିଲି ପରୀକ୍ଷା ପାଇଁ । ମୁଁ କିନ୍ତୁ ଭାବୁଥିଲି ଯେମିତି ହେଉ ବୃତ୍ତିଟା ପାଇଗଲେ ମୋର ପାଠ ପଢା ଖର୍ଚ୍ଚଟା ମେନେଜ୍ ହେଇ ଯାଆନ୍ତା । କିନ୍ତୁ ପାଇବା ନପାଇବା ମୋ ହାତର କଥା ନଥିଲା ।

ଶେଷକୁ ପରୀକ୍ଷାର ଦିନ ପାଖେଇ ଆସିଲା । ସ୍ଥିର ହେଲା ୨୪.୦୪.୧୯୬୯ ସକାଳ ନ ହେଉଣୁ ଆମକୁ ଘରୁ ବାହାରି ଯିବାକୁ ହେବ । କୁଳମଣି ମଉସା ଆମ ତିନି ଜଣଙ୍କୁ ନେଇ ଖନ୍ତାପଡା ଷ୍ଟେସନ ପାଖକୁ ଯିବେ । ସେଠୁ ଆମେ ପେସେଞ୍ଜର ରେଳ ଗାଡ଼ିରେ ବାଲେଶ୍ୱର ଯିବୁ । କୁଳମଣି ମଉସା ତା ଆଗ ଦିନ ରାତିରେ ଆସି ଆମ ଘରେ ସବୁ ଯିବା କଥା କହୁଥିଲେ । ବାପା ଏସବୁ କଥାରେ ମୁଣ୍ଡ ପୂରାଇବା ଲୋକ ନଥିଲେ । ବୋଉ ମୋର ତାଙ୍କ କଥା କାନ ଦେଇ ଧ୍ୟାନରେ ଶୁଣୁଥିଲେ । ସେହି ଅନୁସାରେ ସେ ମସଗ୍ର ରାତି ଉଜାଗର ରହି ମୋର ସବୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ, ପିନ୍ଧା ଲୁଗା, ବହି ଓ ଖାତାପତ୍ର ସବୁ ଗୋଟେ ବଡ ଥଳିରେ ରଖୁଥିଲା । ତା ଭିତରେ ବୋଉ ବି ବାରମ୍ବାର ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିଲା ମୋର ପରୀକ୍ଷାର ସଫଳ କାମନା କରି । ତା ଭିତରେ ସେ ଦୌଡି ଯାଇଥିଲା ମା ବଡମ୍ମା ଆସ୍ଥାନ ପାଖକୁ । ସେଠୁ ମାଆଙ୍କ ମଥାରୁ ସିନ୍ଦୁର ଆଣି ଗୋଟେ କାଗଜରେ ଗୁଡ଼ାଇ ମୋ ନେବାକୁ ଥିବା ଥଳିରେ ରଖି ମୋତେ କହିଲା - 'ବୁଢାରେ ପରୀକ୍ଷାକୁ ଯିବା ପୂର୍ବରୁ ଏ ସିନ୍ଦୁରକୁ ମଥାରେ ମାରି ଯିବୁରେ । ସେଇ ମାଆ ତୋତେ ସାହା ହେବେ ପରୀକ୍ଷାରେ ।'

ସମଗ୍ର ରାତି ଚାଲିଗଲା ବୋଉ କି ମୁଁ ଶୋଇ ନଥିଲୁ । ଅପେକ୍ଷା କରିଥିଲୁ କେତେବେଳେ କୁଳମଣି ମଉସା ଓ ତାଙ୍କ ଦୁଇ ପୁଅ ଆସି ମୋତେ ଡ଼ାକିବେ ।

ଘଣ୍ଟା ନଥିବାରୁ ସମୟ ଜାଣିବା ଆମ ମାଆ ପୁଅ ପକ୍ଷେ ସମ୍ଭବ ନଥିଲା । ଆକାଶର ତାରା ଦେଖି ବୋଉ ସମୟ ଆକଳନ କରୁଥିଲା । ଅନ୍ଧାରୁଆ ରାତିରେ ବୋଉ ସହ ମୁଁ ପୋଖରୀକୁ ଗାଧୋଇ ମା ବଡାମ୍ମାଙ୍କୁ ଓଳଗି ହେବାକୁ ଯାଇଥିଲି । ମା'ଙ୍କୁ ଓଳଗି ହେଲାବେଳେ କାହିଁକି କେଜାଣି ମୋର ଦୁଇ ଆଖିରୁ ଝର୍ ଝର୍ ଲୁହ ମା'ଙ୍କ ଉପରେ ଅଜାଡ଼ି ହୋଇଯାଇଥିଲା । ବୋଉବି ମୋ ଆଖିରୁ ଲୁହ ପୋଛୁ ପୋଛୁ ମାଆଙ୍କୁ ପ୍ରାର୍ଥନା କରୁଥିଲା - 'ତୋ ପୁଅକୁ ବଡ଼ ମଣିଷ କରିଦେ ମା, ସେ ଏ ସଂସାରରେ ଦୁଃଖ ମୋଚନ ପାଇଁ ସମର୍ଥ ହେଉ ।'

ରାତି ଆହୁରି ତିନି ଘଡ଼ି ପାଖାପାଖି ଥିଲା । କୁଳମଣି ମଉସାଙ୍କ ପାଟି ଶୁଭିଲା । ମୁଁ ଥଳି ଧରି ବାହାରି ପଡିଲି ବାପା, ବୋଉ, ବୁଢାବାପାଙ୍କ ଆର୍ଶୀବାଦ ନେଇ । ମୁଁ ଗଲାବେଳେ ବୋଉ ଆଖିରେ ଦିଗନ୍ତ ବିସ୍ତାରି ଅସୁମାରି ସ୍ୱପ୍ନ ସବୁ ଦେଖି ପାରୁଥିଲି । ଅନ୍ଧାର ରାତି ଭିତରେ ଆମେ ଖନ୍ତାପଡା ଷ୍ଟେସନ ଚାଲିଥିଲୁ । ମଉସା କହୁଥିଲେ - 'ଶୀଘ୍ର ଚାଲ ଟ୍ରେନ୍ ୫.୩୦ରେ ପହଞ୍ଚିବ । ଟ୍ରେନ ଫେଲ୍ ହୋଇଗଲେ ବଡ ଅସୁବିଧା ହେବ ।' ମଉସା ନୂଆବଜାରରେ ତାଙ୍କ ବନ୍ଧୁଙ୍କୁ କହି ଗୋଟେ ଘର ଠିକ୍ କରିଥିଲେ ଆମେ ରହିବା ପାଇଁ । ବିଲ, ବଣ, ପାହାଡ଼ ଅତିକ୍ରମ କରି ଆମେ ଚାଲିଥିଲୁ । ଆକାଶରେ ତାରାମାନେ ଦପ୍ ଦପ୍ ହେଉଥିଲେ । ପାହାନ୍ତିଆ ଚଢେଇ ମାନଙ୍କ କିଚିରିମିଚିର ଶବ୍ଦରେ ଆମ ନିରବତା ଭାଙ୍ଗୁଥିଲା ।

ଟ୍ରେନ ପାଖରେ ପହଞ୍ଚିଲା ବେଳକୁ ଫାଷ୍ଟ ବେଲ୍ ହେଇଥିଲା । ଟ୍ରେନକୁ ଆମେ ଉତ୍ସୁକତାରେ ଅନାଇ ରହିଥିଲୁ । ସତ କଥା ୟା ପୂର୍ବରୁ ମୁଁ ଆଗରୁ କେବେ ଟ୍ରେନରେ ବସି ନଥିଲି । ଏହା ହିଁ ଥିଲା ମୋର ପ୍ରଥମ ଟ୍ରେନ୍ ଯାତ୍ରା ।

ପୁଣି ବାଲେଶ୍ୱର ସହର ବି ମୁଁ କେବେ ଆଗରୁ ଯାଇନଥିଲି । ଏହାହିଁ ଥିଲା ମୋର ପ୍ରଥମ ସହର ସହ ପରିଚୟ । ସହରର ଚଳଣି, ମଣିଷ, ଗାଡ଼ି, ବ୍ୟସ୍ତ ଜୀବନ, ପାଇଖାନା, ପକ୍କା ଘର, ବିଜୁଳି ବତୀ, ପାଇପ୍ ପାଣି, ଏତେ ବଡ ସ୍କୁଲ ସବୁ ମୋତେ ଚକିତ କରି ଦେଇଥିଲା । ମୁଁ ଭାବୁଥିଲି ଆମେ କଣ କେବେ ଏମିତି ସହରରେ କେବେ ସ୍ଥାୟୀ ଭାବେ ରହିପାରନ୍ତେ ନାହିଁ !(ଆରଥରକୁ)

---

ଧାରାବାହିକ ଉପନ୍ୟାସ

# ନାତି



ଡ. ରତିକାନ୍ତ ବେହେରା
କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ)୯୪୩୯୪୪୨୯୪୨



ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଚ୍ଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ ।- ଲେଖକ

ଭାଗ-୨

(ପୂର୍ବ ପ୍ରକାଶିତ ଉତ୍ତାରୁ)

"ଉପରକୁ ଆସ, ନାତି ପାଖକୁ ।" କହିଲେ ଦୀନନାଥ ଏବଂ ଆଗେ ଆଗେ ଚାଲିଲେ । ଡଗ ଡଗ ହୋଇ ପାହାଚ ଚଢୁ ଚଢୁ କହି କହି ଚାଲୁଥିଲେ-

"ନାତି ସଂଗେ ସଂଗେ ମେଡ଼ିକାଲ୍ ଯିବ । ଆମ୍ବୁଲାନ୍ସକୁ ଖବର ଦିଆଯାଇଛି ।"

ସେତେବେଳକୁ ଉଭୟେ ପହଞ୍ଚି ସାରିଥିଲେ ଲେବର୍ ରୁମ୍‌ରେ, ଯେଉଁଠି ଗୋଟେ ଉଚ୍ଚ ଟେବୁଲ୍ ଉପରେ ଶୋଇଥିଲା ନାତି ।

ଦୀନନାଥ ସ୍ତ୍ରୀ କଳ୍ପଲତାଙ୍କୁ ଭଙ୍ଗା ଭଙ୍ଗା କଣ୍ଠରେ କହିଲେ -

"ନାତି - ଦେଖିନିଅ ଟିକେ ।"

ଆଗ୍ରହ ଏବଂ ଉତ୍ସୁକତାର ହାତ ବଢ଼େଇଲେ କଳ୍ପଲତା । ମାଡ଼ାମ୍ (ଡାକ୍ତରାଣୀ) ତାଙ୍କୁ ବାରଣ କଲାବେଳକୁ ଦୀନନାଥ କହିଲେ -

"ପିଲାର ଆଈ ।"

ବାରଣରୁ ନିବୃତ୍ତ ହେଲେ ଡାକ୍ତରାଣୀ । ଅଳ୍ପଟିକେ ଛୁଇଁଲେ କଳ୍ପଲତା ନାତିକୁ । ତାଙ୍କ ଦେହ ରୋମାଞ୍ଚିତ ହେଲା ନାତିକୁ ସ୍ପର୍ଶ କରି, ହେଲେ ଥମ୍ ଥମ୍ ହୋଇ ପଡ଼ିଲେ ଦୀନନାଥ । କଳ୍ପଲତାଙ୍କ ଉଦ୍ଦେଶ୍ୟରେ କହିଲେ -

"ପିଲା ଏବେ ଯିବ ଆମ୍ବୁଲାନ୍ସରେ ମେଡ଼ିକାଲ୍ ।"

ହୁଏତ କଳ୍ପଲତା ଆଉ ନାତିକୁ - ଏମିତି କିଛି ଆଶଙ୍କା ତାଙ୍କୁ ମାଡ଼ି ବସୁଥିଲା ।

"ଭଲ ପିଲାଟା ! ତା'ର କ'ଣ ହୋଇଛି ଯେ ସେ ଯିବ ଡାକ୍ତରଖାନା ? ଏ ପରା ନର୍ସିଂହୋମ୍ । ଡାକ୍ତରଖାନା ଅପେକ୍ଷା ଲୋକେ ଅଧିକ ସୁବିଧା ସୁଯୋଗ, ଭଲ ଚିକିତ୍ସା ପାଇବେ ବୋଲି ଏଠିକି ଆସନ୍ତି । ଏଠୁ ପୁଣି ମେଡ଼ିକାଲ୍ କାହିଁକି ? ମୂଳରୁ ତ ଆମେ ମେଡ଼ିକାଲ୍ ଯାଇଥିଲେ ଭଲ ହୋଇଥାନ୍ତା !"

କଳ୍ପଲତାଙ୍କ ପ୍ରଶ୍ନରେ ଆଦୌ ଉତ୍ତର ନଥିଲା ଦୀନନାଥଙ୍କ ପାଖରେ । ତାଙ୍କୁ ବୁଝେଇବାର ସମୟ ଏ ନୁହେଁ । ତେଣୁ ଏ ପ୍ରକାର ଅଭିଯୋଗରୁ ତାଙ୍କୁ ନିବୃତ୍ତ ରହିବାକୁ ସୂଚନା ଦେଲେ ସେ ।

ଭବେଶ ଆସି ଛିଡ଼ା ହେଲାଣି ପଖରେ । ଶୁଣିଲା ବେଳଠୁଁ ସେ ଚାହୁଁଥିଲା (ଡାକ୍ତର ନୀଳମାଧବ ତାଙ୍କୁ ଆଉ କ'ଣ କହିଥିଲେ କେଜାଣି !) କଟକ ନେଇଯିବ ବୋଲି । କିନ୍ତୁ ପୁନରାୟ ସେ ମତ ବଦଳେଇ ଦେଲା । 'ବୁଡ଼ିଗଲା ଲୋକ କୁଟା ଖିଅକୁ ଆଶ୍ରା' ନ୍ୟାୟରେ ହୁଏତ ସେ ଭାବୁଥିଲା, ଦୁଇଶହ କିଲୋମିଟର ଦୂର କଟକ ନେବା ଅପେକ୍ଷା ଆପାତତଃ ପୁଅକୁ ଦୁଇ କିଲୋମିଟର ବ୍ୟବଧାନରେ ଥିବା ସରକାରୀ ଡାକ୍ତରଖାନାର ଏସ.ଏନ୍.ସି.ୟୁ.କୁ ନେବା ଅଧିକ ପ୍ରାସଙ୍ଗିକ ହେବ । ଏଣୁ କହିଲା -

"ବାପା ! ଆପଣ, ମା' ଓ ମାଇଁଙ୍କ ସହଯୋଗରେ ପୁଅକୁ ଡାକ୍ତରଖାନା ନେଇ ଆସନ୍ତୁ । ନୀଳମାଧବ ସାର୍ ମେଡ଼ିକାଲ୍‌କୁ ଫୋନ୍ କରିଦେଇଛନ୍ତି, ସିଧା ନେଇ ଏସ.ଏନ୍.ସି.ୟୁ.ରେ ଭର୍ତ୍ତି କରିଦେବା । ତା'ପରେ ଯାଇ ଆଡ଼ମିସନ୍ ହେବ । ମୁଁ ଆଗେ ଆଗେ ବାଇକ୍ ନେଇ ଯାଉଛି । ସେଠିକା ବ୍ୟବସ୍ଥା ଦେଖିବି ।"

"ଆମ୍ବୁଲାନ୍ସ ଆସିଯାଉ !" - ଦୀନନାଥ କହିଲେ ।

"ଆମ୍ବୁଲାନ୍ସ ଆସିଗଲାଣି ।"

ଭବେଶ ବି ଜଣେ ଡାକ୍ତର । ଅବଶ୍ୟ ଟିକେ ଦୂର ଅଞ୍ଚଳରେ, ଏକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ । ସେ ବରଂ ସେଠିକା ବ୍ୟବସ୍ଥାକୁ ଭଲ କରି ଅନୁଧ୍ୟାନ କରି ପାରିବ । ନ ହେଲେ କଟକ ନେଇଯିବା ବରଂ ଠିକ୍ ହେବ ।

ନର୍ସ ଆଉ କମ୍ପାଉଣ୍ଡର୍ ମିଶି ଏବେ ପିଲାକୁ ତଳକୁ ନେଇ ଆସିଲେ, ଆମ୍ବୁଲାନ୍ସ୍ ପର୍ଯ୍ୟନ୍ତ । ପଛେ ପଛେ ଦୀନନାଥ, କଳ୍ପଲତା ଆଉ ସୁମତି । ଶୁଭଦା ପାଖରେ ନିଜ ଲୋକ କେହି ଆଉ ରହିଲେ ନାହିଁ । ଶୁଭଦା ସେତେବେଳେ ହୁଏତ କିଛି ବୁଝିପାରୁ ନଥିଲା, ଏସବୁ କ'ଣ ହେଉଛି ! ଆଖିଖୋଲି ଚାହିଁ ଦେଇ ପାଖରେ କାହାକୁ ନ ପାଇ ପୁଣି ଆଖି ବୁଜିଦେଲା । ପିଲାକୁ ନେଇ କିଛି ଗୋଟେ ଅଘଟଣର ଅନୁମାନ କଲା । ପିଲାଜନ୍ମ ପରେ ନର୍ସଟି ତା' କାନ ପାଖରେ କେବଳ କହିଥିଲା - "ତୁମ ପରି ସୁନ୍ଦର ପୁଅଟିଏ ହୋଇଛି ଦିଦି ।" ଏତକ ଶୁଣି ସେ ଆଖି ଖୋଲିଥିଲା ପୁଅକୁ ଥରେ ଦେଖିବ ବୋଲି । ହେଲେ ଦେଖିପାରି ନଥିଲା । ଧୁଆଧୋଇ, ପୋଛାପୋଛି କରିବା ପାଇଁ ନର୍ସମାନେ ସଂଗେ ସଂଗେ ଅନ୍ୟ ଏକ ରୁମ୍‌କୁ ନେଇ ଯାଇଥିଲେ ପୁଅକୁ । ଏବେ ବେଡ଼୍ ଉପରେ ଶୋଇ ଶୋଇ ଶୁଭଦା ଅପେକ୍ଷା କରୁଥିଲା, ପୁଅକୁ ନେଇ ନର୍ସ କେତେବେଳେ ଆସିବ, ପଛେ ପଛେ ମା' ଓ ମାଇଁ ଆସିବେ । ପାଖରେ ଥୁଆ ହୋଇଥିବା ଝୁଲଣାକୁ ବାରମ୍ବାର ଅନଉଥିଲା ସେ । ଓଃ, କେତେବେଳେ ଏମାନେ ସବୁ ଆସିବେ ଯେ ! ଆଗ୍ରହ ଓ ପୁଲକ ବଢ଼ି ବଢ଼ି ସୀମା ଛୁଇଁ ଯାଇଥିଲା ।

ନର୍ସ କହୁଥିଲା, ପୁଅ ତା'ର ଖୁବ୍ ସୁନ୍ଦର ହୋଇଛି ବୋଲି । ହେଲେ ତା' ପରି ନା ଭବେଶ ପରି ? ଭବେଶ ପରି ଡେଙ୍ଗା ହେବ ନିଶ୍ଚୟ । କିନ୍ତୁ ତା' ପରି ମୁହଁର ଗଢ଼ଣ ହେଲେ ଭଲ । ପୁଅ ପିଲାମାନେ ମା'ର ଗଢ଼ଣ ନେଲେ ସୁନାମ ଅର୍ଜନ କରନ୍ତି, ସୁଖୀ ହୁଅନ୍ତି ବୋଲି ସେ ଶୁଣିଛି । ଏ କଥା ବି ଶୁଣିଛି ଯେ, ପ୍ରଥମ ସନ୍ତାନ ପୁଅ ହେଲେ ମାତୁଳକ୍ରମ ହୋଇଥାନ୍ତି । ଯଦି ସେଇଆ ହୋଇଥିବ, ତାହେଲେ ଭାଇଭଳି ପୁଅ ବି ତା'ର ନିଶ୍ଚୟ ଜଣେ ବଡ଼ ଡାକ୍ତର ହେବ ।

ଧେତ୍, ଏତେ ସବୁ କଥା ସେ ଭାବୁଛି କାହିଁକି ! କିନ୍ତୁ ସେ ଇଚ୍ଛା କରି ସେ କଥା ଭାବୁ ନଥିଲା । ଆପେ ଆପେ ଭାବି ହୋଇ ଯାଉଥିଲା ।

ଅପରେସନ୍‌କୁ ତା'ର ଭାରି ଡରଥିଲା । ହେଲେ ସେ କିଛି ତ କାହିଁ ଜାଣିପାରିଲା ନାହିଁ । ଅବଶ୍ୟ ଅପରେସନ୍‌ର ସବୁଯାକ ଘଟଣା ସେ ଦେଖି ପାରୁଥିଲା । ପ୍ରଥମେ ପ୍ରଥମେ ଭାରି ଭୟ ଲାଗୁଥିଲା । ସତ୍ୟବାଦୀ ଅଙ୍କଲ୍ ପାଖରେ ଛିଡ଼ା ହୋଇଥିଲେ । ସେ ବୋଧହୁଏ କଥା ହେଉଁ ହେଉଁ ଆନେସ୍‌ଥେସିଆ ଇଂଜେକ୍‌ସନ୍ ଦେଇଥିଲେ । ଛାତିଠାରୁ ତଳକୁ କାଲୁଆ ହୋଇଗଲା । ତା'ରି ଭିତରେ ଅଙ୍କଲଙ୍କ କଥାରେ ସେ ଉତ୍ତର ଦେଇ ଚାଲିଥିଲା । ବାହାଘର କଥା, ଶ୍ୱଶୁର ଘର କଥା, ଶାଶୁଙ୍କ କଥା, ଭବେଶ କଥା - ସବୁ ଗୋଟି ଗୋଟି କରି ପଚାରିଥିଲେ ସେ ।

ବାହାଘର ପୂର୍ବରୁ ସତ୍ୟବାଦୀ ଅଙ୍କଲ୍ ପଡ଼ିଶା ଥିଲେ । ଆଉ ବାହାଘରକୁ ସେ ଆସି ନଥିଲେ, କେବଳ ଅର୍ଷି ଆସିଥିଲେ । ତେଣୁ ସେଇ ଓ.ଟି. ଟେବୁଲ୍‌ରେ ଶୋଇ ଶୋଇ ସେ ଡାକ୍ତର ସତ୍ୟବାଦୀଙ୍କୁ ପଚାରିଥିଲା -

"ମୋ ବାହାଘରକୁ ଅର୍ଷି ଆସିଥିଲେ, ଆପଣ ଆସିଲେନି କାହିଁକି ?"

"କେଉଁଠି ଡାକ୍ତରଖାନାରେ ଏଇ ଡିଉଟିରେ ବ୍ୟସ୍ତ ଥିବି ! ସେଇଥିପାଇଁ ଯାଇ ପାରିଲି ନାହିଁ । ଅର୍ଷି ତ ଯାଇଥିଲେ !"

ହଠାତ୍ ଏଇ ସମୟରେ ଅଁା ଚେଁ ଚେଁ ହୋଇ ଗୋଟେ ଛୋଟ ପିଲାର କାନ୍ଦଣା ଶୁଭିଲା ଶୁଭଦାକୁ ; ଚମକି ପଡ଼ିଲା ସେ । ଯୁଗପତ୍ ମନରେ ପୁଲକ ଏବଂ ଆନନ୍ଦ ଖେଳିଗଲା । ତା'ହେଲେ ଏଇ ମୁହୂର୍ତ୍ତରୁ ସେ ମା'ହୋଇଗଲା ! ପଛ ପାଖରୁ ନର୍ସଟିଏ ଆସି ତା' କାନ ପାଖରେ କହିଲା -

"ପୁଅଟିଏ ହୋଇଛି ଦିଦି ! ତୁମ ପରି ଖୁବ୍ ସୁନ୍ଦର ।"

ଏମିତି ଶୁଭଦା ଖାଲି ପୁଅ କଥା ହିଁ ଭାବି ହେଉଥିଲା । ଏତେଦିନ ଧରି ନିଜ ଗର୍ଭରେ ଯାହାକୁ ଧାରଣ କରିଥିଲା, ଯିଏ ପୃଥିବୀ ବିଦୀର୍ଣ୍ଣ କରି ଜନ୍ମ ନେଇଛି ତା' ଗର୍ଭରୁ ଆଜି ପରି ଏକ ଶୁଭ ଲଗ୍ନରେ ପୁଣି ଶିବ ଚତୁର୍ଦ୍ଦଶୀରେ, କେମିତି ସେ ଶିବଶଂକର ଓ ଭୋଳାନାଥ ? ଟିକେ ଆଖି ପୂରେଇ ଭଲ କରି ଦେଖିବ ବୋଲି ବ୍ୟାକୁଳ ହେଉଥିଲା ସେ । ଶୋଇ ଶୋଇ ଚାରିଆଡ଼େ ଆଖିବୁଲେଇ ଆଣିଲା ।

ତା' ବେଡ଼୍‌ଠାରୁ ଏତେ ଦୂରରେ କାହିଁକି ଝୁଲଣା ରହିଛି ଯେ ? ଏଇଠୁ ହାତ ବଢ଼େଇଲେ ହାତ ଜମା ପାଉନାହିଁ ଝୁଲଣାକୁ ? ନର୍ସ ଆସିଲେ କହିବ ଟିକେ ପାଖକୁ ଘୁଞ୍ଚେଇ ଆଣିବାକୁ । ଠିକ୍ ହାତ ପାଆନ୍ତାକୁ; ଯେମିତି ହାତ ବଢ଼େଇଲେ ପୁଅର ସମଗ୍ର ଶରୀରକୁ ସେ ଛୁଇଁ ପାରୁଥିବ !!

ଏଣେ ନର୍ସିଂହୋମ୍ ସାମ୍ନାରେ ଆମ୍ବୁଲାନ୍ସ ଭିତରେ ନର୍ସ ଏବଂ ଧାଈଗଣ ପ୍ରସ୍ତୁତି ଚଳେଇ ଥିଲେ ପିଲାକୁ ଡାକ୍ତରଖାନା ନେବା ପାଇଁ । ତଳେ ଛିଡ଼ା ହୋଇଥିଲେ ଦୀନନାଥ, କଳ୍ପଲତା ଆଉ ସୁମତି । ଠିକ୍ ଏତିକିବେଳେ ଦୀନନାଥଙ୍କୁ ହଲେଇ ଦେଇ କଳ୍ପଲତା ରାଗ ତମ ତମ ମୁହଁରେ ପଚାରିଲେ -

"ମୋତେ କହୁନା ! କଅଁଳା ପିଲାଟାକୁ ବାହାରକୁ ବାହାର କରି ଆଣି ଡାକ୍ତରଖାନା ନେଉଛ କାହିଁକି ? ଭଲ ପିଲାଟା , ସତରେ କ'ଣ ହୋଇଛି ତା'ର ? ତୁମେ ମୋତେ କିଛି ଖୋଲି କହୁନା କାହିଁକି ?"

"ପିଲାଟା ଭଲକରି କାନ୍ଦି ପାରୁନାହିଁ । ଭଲ କରି ବି ନିଶ୍ୱାସ ପ୍ରଶ୍ୱାସ ନେଇପାରୁ ନାହିଁ ବୋଲି ଡାକ୍ତରଙ୍କ ପରାମର୍ଶରେ ତାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଉଛି । ସେଠି ଏସ.ଏନ୍.ସି.ୟୁ.ରେ ଚବିଶ ଘଣ୍ଟା ରହିବ ।" କିଂକର୍ତ୍ତବ୍ୟବିମୂଢ଼ ଭାବେ ଉତ୍ତର ଦେଲେ ଦୀନନାଥ ।

"ଏଇଟା ତ ଖୁବ୍ ମାମୁଲି କଥା । ପିଲାଜନ୍ମ ହେବା ଯେଉଁଠି ଟିକେ ବିଳମ୍ବ ହୁଏ, ସେଠି ଏମିତି ସମସ୍ୟା ହୁଏ । କିମ୍ବା ପିଲାର ନାକପୁଡ଼ା ଏବଂ ଗଳାରେ ସିଂଘାଣି କିମ୍ବା କଫ ଜମିଗଲେ ବି ସେ କାନ୍ଦିପାରେ ନାହିଁ କି ନିଶ୍ୱାସ ନେଇ ପାରେ ନାହିଁ । ଆମ ଶୁଭ ବେଳକୁ ସେଇଆ ହୋଇ ନଥିଲା କି ? ତୁମେ ସେତେବେଳେ ନ ଥିଲା ପରା ! ସେ ନର୍ସ ବୁଢ଼ୀ ତା'କୁ ଠିକ୍ କରି ଦେଲା ନା ନାହିଁ ?"

କଳ୍ପଲତାଙ୍କ କଥା ଦୀନନାଥଙ୍କ କାନରେ ପଡୁଥିଲା କି ନାହିଁ କେଜାଣି ! ଅତୀତରେ ଗୋଟେ ଘଟଣା ପାଖରେ ସେ କିନ୍ତୁ ଅଟକି ଯାଇଥିଲେ । ପିଲାଟିବେଳେ ଗାଁ ଦାଣ୍ଡରେ ଖେଳୁଥିଲା ବେଳେ ହଠାତ୍ ସେ ଶୁଣିଲେ ପଡ଼ିଶାଘରେ ନୂଆ ହୋଇ ଆସିଥିବା ବୋହୂଟିର ପିଲାଜନ୍ମ ହୋଇଛି । ଆଖପାଖ ଘରର ସ୍ତ୍ରୀ ଲୋକ ଓ ଭୁଆସୁଣୀମାନେ ତାଙ୍କ ଘରକୁ ଧାଡ଼ି ଲଗେଇଛନ୍ତି । ପୁଅପିଲା ଜନ୍ମହୋଇ କାନ୍ଦୁନାହିଁ ? ସାଧାରଣତଃ ଝିଅ ପିଲା ଟିକେ ବିଳମ୍ବରେ କାନ୍ଦିଥାନ୍ତି, ପୁଅ ପିଲା ଶୀଘ୍ର । ଏ ପୁଅ ପିଲାଟି କିନ୍ତୁ କାନ୍ଦୁନାହିଁ ବୋଲି ତାଙ୍କ ଘରେ ଛୋଟିଆ ହାଟଟେ ବସିଛି । ସମସ୍ତେ ଭାବୁଥାନ୍ତି ପିଲାଟା ବୋଧହୁଏ ମରିଯିବ । କାନ୍ଦୁନାହିଁ ବୋଲି ଧାଈ ତା' ନାକକୁ ବାରମ୍ବାର ଚିପି ଦେଉଛି । ସେ ଟିକେ ଟିକେ କାନ୍ଦୁଛି, ପୁଣି ବନ୍ଦ ହୋଇ ଯାଉଛି । ଏମିତି ଅଧଘଣ୍ଟାଏ କାଳ ଲାଗିଥାଏ ଲୀଳା । ଶେଷରେ ସତକୁ ସତ ପିଲାଟା ଜୋର୍ ରାହା ଧରି କାନ୍ଦିବା ଆରମ୍ଭ କଲା । ସଂଗେ ସଂଗେ ତା' ମାଆକୁ ଦେଲେ କ୍ଷୀର ଖୋଇବାକୁ ।

ଦୀନନାଥ ସେତେବେଳେ ବୁଝିପାରୁ ନଥିଲେ ଏହାର ରହସ୍ୟ । ଏବେ କଳ୍ପଲତାଙ୍କ କଥାଶୁଣି ତାଙ୍କର ସେହି କଥା ମନେ ପଡ଼ିଗଲା ।

କିନ୍ତୁ ଆଜିକାଲି ଆଉ ସେପରି କିଛି ହେଉନାହିଁ । ସବୁ କଥାକୁ ଆଧୁନିକ ଚିକିତ୍ସା ବିଜ୍ଞାନ ଅନୁଧ୍ୟାନ କରି ଚିକିତ୍ସା ଖଂଜି ଦେଇଛି । ପୁରୁଣା ରୀତିନୀତି ଓ ଚଳଣୀ ଛିଣ୍ଡା କନା ପରି ଫୋପଡ଼ା ହେଲାଣି । ଖତ ଖାଇଗଲାଣି ।

ଅକ୍‌ସିଜେନ୍ ଲଗାହେବା ପରେ ନର୍ସଙ୍କ ନିର୍ଦ୍ଦେଶରେ ଦୀନନାଥ ଯାଇ ଆମ୍ବୁଲାନ୍ସରେ ବସିଲେ । ମୋଟା ଟର୍କିସ୍ ତଉଲିଆରେ ପିଲାକୁ ବେଶ୍ ଭଲଭାବେ ଜାକିଜୁକି ଘୋଡ଼େଇ ଧରି ବସିଲେ ସୁମତି ଦେବୀ, କଳ୍ପଲତାଙ୍କ ସାନ ଭାଉଜ ।

ହେଲେ କଳ୍ପଲତା ଡାକ୍ତରଖାନା ଗଲେନାହିଁ । ଫେରିଗଲେ ଉପରକୁ, ଝିଅ ପାଖକୁ । ଶୁଭଦା ପାଖରେ କେହି ନିଜ ଲୋକ ନାହାନ୍ତି ବୋଲି ।

ଜ୍ୱାଇଁ ଭବେଶ ଡାକ୍ତରଖାନାରେ ସମସ୍ତ ବ୍ୟବସ୍ଥା ବୁଝି ସାରିଥିଲେ । ଦଶମିନିଟ୍ ଭିତରେ ପିଲା ଯାଇ ସିଧାସଳଖ ରହିଲା ଏସ.ଏନ୍.ସି.ୟୁ. ଭିତରେ । ବାହାରେ ଅପେକ୍ଷା କଲେ ଦୀନନାଥ ଓ ଅନ୍ୟମାନେ ।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନୂଆହୋଇ ବର୍ଷେ ହେଲା ଖୋଲିଛି ଏସ.ଏନ୍.ସି.ୟୁ. । ପେଡ଼ିଆଟ୍ରିକ୍ ୱାର୍ଡ଼ର୍ ତିରିଶ ଭାଗ ଯାଇଛି ଏଥିପାଇଁ । ସେଇ ପୁରୁଣା ଘରକୁ ବାହାର ପଟୁ ଗୋଟିଏ କଡ଼କୁ ଦୁଆର କଟାଯାଇ ପ୍ରବେଶ ପଥ କରାଯାଇଛି । କେନ୍ଦ୍ରସରକାରଙ୍କ ଯୋଜନାରେ ଓଡ଼ିଶାର ପ୍ରତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଖୋଲା ଯାଇଛି ଏ ବ୍ୟବସ୍ଥା । ନବଜାତ ଶିଶୁ ମୃତ୍ୟୁହାର କମେଇବା ପାଇଁ ଏ ଯୋଜନା ଅବଶ୍ୟ ଲୋକଙ୍କ ଉପକାରରେ ଆସୁଛି କି ନାହିଁ, ତାହା ସଠିକ୍ ଭାବେ ଜଣାନାହିଁ ଦୀନନାଥଙ୍କୁ । ତଥାପି ଦେଶରେ ଲକ୍ଷ ଲକ୍ଷ ଶିଶୁ ମରୁଛନ୍ତି । ସଂପୂର୍ଣ୍ଣ ବନ୍ଦ ହୋଇନାହିଁ । (କ୍ରମଶଃ)

---

# ଦୁଇଟି ଅନୂଦିତ ମିନି ଗପ



ଅନୁବାଦ- ବିନୟ କୁମାର ଦାସ
ଅଂଗାରଗଡିଆ, ବାଲେଶ୍ୱର- ୧
ମୋ- ୭୯୭୮୮୬୦୩୬୩



## ।। ସ୍ଲିମ୍ ଫିଗର ।।

### ମୂଳ ହିନ୍ଦୀ- ମୀରା ଜୈନ

ମିସେସ୍ ନାଥାନୀଙ୍କୁ ଏତେ ସ୍ଲିମ୍ ଫିଗର ରେ ଦେଖି କଲୋନୀର ମହିଳାମାନେ ଖୁବ୍ ଆଶ୍ଚର୍ଯ୍ୟ ଚକିତ ହୋଇଗଲେ । ହେବା ବି ସ୍ୱାଭାବିକ କଥା । କାରଣ ଏଇ କିଛି ମାସ ତଳେ ସେ ଭଲରେ ବି ଚାଲି ପାରୁ ନଥିଲେ ତାଙ୍କର ସେହି ପୃଥୁଳକାୟ ଶରୀରକୁ ନେଇ । ଅଥଚ ଏବେ ଏମିତି ଆକସ୍ମିକ ଅଭୂତପୂର୍ବ ପରିବର୍ତ୍ତନ !

ସେମାନେ ଏହାର ଅସଲ କାରଣ ଓ ରହସ୍ୟ ଜାଣିବା ପାଇଁ ଅନୁମାନ କରିବା ଆରମ୍ଭ କରିଦେଲେ । ଯିଏ ଯାହା ଅନୁମାନ କଲା, ଅବିଳମ୍ବେ ପ୍ରକାଶ କରିଦେଲା । କିଏ କହିଲା , " ସେ ନିଶ୍ଚୟ କିଛି ପ୍ରାକୃତିକ ଚିକିତ୍ସା କରାଇଥିବେ । " କିଏ କହିଲା , " ମୁଁ କିନ୍ତୁ ସିଅର୍ , ସେ ଆର୍ଯୁବେଦ ଚିକିତ୍ସାକୁ ଆପଣାଇ ନେଇଥିବେ । ଏହି ଚିକିତ୍ସା ପଦ୍ଧତି ଫଳପ୍ରଦ ହୁଏ । " ଆଉ ଜଣେ କହିଲା , " ନା..ସେମିତି କିଛି ମାନେ ନାହିଁ । ଏଲୋପ୍ୟାଥିରେ ରେ ବି ଏହାର ସୁଫଳ ମିଳିପାରିବ । ତେବେ ଠିକ୍ ଡାକ୍ତରଙ୍କ ସହିତ ପରାମର୍ଶ କରିପାରିଲେ ହେଲା । " ତହୁଁ ଜଣେ ଟିକେ ଚିଡିବା ସ୍ୱରରେ କହିଲା , " କଣ ସବୁ ଏମିତି ବାଜେ ଅନୁମାନ କରୁଛ ? ମୋଟାପଣରୁ ରକ୍ଷା ପାଇବା ପାଇଁ ସେମିତି କିଛି ବି ଗ୍ୟାରେଂଟିଯୁକ୍ତ ଔଷଧ ବାହାରି ନାହିଁ । ହଁ , ହୁଏତ କିଛିଟା ସୁଫଳ ମିଳିବ , ତେବେ ଏଠି ତ ସେମିତି କିଛି ଜଣା ପଡୁନି । ମୋ ମତରେ କେବଳ ଯୋଗ ଦ୍ୱାରା ହିଁ ଏହା ସମ୍ଭବ ହୋଇପାରେ । ତା ମାନେ ସେ ରୀତିମତ ଯୋଗ କରୁଛନ୍ତି । " ତେବେ ଏ ସବୁ ତ ଖାଲି ସେମାନଙ୍କର ଅନୁମାନ ଥିଲା । ଅସଲ କାରଣ ଜାଣିବା ପାଇଁ ସେମାନେ କେମିତି ଛାଟିପିଟି ହେଉଥିଲେ ମନେ ମନେ ।

ଅସଲ ସତ୍ୟ ଠିକ୍ ତହିଁ ପରଦିନ ସକାଳେ ହିଁ ଜଣା ପଡିଗଲା ମିସେସ୍ ନାଥାନୀଙ୍କ ଘରକୁ ଆସୁଥିବା କାମବାଲୀ ଠାରୁ । ସେ କହିଲା , " ମାଡାମ୍ ପରା ଛଅ ମାସ ହେଲା ଦ୍ୱିଲ୍ଲୀରେ ଥିଲେ ତାଙ୍କ ବୋହୂ ପାଖରେ , ସେଇଠୁ ତ ସିଧା ସେ ଫେରିଛନ୍ତି । "

■ ■ ■

## ।। ମୂକ ବିନତି ।।

### ମୂଳ ହିନ୍ଦୀ- ସନ୍ତୋଷ ସୁପେକାର

" ଜାଣିଛ ପୁଷ୍ପା , ମୁଁ ଆଜି ମୋ ଅଫିସ୍ ରେ ବାୟୋମେଟ୍ରିକ ମେସିନ୍ ଲଗାଇ ଦେଲି । " ପତ୍ନୀଙ୍କୁ ।ଅତି ଖୁସି ମୁଦ୍ରାରେ କହୁଥିଲେ ରାଜେଶ ।।

" ସେଥିରେ କଣ ହୁଏ କି ?"

" ଓହୋ..ତୁମେ ଜାଣିନ ପରା । ଜାଣିବ ବି କେମିତି ? ଏଗୁଡିକ ଆଜିକାଲି ର ନୂଆ ପ୍ରାକ୍ଟିସ୍ । ପୂରାପୂରି ଲେଟେଷ୍ଟ ଟେକ୍ନୋଲୋଜି । ଏହାଦ୍ୱାରା ମୁଁ ମୋ ଅଫିସ ରୁମ୍ ରେ ବସି ଅଫିସ ର ପ୍ରତ୍ୟେକ କର୍ମଚାରୀଙ୍କୁ ଦେଖି ପାରିବି । ସମସ୍ତ କର୍ମଚାରୀ ଏବେ ପ୍ରଥମେ ମୋ ଅଫିସ୍ ଚେମ୍ବର କୁ ଆସିବେ । ସେହି ମେସିନ୍ ରେ ନିଜର ଟିପ ଲଗାଇ ହାଜିରା ପକାଇବେ । ମାନେ କେତେବେଳେ ଆସିଲେ , କେତେ ବେଳେ ଅଫିସ ଛାଡିଲେ, ସବୁ ମୁଁ ମୋ ରୁମରୁ ଥାଇ ଜାଣିଯିବି । ଭଲ ହେଲା ନା ପୁଷ୍ପା ।"

" ଆରେ ବାଃ..ଇଏ ତ ବହୁତ ବଢିଆ ହେଲା ।"

ପୁଅବୋହୂଙ୍କ ଏହିସବୁ କଥାକୁ ଶୁଣୁଥିଲେ ସେଇ ପାଖ କୋଠରୀରେ ଶୋଇ ରହିଥିବା ମାଆ ବୁଢୀ । ସେ ବେଶ୍ କିଛିଦିନ ହେଲା ନିଜ ପୁଅକୁ ଟିକେ ପାଖରୁ ବି ଦେଖି ପାରୁ ନଥିଲେ । ପୁଅ ଯୋଉ କିଛି ସମୟ ପାଇଁ ଘରକୁ ଆସୁଥିଲା, ମା ପାଖକୁ ଆସିବାକୁ ତାକୁ ସମୟ ମିଳୁ ନଥିଲା । ସ୍ତ୍ରୀ ସହିତ କଥା ହୋଇ କଣ ଗଣ୍ଡେ ଖାଇ ଦେଇ ସେ ପୁଣି ଚାଲି ଯାଉଥିଲା ତା ଅଫିସ୍ କୁ । ମାଆ ପାଖକୁ ଆସି ପଦେ ଭଲମନ୍ଦ କଥା ହେବା ପାଇଁ ତା ହାତରେ ସମୟ ର ଘୋର ଅଭାବ ରହିଥିଲା । ପାଖକୁ ନ ଆସିଲା ନାହିଁ , ଏମିତିରେ ତାକୁ ଟିକେ ଆଖି ପୂରେଇ ଦେଖିବାର ବି ତା ପାଇଁ ସୁବିଧା ନଥିଲା । ଆଜି ଏତକ ଶୁଣିବା ପରେ ସେ ଭାବୁଥିଲା କହିଦେବ.." ପୁଅରେ.. ଏମିତି ଗୋଟିଏ ମେସିନ୍ ମୋ କୋଠରୀରେ ଲଗାଇ ଦିଅନ୍ତୁ ନି । କିଛି ନହେଲେ ବି ତୋତେ ତ ଦେଖି ପାରନ୍ତି ଟିକେ ।" ।

■ ■ ■

# ଜାତିବାଦର ବିଲୋପ ବନାମ ବିଶ୍ୱାସ

**॥ ବିନୋଦ ॥**



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଜାତି ଏକ ଭାବନାର ପ୍ରତିଫଳନ ମାତ୍ର। ହୁଏତ କିଛି ମାନସିକତା ପିଢ଼ି ପିଢ଼ି ଧରି ନିର୍ଦ୍ଦିଷ୍ଟ ଜାତିରେ ରହିଆସିଥାଏ। ମାତ୍ର ଜାତି ଭାବନା ମଣିଷ ନିଜ ମାନସପଟରୁ ଦୂରେଇ ଦେଲେ ଏହା ସମ୍ଭବ ହେବା ବିଚିତ୍ର ନୁହେଁ। ଭାରତୀୟ ସାମାଜିକ ବ୍ୟବସ୍ଥାରେ ଏହା ହୋଇଛି ଯେ, ନାମ ଲେଖାଇବା କାଳରୁ ହିଁ ଜଣେ ଶିଶୁକୁ ଜାତି,ବର୍ଣ୍ଣ, ଧର୍ମ ଆଦିରେ ବାନ୍ଧି ଦିଆଯାଏ। ଏହି ପ୍ରଥା ଦୂରେଇବା ଲାଗି ସରକାରୀ ସ୍ତରରେ ଆଲୋଚନା ହେଉନାହିଁ। ଗୁଜରାଟରେ ପଟିଦାର ଆନ୍ଦୋଳନ ହେଲା। ଏହାର ନେତା ହାର୍ଦ୍ଦିକ ପଟେଲ ରାତାରାତି ପ୍ରସିଦ୍ଧ ହୋଇଗଲେ। ତାଙ୍କୁ କଂଗ୍ରେସ ପକ୍ଷରୁ ରାଜ୍ୟ ଦାୟିତ୍ୱ ବି ଦିଆଗଲା। ଏଥିରୁ ପ୍ରମାଣିତ ହେଉଛି ଯେ, ଭୋଟବ୍ୟାଙ୍କ ହାତେଇବା ଲାଗି ରାଜନୈତିକ ଦଳ କି ପ୍ରକାର କୁତ୍ସ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି। ହାର୍ଦ୍ଦିକ ଚାହିଁଥିଲେ ରାଜ୍ୟର ସମସ୍ତ ଗରିବମାନଙ୍କ ବିକାଶ କଥା କହିପାରିଥାନ୍ତେ। ମାତ୍ର ସେ ତାହା ନ କରି କେବଳ ଜାତିବାଦୀ କାର୍ଡ ଖେଳିଲେ। କାରଣ ପଟିଦାରମାନେ ଯେ କୌଣସି ରାଜନୈତିକ ଦଳର ଭାଗ୍ୟ ନିର୍ଦ୍ଧାରଣ କରୁଥିବାରୁ ହାର୍ଦ୍ଦିକ ଏହି ସୁଯୋଗ ହାତଛଡ଼ା କରିବାକୁ ଚାହିଁଲେ ନାହିଁ।

ମାତ୍ର ଭାରତୀୟ ବ୍ୟବସ୍ଥା ମଧ୍ୟରେ ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ, କୌଣସି ଏକ ବ୍ୟବସ୍ଥାର ମୂଳପୋଛ କରିବା ଲାଗି ସଂଗଠିତ ଉଦ୍ୟମ କ୍ଷେତ୍ରରେ ସାମଗ୍ରିକ ବିପ୍ଲବ ସମ୍ଭବ ହୋଇନାହିଁ। ପରନ୍ତୁ ଗୋଟିଏ ବ୍ୟବସ୍ଥା ବଦଳରେ ଅନ୍ୟ ଏକ ବ୍ୟବସ୍ଥା ପ୍ରଚଳିତ ହୋଇଆସିଛି।

ଯେତେଗୁଡ଼ିଏ ଦଳିତ ଆନ୍ଦୋଳନ ହୋଇଛି ସେସବୁଥିରେ ଦଳିତ ସମ୍ପ୍ରଦାୟର ମୂଳପୋଛ ଲାଗି ଉଦ୍ୟମ ହୋଇନାହିଁ। ବରଂ ଦଳିତ ହୋଇ ରହିଯିବାରେ ଅଯଥା ଗୌରବବୋଧ ପ୍ରକାଶିତ ହୋଇଛି। ଉଦାହରଣ ସ୍ୱରୂପ ଏହି ଆନ୍ଦୋଳନ ନାଁରେ ନାନା ପ୍ରକାର ସଂଗଠନ ତିଆରି ହୋଇଛି ଯାହାର ବାସ୍ତବ ଉଦ୍ଦେଶ୍ୟ ହେଲା- ଦଳିତ ହୋଇ ରହିଯାଇ ଉଚ୍ଚ ଜାତିର ଅତ୍ୟାଚାର ବିରୋଧରେ ଲଢ଼େଇ ଜାରି ରଖିବା। ଯଦି ଦଳିତ ଶବ୍ଦର ଉଚ୍ଛେଦ ଘଟିଥାନ୍ତା ତେବେ ହୁଏତ ଆଜି ଦଳିତମାନେ ଏପରି ଅବସ୍ଥାରେ ନଥାନ୍ତେ। ଅନେକ ଦଳିତବାଦୀ ସଂଗଠନ ତିଆରି ହୋଇଛି ଯେଉଁଥିରେ ସେମାନେ କେବଳ ଅତ୍ୟାଚାରକୁ ହିଁ ବିରୋଧ କରିବା ଦେଖାଯାଉଛି। ଏହାର ଅର୍ଥ ହେଲା ସେମାନେ ଚିରଦିନ ଲାଗି ଦଳିତ ହୋଇ ରହିବାକୁ ହିଁ ଚେଷ୍ଟା କରୁଛନ୍ତି। ବାରିକ, ତୈଳିକ, ଧୀବର, ଭୋଇ, ପଥର ବଢ଼େଇ, କାଠ ବଢ଼େଇ, ସାରୁଆ ବ୍ରାହ୍ମଣ, ହଳୁଆ ବ୍ରାହ୍ମଣ, ଧୋବା ଆଦି ଜାତି ଯେପରି ଭାବେ ଜାତିବାଦ ସଂଗଠନ ତିଆରି କରି ସେମାନଙ୍କ ଜାତି, ଗୋତ୍ର ପରମ୍ପରାକୁ ଚିରଦିନ ସାଇତି ରଖିବା ଲାଗି ଉଦ୍ୟମ କରୁଛନ୍ତି ଏହା ଦ୍ୱାରା ଜାତିବାଦର ବିଲୋପ ସମ୍ଭବ ନୁହେଁ। ସେହି ଜାତି ଭିତରେ ହିଁ ବୈବାହିକ ସମ୍ପର୍କ ତିଆରି କରିବା, ସେହି ଜାତି ଭିତରେ ହିଁ ରହିଆସିଥିବା କୁସଂସ୍କାର, ପରମ୍ପରା, ଜାତିଭିତ୍ତିକ ବ୍ୟବସ୍ଥା ଆଦିକୁ ସାଇତି ରଖିବାର ମାନସିକତା ଏବେ ବି ବଳଶାଳୀ ରହିଛି। ଏହାର ବିଲୋପ ଲାଗି କୌଣସି ଉଦ୍ୟମ ହେଉନାହିଁ। ବରଂ ନେତା, ମନ୍ତ୍ରୀ, ବିଧାୟକ, ଅଫିସର ଆଦି ଏହି ସଂଗଠନଗୁଡ଼ିକର ପ୍ରୋତ୍ସାହନ ସାଜୁଛନ୍ତି। ଅନ୍ଧବିଶ୍ୱାସର ଅନ୍ଧକୂପ ଭିତରେ ମଣିଷର ମୁକ୍ତି ସତରେ କେତେ ଦୁରୂହ ବ୍ୟାପାର!

ଭାରତୀୟ ସମାଜରେ ଯେତେ ଆନ୍ଦୋଳନ ତିଆରି ହୋଇଛି ତାହାର ଶେଷ କେବେ ବି ଏକ ବ୍ୟବସ୍ଥାଗତ ପରିବର୍ତ୍ତନରେ ଉପନୀତ ହୋଇନାହିଁ। ସାମୟିକ ସଫଳତା ସହ ଏହାର ଆଙ୍ଗିକ ପରିବର୍ତ୍ତନ ଘଟିଛି ମାତ୍ର ଆତ୍ମିକ ପରିବର୍ତ୍ତନ ସମ୍ଭବ ହୋଇପାରିନାହିଁ।

ଭାରତରେ ଭକ୍ତିବାଦକୁ ନେଇ ଆନେକ ଆନ୍ଦୋଳନ ସଂଗଠିତ ହୋଇଛି। ଶହ ଶହ ବର୍ଷ ଧରି ଏହି ଆନ୍ଦୋଳନ ଜରିଆରେ ବହୁ ଜାତିର ଲୋକ ଉଦ୍‌ବୁଦ୍ଧ ହୋଇଛନ୍ତି। ଅନେକ ଧାର୍ମିକ ଗୁରୁଙ୍କୁ ଲୋକେ ଆଶ୍ରା ଭାବେ ଗ୍ରହଣ କରିଛନ୍ତି। ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଛନ୍ତି। ମାତ୍ର ଆଶ୍ଚର୍ଯ୍ୟର କଥା ନିଜ ଜାତି, ଧର୍ମ, ବର୍ଣ୍ଣକୁ ତ୍ୟାଗ କରିବାର ନାଁ ଧରି ନାହାନ୍ତି। ଭକ୍ତି ଆନ୍ଦୋଳନର ଅନ୍ୟତମ ରଥୀ ଚୈତନ୍ୟଙ୍କ ହଜାର ହଜାର ଅନୁଗାମୀ ରହିଥିଲେ। ହଜାର ହଜାର ସଂକୀର୍ତ୍ତନ ମଣ୍ଡଳୀ ତାଙ୍କ ଆଦର୍ଶରେ ତିଆରି ହୋଇଥିଲା। ମାତ୍ର ଜାତିବାଦର ବିଲୋପ ଲାଗି ଏହା ଜରିଆରେ ଆଦୌ ଉଦ୍ୟମ ହେଲା ନାହିଁ। ଶ୍ରୀଚୈତନ୍ୟ କେବଳ ନିଜର ଅନୁଗାମୀଙ୍କ ସହ ଭକ୍ତି ଭାବରେ ଲୋଡ଼ା ହୋଇ ରହିଗଲେ। ଯଦି ସେ ଏହା ଜରିଆରେ ସସାଜ ସଂସ୍କାରର ବାର୍ତ୍ତା ପ୍ରଦାନ କରିଥାନ୍ତେ ତେବେ ହୁଏତ ଅନେକ ଜାତିର ବିଲୋପ ଘଟିଥାନ୍ତା। ଯେଉଁମାନେ ଭକ୍ତି ସାହିତ୍ୟରେ ନିମ୍ମଜିତ ରହିଲେ ସେମାନେ ଭଗବାନ(!)ଙ୍କୁ ଡାକିବା ବ୍ୟତୀତ ଅନ୍ୟ କୌଣସି ସାମାଜିକ ସଂସ୍କାରର ବାର୍ତ୍ତା ଦେଲେ ନାହିଁ। କେବଳ ଭକ୍ତିଭାବରେ ବନ୍ଧା ହୋଇଗଲେ ସାମାଜିକ ମୁକ୍ତି ମିଳେନାହିଁ। ସାମାଜିକ, ଅର୍ଥନୈତିକ ଶୋଷଣରୁ ମୁକ୍ତି ପାଇବା, ଅନ୍ଧବିଶ୍ୱାସର ବିଲୋପ ଘଟାଇବା, ଆନ୍ତର୍ଜାତିକ ସ୍ତରରେ ମାନବ ସମାଜ ଲାଗି ନିର୍ବିଶେଷରେ ସଂଗ୍ରାମ କରିବାର ମୌଳିକ ଚିନ୍ତାଧାରାକୁ କେହି କାର୍ଯ୍ୟକାରୀ କଲେ ନାହିଁ। ଫଳ ଏହା ହେଲା ଯେ ହଜାର ହଜାର ପୋଥି ଲେଖାଯାଥିଲେ ବି ସଂସ୍କାରମୂଳକ ପଦକ୍ଷେପର ଦୃଷ୍ଟାନ୍ତ ରହିଲା ନାହିଁ କି ଜାତିବାଦର ବିଲୋପ ନିମନ୍ତେ ଆହ୍ୱାନ ଦିଆଗଲା ନାହିଁ। ଏପରିକି ସ୍ୱାମୀ ବିବେକାନନ୍ଦ ବି ହିନ୍ଦୁତ୍ୱବାଦୀ ଚିନ୍ତାଧାରାରୁ ନିଜକୁ ମୁକ୍ତ କରିପାରିଲେ ନାହିଁ ଏବଂ ହିନ୍ଦୁତ୍ୱ ଜରିଆରେ ସେ ମାନବ ସମାଜ ବିଷୟ ଚିନ୍ତା କରିଥିଲେ। କେଉଁ ଧର୍ମ ବି କେବେ ବି ମଣିଷକୁ ବିପ୍ଳବ ପଥରେ ଆଗେଇ ନେଇନାହିଁ। ଭକ୍ତିରସରେ ଉଦ୍‌ବୁଦ୍ଧ ହୋଇ ଦେବତା, ସ୍ୱାମୀଜୀଙ୍କ ନାମ ଗୁଣ ଗାନ କଲେ ମୁକ୍ତି ମିଳେନା। ଧର୍ମ ପରି ଏକ କୁତ୍ସ ମାନସିକତା ବିରୋଧରେ ବଜ୍ର ସଂଗ୍ରାମ ନ ହେବା ଫଳରେ ଆଜି ଧର୍ମର ବେହରଣ ଭିତରେ ନାନା ଜାତି, ବର୍ଣ୍ଣ ଏବେ ବି ଜାଗ୍ରତ ହୋଇ ରହିଛନ୍ତି।

ଜାତିବାଦର ତୀବ୍ରତା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ ପ୍ରଭାତ ରଂନ ସରକାର। ସେ ବୈଦିକ ବ୍ୟବସ୍ଥା ବିରୋଧରେ ଲୋକଙ୍କୁ ସଂଗଠିତ କରିଥିଲେ। ଜାତି ଗୋତ୍ର ଆଦି ବିରୋଧରେ ସେ ରହିଥିଲେ। ସେ ବିବର୍ତ୍ତନ ତତ୍ତ୍ୱକୁ ଗ୍ରହଣ କରୁଥିଲେ ଏବଂ ବାନରରୁ ମଣିଷର ସୃଷ୍ଟି ବୋଲି ଯେଉଁ ବିବର୍ତ୍ତାନିକ ପ୍ରମାଣ ରହିଛି ତାହାକୁ ସେ ଗ୍ରହଣ କରିଥିଲେ।

ମଣିଷର ସୃଷ୍ଟି ବାନରରୁ ହିଁ ହୋଇଥିଲା। ଏଥିଲାଗି ଲାଗିଥିଲା କୋଟି କୋଟି ବର୍ଷ। ଯେହେତୁ ବାନରର କୌଣସି ଜାତି ନାହିଁ, ମଣିଷର ବି ଜାତି ଆସିଲା କୁଆଡୁ? ତେଣୁ ମଣିଷ ନିଜ ସ୍ୱାର୍ଥ ଦୃଷ୍ଟିରୁ ଜାତି ପ୍ରଥା ତିଆରି କଲା।

ଭାରତୀୟ ରାଜନୀତିର ଜାତିର ପ୍ରଭାବ ବହୁ ଅଧିକ। ଅଧିକାଂଶ ରାଜନେତା ଜାତିବାଦୀ ରାଜନୀତିକୁ ପାଥେୟ କରନ୍ତି। ବିଭିନ୍ନ ଜାତି, ଧର୍ମର କାର୍ଡ ଖେଳନ୍ତି। ନିର୍ବାଚନ ପ୍ରକ୍ରିୟା ଆରମ୍ଭରୁ ହିଁ ଜାତିବାଦକୁ ପ୍ରାଧାନ୍ୟ ଦିଆଯାଉଛି ଏବଂ ସଂରକ୍ଷଣ ନାଁରେ ଜାତିବାଦୀ ମାନସିକତାକୁ ଅଧିକ ଶକ୍ତିଶାଳୀ କରାଯାଉଛି। ରାଜନୀତିରେ ସଂରକ୍ଷଣ ଚିନ୍ତାଧାରା ଜାତିବାଦକୁ ଅଧିକ ପ୍ରୋତ୍ସାହିତ କରୁଛି ଏବଂ ନୂଆ ପିଢ଼ି ଜାତିବାଦୀ ମାନସିକତାକୁ ଦୂରେଇବା ବଦଳରେ ଏଥିରେ ସାମିଲ ହୋଇଯାଉଛନ୍ତି। ଖୋଦ୍ ରାଜନୀତି ହିଁ ସମାଜକୁ ଅଧିକ ଜାତିବାଦୀ କରୁଛି, ମଣିଷକୁ ବହୁଧା ବିଭକ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି।

ଭାରତରେ ରାଜନୈତିକ ନେତାମାନେ ନିଜର ସାଙ୍ଖା ତ୍ୟାଗ କରିବାକୁ କୁଣ୍ଠିତ। ବିଭିନ୍ନ ବାମପନ୍ଥୀରୁ ଏଥିରୁ ବାଦ୍ ପଡୁନାହାନ୍ତି। ପ୍ରଗତିଶୀଳ ସମାଜ ବ୍ୟବସ୍ଥା ବଦଳରେ ପୁରା କାଳରୁ ରହିଆସିଥିବା ଧାର୍ମିକ, ପାରମ୍ପରିକ ବ୍ୟବସ୍ଥାକୁ ଆଦରି ନେଉଛନ୍ତି ଏବଂ ଏହାର ବିଲୋପ ବଦଳରେ ଏହାକୁ ବଳବତ୍ତର ରଖିବା ଲାଗି ଉଦ୍ୟମ କରୁଛନ୍ତି।

ବିଦ୍ୟାଳୟ ସ୍ତରରୁ ଯଦି ଜାତି ବ୍ୟବସ୍ଥା ହଟାଇବା ଲାଗି ପ୍ରାଥମିକ ଉଦ୍ୟମ କରାଯାଏ ତେବେ କିଛି ଦଶନ୍ଧି ଭିତରେ ଏହି କୁତ୍ସ ଜାତିବାଦର ପ୍ରଭାବ ହୁଏତ ହ୍ରାସ ପାଇବ। ଏହା ସହ ସରକାରୀ ନିଯୁକ୍ତି, ସରକାରୀ ପ୍ରତିଷ୍ଠାନ ଆଦି କ୍ଷେତ୍ରରେ ଜାତିବାଦୀ ସଂରକ୍ଷଣ ବ୍ୟବସ୍ଥା ଉଚ୍ଛେଦ କରାଗଲେ ଜାତିବାଦ ଦୂରେଇଯିବା ଲାଗି କ୍ଷେତ୍ର ସୃଷ୍ଟି ହୋଇପାରିବ।

ଭାରତରେ ଏତେ ଧର୍ମ, ଜାତି,ବର୍ଣ୍ଣ, ଭାଷା, ଆଦର୍ଶ, ପନ୍ଥା, ମାର୍ଗ, ରାଜନୈତିକ ଦଳ ଇତ୍ୟାଦି ରହିଛନ୍ତି ଯେ ବିଶ୍ୱର ଅନ୍ୟ କୌଣସି ରାଷ୍ଟ୍ରରେ ତାହା ଦେଖାଯାଏନାହିଁ। ଭାରତରେ ବାବା, ମାତା, ତାନ୍ତ୍ରିକ, ଧର୍ମଗୁରୁଙ୍କ ସଂଖ୍ୟା ଅଗଣତି। ହେଲେ ଯେଉଁ ମୁଖ୍ୟ ପ୍ରସଙ୍ଗକୁ ସଭିଏଁ ଏଡ଼ାଇ ଯାଇଛନ୍ତି ତାହା ହେଉଛି ଜାତିବାଦ। ସମସ୍ତ ଭକ୍ତିଗୁରୁ ନିଜ ନିଜର ଅନୁଗାମୀମାନଙ୍କୁ ଏକାଠି କରନ୍ତି ବିଭିନ୍ନ ସ୍ୱାର୍ଥରେ। ମାତ୍ର ଯେଉଁ ବୃହତ ସ୍ୱାର୍ଥ ଅର୍ଥାତ ଜାତିବାଦର ବିଲୋପ ଦିଗରେ ପଦୁଟିଏ କହିବା ଦେଖାଯାଏ ନାହିଁ। ଫଳରେ ଜାତିବାଦରେ ଭରି ରହିଥିବା ମାନସିକତା, ଅନ୍ଧବିଶ୍ୱାସ ସବୁଠି ପ୍ରତିଫଳିତ ହେଉଛି।

ବିଭିନ୍ନ ସ୍ତରରେ ବିଭିନ୍ନ ବ୍ୟକ୍ତିବିଶେଷ ଜାତିବାଦ ବିରୋଧରେ ଭିନ୍ନ ତରିକାରେ ଆନ୍ଦୋଳନ କରିଆସିଛନ୍ତି। ସେମାନଙ୍କ ଚିନ୍ତାଧାରାକୁ ବିଭିନ୍ନ ଭାବେ ପ୍ରତିଫଳିତ କରାଇଛନ୍ତି। ମାତ୍ର ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ, ସେମାନେ ସାଂସ୍କୃତିକ ବିପ୍ଳବକୁ ଅସ୍ତ୍ର କଲେ ନାହିଁ। ସାମାଜିକ, ଅର୍ଥନୈତିକ ସ୍ତରରେ ଯଦି ଜାତିବାଦ ବିରୋଧୀ ସଂଗ୍ରାମକୁ ସାଂସ୍କୃତିକ ବିପ୍ଳବରେ ରୂପ ଦିଆଯାଇଥାନ୍ତା ତେବେ ହୁଏତ ଜାତିବାଦ ବିରୋଧରେ ପ୍ରଭାବ ପଡ଼ିଥାନ୍ତା। ବିଭିନ୍ନ ନେତା ନିର୍ଦ୍ଦିଷ୍ଟ ସାମାଜିକ ବ୍ୟବସ୍ଥା ଭିତରେ ରହି ଜାତିବାଦ ବିରୋଧରେ ଲଢ଼ିଲେ। ଫଳତଃ ଏହି ସଂଗ୍ରାମ ନା ସାମଗ୍ରିକ ରୂପ ନେଇପାରିଲା ନା ଜାତୀୟ ସ୍ତରରେ ଏକ ବୃହତ ପ୍ରଭାବ ପକାଇପାରିଲା। ଚେତନାଗତ ଭାବେ ଜାତିବାଦ ବିରୋଧରେ ଶାଣିତ ସ୍ୱରର ଅଭାବ ସହ ଲୋକଙ୍କୁ ଆତ୍ମିକ ଭାବେ ଜାତିବାଦ ବିରୋଧୀ ଚିନ୍ତା ପ୍ରଭାବ ପକାଇଲା ନାହିଁ। ପୁଣି ବିଭିନ୍ନ ରାଜା ମହାରାଜା ସ୍ତରରେ ଜାତିବାଦକୁ ବହୁ ଉପାୟରେ ଯେଉଁ ପ୍ରୋତ୍ସାହନ ଦିଆଯାଇଥିଲା ସ୍ୱାଧୀନତା ପରେ ବି ସେଥିରୁ ମୁକୁଳିବା ଲାଗି କୌଣସି ପଦକ୍ଷେପ ନିଆଗଲା ନାହିଁ। ସମ୍ବିଧାନରେ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ଅଧିକାର କଥା ଯାହା କୁହାଗଲା ବାସ୍ତବରେ ତାହା ଜାତିବାଦର ଅସ୍ତିତ୍ୱକୁ ହିଁ ପରିପ୍ରକାଶ କରୁଛି। ଅର୍ଥାତ ସବୁ ଜାତି, ବର୍ଣ୍ଣ, ଧର୍ମ ରହୁ, ସାମାଜିକ ପିଢ଼ି ରହୁ ବୋଲି ସମ୍ବିଧାନ ବିବେଚନା କଲା। ଦଳିତମାନଙ୍କ ସାମାଜିକ ଅର୍ଥନୈତିକ ମୁକ୍ତି ଉପରେ ଗୁରୁତ୍ୱ ଦିଆଯାଇ ନ ଯାଇ ସେମାନଙ୍କୁ ଦଳିତ ବନ୍ଧନରେ ବାନ୍ଧି ଦିଆଗଲା।

ଦଳିତ ଆନ୍ଦୋଳନ ନାଁରେ ଯେଉଁମାନେ ଦେଶର ନେତୃତ୍ୱ ନେଲେ ସେମାନେ ସେହି ଦଳିତ ରହିବା ଲାଗି ହିଁ ସଂଗ୍ରାମ କରି ଆସୁଛନ୍ତି। ଦଳିତାମାନଙ୍କୁ ଅଧିକ ଆସନ ଦେବା, ଦଳିତଙ୍କୁ ଅର୍ଥନୈତିକ ପ୍ୟାକେଜ ଦେବା, ଦଳିତଙ୍କୁ ଉପଯୁକ୍ତ ନ୍ୟାୟ ଦେବା ଆଦି ନାଁରେ ଦଳିତ ପ୍ରଥାକୁ ଶକ୍ତିଶାଳୀ କରିବା ଲାଗି ହିଁ ପରୋକ୍ଷ ବ୍ୟବସ୍ଥା ହୋଇଆସିଛି।

ଭିନ୍ନ ଜାତିରେ ବିବାହ ଲାଗି ଏବେ ବି ସାରା ଦେଶରେ ଏକ ପ୍ରକାର ଅସୂୟା ଭାବ ଲାଗି ରହିଛି। ପୋଲିସ ପ୍ରଶାସନ ବି ଏହି ବିବାହକୁ ସ୍ୱୀକୃତି ଦେବା କଷ୍ଟକର ହୋଇପଡୁଛି। ଦାୟର ହୋଇଥିବା ମାମଲା ଅନୁସାରେ ପୋଲିସ ଗତି କରୁଛି। ଉଭୟ ପକ୍ଷର ଲୋକମାନେ ବି ଏହାକୁ ବିରୋଧ କରିବା ସହ ନାନା ପ୍ରକାର ହିଂସାତ୍ମକ ପଦକ୍ଷେପ ଗ୍ରହଣ କରନ୍ତି। ଅନର କିଲିଂର ବି ଆଶ୍ରୟ ନିଅନ୍ତି।

ଜାତିବାଦ ପରି ଏକ କଠୋର ବ୍ୟବସ୍ଥାର ମୂଳପୋଛ ଲାଗି ସାଂସ୍କୃତିକ ବିପ୍ଳବର ଯଥେଷ୍ଟ ଆବଶ୍ୟକତା ରହିଛି। ସାହିତ୍ୟ, ପାଠ୍ୟପୁସ୍ତକ ଆଦି ଜରିଆରେ ଏହି ବ୍ୟବସ୍ଥା ଉପରେ କୁଠାରାଘାତ କରିବା ଜରୁରୀ। ବାଲ୍ୟକାଳରୁ ପିଲାମାନେ ଯେପରି ଜାତିବାଦ ପ୍ରତି ଏକ ମାନସିକତାକୁ ଦୂର କରିବେ, ନିଜର ଜାତି ପରିଚୟକୁ ଲୋପ କରିବେ ସେଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଭିନ୍ନ ଜାତିରେ ବାହାଘରକୁ ସରକାରୀ ସ୍ତରରେ ଅଧିକ ପ୍ରୋତ୍ସାହନ ଦେବା, ଏହି ଧରଣର ବିବାହକୁ ନିରାପତ୍ତା ଯୋଗାଇବା ଲାଗି ନ୍ୟାୟିକ ବ୍ୟବସ୍ଥା କରିବା ଉପରେ ସରକାରୀ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ।

ଜାତିବାଦୀ ମାନସିକତା ମଣିଷକୁ ବିଭିନ୍ନ ପଥରେ ବାହିନିଏ। ନିମ୍ନଜାତିର ମଣିଷ ମନରେ ସର୍ବଦା ଅବସୋସମୂଳକ ଚିନ୍ତାଧାରା ପ୍ରକାଶ ପାଏ। ସେ ନିଜକୁ ଅନ୍ୟମାନଙ୍କ ସହ ମିଶିବା ନେଇ ସଂକୋଚ ବୋଧ କରେ। ଉଚ୍ଚଜାତିର ମଣିଷ ମନରେ ଏକ ପ୍ରକାର ଗର୍ବ ରହିଥାଏ। ସେ ନୀଚ ଜାତିର ମଣିଷକୁ ଭିନ୍ନ ଦୃଷ୍ଟିରେ ଦେଖିଥାଏ। ଯଦି ଜାତିବାଦ ନଥାନ୍ତା ତେବେ ମଣିଷ- ମଣିଷ ମଧ୍ୟରେ ଦୂରତା ପ୍ରାୟ ରହନ୍ତା ନାହିଁ।

ଜାତିବାଦ ଅର୍ଥନୈତିକ ଅବସ୍ଥାର ଏକ ପ୍ରତିବନ୍ଧକ। ଗୋଟିଏ ଗୋଟିଏ ଜାତି ଅର୍ଥନୈତିକ ଦାସତ୍ୱରୁ ମୁକ୍ତ ହୋଇପାରନ୍ତି ନାହିଁ। ସେମାନଙ୍କ ଉତ୍‌ଥାନ ନିମନ୍ତେ ଯେଉଁ ଉଦ୍ୟମ କରାଯାଏ ତାହା ଫଳବତୀ ବି ହୁଏନାହିଁ। ଜାତିବାଦର କଠୋର ବଳୟ ମଧ୍ୟରେ ମଣିଷ ସର୍ବଦା ନିଜ ସ୍ତରରେ ହିଁ ରହିବାକୁ ଚେଷ୍ଟିତ ହୁଏ।

ପୃଥିବୀରେ କୌଣସି ମଣିଷ ନିକୃଷ୍ଟ ନୁହନ୍ତି କି ଉତ୍କୃଷ୍ଟ ନୁହନ୍ତି। ସମସ୍ତେ ଏକ ପ୍ରକାର। କେବଳ ସେମାନଙ୍କ ଚିନ୍ତାଧାରା ଅନୁସାରେ ସେମାନେ ଯାହା ଭିନ୍ନ ହୋଇଥାନ୍ତି। ମାତ୍ର କୁତ୍ସ ଜାତିବାଦ ମଣିଷକୁ ଜନ୍ମରୁ ହିଁ ସ୍ୱତନ୍ତ୍ର ଭାବେ ନିର୍ଦ୍ଧାରିତ କରିଦେଇଥାଏ। ଯଥା ନିମ୍ନଜାତିର ଲୋକ ହୋଇଥିବାରୁ ସେ ନିକୃଷ୍ଟ, ସେ ଉଚ୍ଚ ଜାତିରେ ଜନ୍ମ ହୋଇଥିବାରୁ ଉତ୍କୃଷ୍ଟ ଇତ୍ୟାଦି। ଏହି ମାନସିକତା ସାଧାରଣତଃ ମାନବିକ ଅଧିକାରର କ୍ଷୁଣ୍ଣ କରୁଛି ଏବଂ ମଣିଷ ଭାବେ ବଂଚିବାର ଅଧିକାରକୁ ପ୍ରତିହତ କରୁଛି। (କ୍ରମଶଃ)

+ ଭୁବନେଶ୍ୱର, (ମୋ) ୯୪୩୭୧୬୪୭୬୪




## ॥ ମଲମ ॥



ସର୍ଦ୍ଦାର ଚରଣ ପୁଷ୍ପିନ୍ଦର ସିଂହ (ଜନ୍ମ : ୧୯୬୮)

ସନୱ୍ୱଲ ଧାମୀ (ସରଦାର ଚରଣ ପୁଷ୍ପିନ୍ଦର ସିଂହ) ପଞ୍ଜାବୀ ଭାଷାର ଏକ ଆଗଧାଡ଼ିର ସାହିତ୍ୟିକ । ବିଭାଜନର ୨୧ ବର୍ଷ ପରେ ଏକ ପରିବର୍ତ୍ତିତ ତଥା ଖଣ୍ଡିତ ପଞ୍ଜାବରେ ତାଙ୍କର ଜନ୍ମ । ପେଷାରେ ସିଏ ଜଣେ ଶିକ୍ଷକ ହୋଇଥିଲେ ସୁଦ୍ଧା ନିଶା ତାଙ୍କୁ ଏକ କଥାକାର ରୂପେ ଗଢ଼ି ତୋଳିଛି । ଦେଶ ବିଭାଜନ ସମୟର ବିଭୀଷିକା ତଥା ତା'ର ସୁଦୂର ପ୍ରସାରୀ ପ୍ରଭାବକୁ ମୁଖ୍ୟ ବିଷୟବସ୍ତୁ ରୂପେ ନେଇ ସେ ଗଢ଼ିଛନ୍ତି ଅନେକ ହୃଦୟଥରା କାହାଣୀ। ତନ୍ମଧ୍ୟରୁ ଗୋଟିଏ ହେଉଛି 'ମଲ୍‌ହମ୍' ।

ନୌରୁ ନଙ୍ଗଲ ଗାଁର ଚୌଧୁରୀ (ଜମିଦାର) ଥିଲେ ମିଆଁ ମୁହମ୍ମଦ ବକ୍ସ । ଭାରି ଟାଣୁଆ ଲୋକ । ଗାଁରେ ସବୁଠାରୁ ବଡ଼ କୋଠା ତାଙ୍କର, ୧ ଏକର ଜମି ଉପରେ ନିର୍ମିତ । ଘୋଡ଼ାରେ ବସି ସେ ଗଲାବେଳେ ଗାଁ ଲୋକେ ଅଣ୍ଟା ଭାଙ୍ଗି ତାଙ୍କୁ କୁର୍ନିସ କରିବାର ବିଧି କାହିଁ କେତେଦିନରୁ ପ୍ରଚଳିତ । ତାଙ୍କ ବେଗମ୍ ଓ ଝିଅ ନଫିସା ବାହାରକୁ ବାହାରିଲେ ବୁର୍କା ଘୋଡ଼ିହୋଇ ବାହାରୁଥିଲେ । ନଫିସାର ସେମିତି କେହି ସାଙ୍ଗ ନଥିଲେ ଗାଁରେ । ଖୁବ୍ କମ୍ ଲୋକଙ୍କୁ ତାଙ୍କ ମହଲ ଭିତରକୁ ପଶିବାର ଅନୁମତି ମିଳୁଥିଲା । ଫଜ୍‌ଲା ବାରିକ ପାଇଁ ସେମିତି କିଛି ବାଡ଼ବତା ନଥାଏ । ସେ ସବୁଦିନ ଯାଏ ଚୌଧୁରୀଙ୍କୁ ଖିଅର କରିବା ପାଇଁ। ଥରେ ଚୌଧୁରୀଙ୍କ ଦାଢ଼ିରେ ସାବୁନ ଲଗାଇ ବ୍ରସ୍ ଘଷୁ ଘଷୁ ଆଖି ତା'ର ଉଠିଯାଏ ଉପରମହଲା ଝରକା ଆଡ଼କୁ । ଗୋଟେ ସୁନ୍ଦର ଆକର୍ଷଣୀୟ ମୁହଁ ତାକୁ ଚାହିଁ ହସୁଥିବାର ଦେଖି ଗୋଟାପଣେ ଦୋହଲି ଯାଏ ବାରିକ ପୁଅ । ଏମିତି ଗାଁଟା ସାରା ଲୋକେ ଜାଣିଥାନ୍ତି ନଫିସା ଖୁବ୍ ସୁନ୍ଦରୀ ବୋଲି ହେଲେ ଫଜ୍‌ଲା ବାରିକ ସ୍ୱଚକ୍ଷୁରେ ଦର୍ଶନ କରିବା ସୌଭାଗ୍ୟ ପାଏ । ସେଇ ଘଟଣାଟିକୁ ବ୍ୟଗ୍ରତାର ସହ ବର୍ଣ୍ଣନା କରେ ବନ୍ଧୁ କରମୁ ସୈନୀ ପାଖରେ । ଅଫିମ ଫୁଲଠାରୁ ଶତଗୁଣେ ଅଧିକ ନିଶାଯୁକ୍ତ ସେ ମନମୋହିନୀ ରୂପ ! କଥାଟି ଏ ତୁଣ୍ଡରୁ ସେତୁଣ୍ଡ ହୋଇ ଚୌଧୁରୀ ପାଖରେ ପହଞ୍ଚିବାରୁ ସେ ରାଗି ନିଆଁବାଣ ହୋଇଯାଆନ୍ତି । ତତ୍‌କ୍ଷଣାତ୍ ଲୋକ ପଠାନ୍ତି ଫଜ୍‌ଲାର ବାପା କରମ୍‌ଦୀନଙ୍କୁ ଡାକିଆଣିବା ପାଇଁ । କରମୁଁ ବାରିକ କାମ କରିବା ସହ ଗାଁ ଗାଁ ବୁଲି ବଇଦି ବି କରେ । ସେଇ ଆଠଖଣ୍ଡ ମୌଜାରେ ତା'ର ବେଶ୍ ନାଁ ଡାକ । ସବୁଠୁ ପ୍ରସିଦ୍ଧ ତା'ର ହାତ ତିଆରି ମଲମ । ଘା' ଯେତେ ପୁରୁଣା ହୋଇଥାଉ ନା କାହିଁକି କରମୁଁ ମିଆଁର ମଲମ ଲାଗିଲେ ଦିନ ତିନିଟାରେ ବକଳା ଖସିପଡ଼େ । କରମୁଁ ଓ ଫଜ୍‌ଲା ଦୁହେଁ ଚୌଧୁରୀ ଘରକୁ ଯାଇ ଅଣ୍ଟା ଭାଙ୍ଗି ମୁହଁ ତଳକୁ ପୋତି ଠିଆ ହୁଅନ୍ତି । ଗୋଟେ ଶକ୍ତ ଚଟକଣା ଫଜ୍‌ଲାର ଗାଲରେ ବସିବା ଶବ୍ଦରେ ସାରା ମହଲ ଥରିଉଠେ । ସେଇଦିନଠୁଁ ଚୌଧୁରୀ ଘର ଦରଜା ନିଷେଧ ହୋଇଯାଏ ବାପପୁଅଙ୍କ ପାଇଁ ।

ଏଇ ଘଟଣାକୁ ଛ'ମାସ ନପୂରୁଣୁ ଚୌଧୁରୀଙ୍କ ବାଁ ଗୋଡ଼ରେ ଘା'ଟିଏ ହୁଏ । ଯେତେ ଝଡ଼ାଫୁଙ୍କା, ଚେରମୂଳୀ, ଡାକ୍ତରୀ ଔଷଧ ସବୁ ପାଣି ଫାଟିଯାଏ । ଚାକର ଟୋକା କରମଦୀନ୍‌କୁ ଡାକି ଆସିବା ବେଳେ ସେ ଘରେ ନଥାଏ, ଯାଇଥାଏ ବଇଦି କରିବାକୁ ପାଖ ଗାଁକୁ । ଫଜ୍‌ଲା ୟାଡୁ ସ୍ୟାଡୁ କହି ଫେରେଇ ଦିଏ ତାକୁ । ସନ୍ଧ୍ୟାରେ କରମୁଁ ଫେରି ଭୀଷଣ ବିଗିଡ଼େ ପୁଅ ଉପରେ । ହକିମ୍ ପାଖରେ ଶତ୍ରୁ ମିତ୍ରର ସେମିତି କିଛି ଭେଦଭାବ ନଥାଏ ବୋଲି କହି ଗୋଡ଼ହାତ ସୁଦ୍ଧା ନଧୋଇ ତା' ବାକ୍ସ ଧରି ଚୌଧୁରୀ ଘରକୁ ଧପାଲେ । ଚୌଧୁରୀଙ୍କ ଘା' ଭଲ ହେବା ସହ ଉଭୟ ପରିବାର ଭିତରେ ଥିବା ମନୋମାଳିନ୍ୟ ଦୂରେଇଯାଏ । ପୁଣି ଫଜ୍‌ଲା ସବୁଦିନ ଯାଏ ଖିଅର କରିବାକୁ । ଉପର ଝରକା ଆଡ଼କୁ ଅନେଇବାକୁ ସାହସ ହୁଏନି ସିନା ଛାତି ଭିତରେ କିନ୍ତୁ ସବୁଦିନ ପାଇଁ ବସା ବାନ୍ଧିସାରିଥାଏ ଏକ ରୁଗ୍‌ରୁଗ୍ ପଣ ।

କମାର ମୀନା ସିଂହ ଭଳି ତା'ପୁଅ 'ସତ୍ତା' ବି ଲୁହାକାମରେ ବେଶ ଓସ୍ତାଦ୍ । ଦିନେ ପାଖ ଗାଁ 'ଲାହିଲ୍ ଖୁର୍ଦ୍ଦ'ର ଲୋକେ ଆସି ତାକୁ ଡାକି ନିଅନ୍ତି । ପାଞ୍ଚଦିନ ପ୍ରବଳ ଖଟାନ୍ତି । ଗାଁଟା ଯାକର ଲଙ୍ଗଳକୁ ନିଆଁରେ ତତାଇ ହାତୁଡ଼ିରେ ବାଡ଼େଇ ଖଣ୍ଡାର ରୂପ ଦିଆହୁଏ । ରାତି ଅନିଦ୍ରା ରହି କାମ କରୁ କରୁ ହାତୁଡ଼ି ମାଡ଼ରେ ଫାଟିଯାଏ ସତ୍ତା ର ଦୁଇଟି ଆଙ୍ଗୁଳି । କେହି ସମବେଦନା ଟିକିଏ ସୁଦ୍ଧା ଜଣାନ୍ତିନି। ତା'ରି ପଗଡ଼ିରୁ କନା ଚିରି ଆଙ୍ଗୁଳିରେ ବାନ୍ଧିଦେଇ ଅଳ୍ପ କିଛି ପାଉଣା ଦେଇ ବିଦା କରିଦିଅନ୍ତି । ବିଧର୍ମୀଙ୍କ ପାଇଁ ଖଣ୍ଡା ବନାଇବାକୁ ଯାଇଥିବାରୁ ଗାଁରେ ତା' ପରିବାରକୁ ନିଆଁପାଣି ବାସନ୍ଦ କରିଦିଆଯାଏ । ସତ୍ତାର ମା' ନିରାଶ ହୋଇ ଫେରିଆସେ କରମ୍‌ଦୀନର ଦୁଆର ମୁହଁରୁ । କରମୁଁ ଗାଁର ନିଷେଧାଜ୍ଞା ପାଇଁ ମନା କରିଦିଏ ସିନା ହେଲେ ତାକୁ ବାରମ୍ବାର ବିଚଳିତ କରିବାକୁ ଲାଗେ ସତ୍ତାର ଆକୁଳ ଚିତ୍କାର । ଫଜ୍‌ଲା ବୟସର ପିଲାଟା । ଦୁହେଁ ସାଙ୍ଗହୋଇ ସ୍କୁଲରେ ପଢୁଥିଲେ । ଗତବର୍ଷ ଦେହାନ୍ତ ହୋଇଥିବା ସତ୍ତାର ବାପ 'ମୀନା' ଖୁବ୍ ଅନ୍ତରଙ୍ଗ ବନ୍ଧୁ ଥିଲା କରମୁଁର । ବେଳ ବୁଡ଼ି ମାଛି ଅନ୍ଧାର ହେବାରୁ କରମୁଁ ଲୁଚି ଲୁଚି ଔଷଧ ବାକ୍ସ ଧରି ପହଞ୍ଚିଯାଏ ସତ୍ତା ଘରେ । ହକିମ୍‌କୁ ଦେଖି ମା'ପୁଅ ଦୁହେଁ ଆଶ୍ଚର୍ଯ୍ୟ ହୋଇଯାଆନ୍ତି । କରମ୍‌ଦୀନ ଖୁବ୍ ଯତ୍ନରେ ମଲମ ଲଗାଇ ପଟି ବାନ୍ଧିଦିଏ । ତା' ପରଦିନ ସକାଳ ବେଳକୁ ଘା'ରୁ ରକ୍ତ ବୋହିବା ବନ୍ଦ ହୋଇଯିବା ବେଳେ କିନ୍ତୁ ସାରା ଦେଶରେ ଘଟୁଥିବା ଦଙ୍ଗାର ରକ୍ତାକ୍ତ ଖବର ଗାଁ ସାରା ପ୍ରଚାର ହୋଇଯାଇଥାଏ । ଆଖପାଖ ଗାଁରେ ମଧ୍ୟ ଆରମ୍ଭ ହୋଇଯାଏ ହଣାକଟା । ଦିନ କେଇଟା ଭିତରେ ୨୨ ଟି ମୁସଲମାନ ଗାଁ ଖାଲି ହୋଇଯିବାର ଖବରରେ ନୌରୁ ନଙ୍ଗଲର ମୁସଲମାନ ମାନେ ବି ଭୟଭୀତ ହୋଇଯାଆନ୍ତି ।

ଦଳେ ଶିଖ୍ ଯୁବକ ହାତରେ କୃପାଣ ଧରି ଗାଁ ଭିତରେ ପଶିବାରୁ ଭୟରେ ତାଟିକବାଟ ପଡ଼ିଯାଏ । ସେମାନେ କରମ୍‌ଦୀନର କବାଟ ବାଡ଼ାନ୍ତି । ସେଇ ଦଳରେ ଫଜ୍‌ଲାର ବନ୍ଧୁ ଧନ୍ନାସିଂହ ଥିବାରୁ ଭୟରେ ଥରି ଥରି କବାଟ ଖୋଲାଯାଏ । ଧନ୍ନାର ବାପାଙ୍କ ଗୋଡ଼ରେ ଶକ୍ତ ଆଘାତ ଲାଗିଛି । ସେଇଥିପାଇଁ ସେ ଆସିଛି କରମୁଁ ଚାଚାକୁ ନେଇଯିବାକୁ ସାଙ୍ଗରେ । ତା' ସାଥୀମାନେ ପୁଣି ତାକୁ ଆଣି ଘରେ ସୁରକ୍ଷିତ ଛାଡ଼ିଦେବାର ପ୍ରତିଶ୍ରୁତି ଦିଅନ୍ତି । ପାଖ ଗାଁ ଲାହିଲ ଖୁର୍ଦ୍ଦର ଧନ୍ନା ବି ଫଜଲାର ଜଣେ ବନ୍ଧୁ । ଦୁହେଁ ସହପାଠୀ । ବାଲୁଙ୍ଗାମୀ କରି ଉଭୟେ ନବମ ଶ୍ରେଣୀରେ ଫେଲ ହୋଇ ପାଠ ଛାଡ଼ିଛନ୍ତି । ଏବେ ସେ ୨୨ ବର୍ଷୀୟ ପଗଡ଼ି ପିନ୍ଧା ଜଟ ଦାର । କିଛି ପିଲାଙ୍କୁ ମତେଇ ଦଳ ଗଢ଼ି ନିଜେ ନେତା ବନିଛି । ଗାଁ ଗାଁରେ ଆକ୍ରମଣ କରି ଘର ଲୁଟିବା, ମୁସଲମାନଙ୍କୁ ମାରିବା ସହ ତାଙ୍କ ସୁନ୍ଦରୀ ଝିଅବୋହୂଙ୍କୁ ଉଠେଇ ନେବା ଏମାନଙ୍କ କାମ । ଏସବୁ ଜାଣି ସୁଦ୍ଧା ପୂର୍ବ ବନ୍ଧୁତା ଖାତିର୍‌ରେ କରମୁଁ ବାହାରିପଡ଼େ ଔଷଧ ବାକ୍ସ ଧରି । ଗାଁଠୁ କିଛିଦୂର ଯିବାରୁ ଏକ ନିଛାଟିଆ ଜାଗା ଦେଖି ଧନ୍ନାସିଂହର ସାଥୀମାନେ ଏମିତି ଗଡ଼ଗଡ଼ କରି ହାଣି ପକାନ୍ତି ହକିମ୍ ବୁଢ଼ାଟିକୁ ଯେ ତା' ନିଜ ମଲମ ବି ଆଉ ତା' କାମରେ ଆସି ପାରେନି । ସନ୍ଧ୍ୟାଯାଏ ବାପ ନଫେରିବାରୁ ଫଜ୍‌ଲା ତା' ଜଣେ ସାଙ୍ଗ ସହ ଖୋଜିବାକୁ ଯାଇ ରାସ୍ତାରୁ ସାଉଁଟି ଆଣେ ଟୁକୁଡ଼ା ଟୁକୁଡ଼ା ରକ୍ତ ଭିଜା ହାଡ଼ ମାଉଁସ । କନ୍ଦାକଟା ଶୁଣି ଗାଁ ଯାକ ଲୋକ କୁଢ଼େଇ ହୋଇଯାଆନ୍ତି ତାଙ୍କ ଦୁଆରମୁହେଁ । "ନିଜ ସମ୍ପ୍ରଦାୟ ସହ ବିଶ୍ୱାସଘାତ କରିବାର ଫଳ ଏଇୟା । ଲୁଚି ଲୁଚି ଇୟେ କାଫେରମାନଙ୍କୁ ଚିକିତ୍ସା କରିବାକୁ ଯାଉଥିଲା । ଏବେ ଫଳ ପା' ।" ଲୋକେ ପରସ୍ପର ଭିତରେ ଏଭଳି କଥାବାର୍ତ୍ତା ହେଉଥାନ୍ତି । କରମ୍‌ଦୀନଙ୍କ କଫନ୍-ଦଫନ୍ ବେଳେ ଗୋଟେ କୋଣରେ କମାରପୁଅ ସତ୍ତା ସିଂହ ଠିଆହୋଇ ଲୁହ ପୋଛୁଥାଏ ପଗଡ଼ି କାନିରେ ।

ଦିନକୁ ଦିନ ପରିସ୍ଥିତି ଅଣାୟତ୍ତ ହେବାରୁ ସବୁ ମୁସଲମାନ ଗାଁ ଛାଡ଼ି ଚାଲିଯିବାକୁ ନିଷ୍ପତ୍ତି ନିଅନ୍ତି । ହେଲେ ତା' ପୂର୍ବରୁ ଶିଖ୍‌ମାନଙ୍କର ଅତର୍କିତ ଆକ୍ରମଣ । ଗାଜର ମୂଳା ଭଳି ଅନେକ ତାଙ୍କ ଗଳି ଓ ଘର ଭିତରେ ହିଁ ହଣାହୋଇ ଯାଆନ୍ତି । ଚୌଧୁରୀଙ୍କୁ ନିର୍ମମ ଭାବରେ ହତ୍ୟା କରାଯିବା ବେଳେ ତାଙ୍କ ବେଗମ୍ କୂଅକୁ ଡେଇଁ ଆତ୍ମହତ୍ୟା କରନ୍ତି । ଆଉ ନଫିସାକୁ ଚମ୍ୟେୱାଲ ଗାଁର ମିନ୍ଦର ସିଂହ ଘରୁ ଘୋଷାଡ଼ିଆଣି ଘୋଡ଼ାରେ ବସାଇ ଚମ୍ପଟ ମାରେ । କ୍ଷଣକ ଭିତରେ ଶ୍ମଶାନ ପାଲଟି ଯାଏ ଗାଁ । ଆକ୍ରମଣରୁ ବର୍ତ୍ତି ଯାଇଥିବା ଲୋକଙ୍କୁ ଡାକିହାକି ଏକାଠି କରି ସତ୍ତା ସିଂହ 'ଚକ୍‌ସାଢୁ' ର କେମ୍ପରେ ସୁରକ୍ଷିତ ପହଞ୍ଚାଇ ଦିଏ । ସେଇଠୁ ସେମାନେ ଚାଲିଯିବେ ପାକିସ୍ଥାନ ।

କେବେ ଠେକୁଆ ତ କେବେ କଇଁଛ ପଠିରେ ସବାର ହୋଇ ସମୟ ଆଗକୁ ଗଡ଼ିଚାଲେ । ବିତିଯାଏ ଚାଳିଶ ବର୍ଷ । ମିନିବସ୍‌ରୁ ଜଣେ ଅଚିହ୍ନା ମୁସଲମାନ ଲୋକ ଗାଁ ଛକ ପାଖରେ ଓହ୍ଲାଏ । ଗୋଟାଏ ଦୋକାନ ପାଖରେ ଛିଡ଼ାହୁଏ କିଛି ସମୟ । ସେଇ କାନ୍ଥ, କାଠ କବାଟ, ସ୍କାଇଲାଇଟ । ହେଲେ ଅନ୍ତେବାସୀ ବଦଳି ଯାଇଥିବାରୁ ଦୀର୍ଘଶ୍ୱାସ ଛାଡ଼ି ଆଗକୁ ବଢ଼ିଯାଏ । ପୂର୍ବରୁ କମାରଶାଳ ଥିବା ଜାଗାରେ ଏବେ ଗୋଟେ ଅଟାକଳ । ବୁଢ଼ାଟିଏ ତୁତ୍‌ଗଛ ଛାଇରେ ଖଟ ପକାଇ ଗଡ଼ିଥାଏ । ଆଗନ୍ତୁକ ଟିକିଏ ଦୂରରୁ ନଇଁପଡ଼ି ତାକୁ ଚିହ୍ନିବାକୁ ଚେଷ୍ଟାକରି ଡାକେ, "ଓୟେ... ସତ୍ତା... !" ମୋଟା ଚଷମାକୁ ବାରମ୍ବାର ଆଖିରେ ସଜାଡ଼ି ବି ବୁଢ଼ା ଚିହ୍ନି ନପାରିବାରୁ ଆଗନ୍ତୁକ କହେ, "କିବେ.. ମୋତେ ଏଠୁ ଦୂରକୁ ପଠାଇ ଦେଇ ଏତେଶୀଘ୍ର ଭୁଲିଗଲୁ ବଦ୍‌ମାସ୍ ?" ଏତିକି ପରିଚୟ ଯଥେଷ୍ଟ ଥିଲା ଗୋଟେ ଭଲ ପାଉଥିବା ହୃଦୟ ପାଇଁ । ବଲ୍ଲେ ଭାଇ ବଲ୍ଲେ ... ଶାଳା ଫଜ୍‌ଲା ତୁ ...!!! ଚିତ୍କାର କରି ବୁଢ଼ା କୁଣ୍ଢେଇ ପକାଏ ଆଗନ୍ତୁକକୁ । ଦୁହିଙ୍କ ଆଖିରୁ ଝରିଯାଉଥାଏ ଝର ଝର ହୋଇ ଲୁହଧାର । ଗାଁ ସାରା ପ୍ରଚାର ହୋଇଯାଏ ଜଣେ ମୁସଲମାନ, ପାକିସ୍ଥାନରୁ ଆସିଛି କମାର ସତ୍ତା ସିଂହ ପାଖକୁ । ଗହଳି ଜମେ ଅଟାକଳ ପାଖେ । ପୂର୍ବେ ସିନା ସେ ଥିଲା ଫଜ୍‌ଲା ବାରିକ ହେଲେ ଆଜି ସେ ପରା ସମସ୍ତଙ୍କର ଆଦରର ଫଜଲଦୀନ । ଭଲମନ୍ଦ କଥା ସମସ୍ତେ ପଚାରି ବୁଝିବା ସହ ସମସ୍ତେ ନିଜ ନିଜ ଘରକୁ ଯିବାକୁ ନିମନ୍ତ୍ରଣ ଜଣାନ୍ତି । ଫଜଲା ସମସ୍ତଙ୍କୁ ବୁଝାଇବା ଢଙ୍ଗରେ କୁହେ, "ମୁଁ ଛଅ ସାତଦିନ ପାଇଁ ଗାଁକୁ ଆସିଛି । ତେଣୁ ବ୍ୟସ୍ତ ହେବାର ନାହିଁ । ଗୋଟି ଗୋଟିକରି ସମସ୍ତଙ୍କ ଘରକୁ ଯାଇ ଘଡ଼ିଏ ଲେଖା ବସି ଆସିବି । ମୁଁ ପରା ଏଇ ଗାଁର ପୁଅ, ଆଜିବି ଇୟେ ମୋର ଖୁବ୍ ନିଜର ।"

ରାତିରେ ଖାଇପିଇ ଦୁଇବନ୍ଧୁ ଢେର ସମୟଯାଏ ସୁଖଦୁଃଖ ହୁଅନ୍ତି । କେତେବେଳେ କୁର୍‌କୁରେଇ ହୋଇ ହସର ଫୁଆରା ଫିଟି ପଡୁଥାଏ ତ କେତେବେଳେ ଝର୍‌ଝରେଇ ବୋହି ଯାଉଥାଏ ଲୁହ । ଚୌଧୁରୀ ମୁହମ୍ମଦ ବକ୍‌ସଙ୍କ ଘରର କିଏ ଆଉ ବଞ୍ଚିଛି କି ବୋଲି ଡରି ଡରି ପଚାରେ ଫଜ୍‌ଲା । ମିଆଁ ଓ ବେଗମ୍ ସେଦିନ ଶିଖ୍‌ମାନଙ୍କ ଆକ୍ରମଣ ଯୋଗୁଁ ମୃତ୍ୟୁବରଣ କରିଥିବା ବେଳେ ନଫିସାର ଅପହରଣ କଥା ବର୍ଣ୍ଣନା କରେ ସତ୍ତା । ନଫିସା ଏବେ ବି ବଞ୍ଚିଥିବା ତଥା ଚମ୍ୟେୱାଲର ଜଣେ ଜାଟ୍‌ର ସ୍ତ୍ରୀ ବନିଯାଇଥିବା କଥା ଜାଣି ଫଜ୍‌ଲା ତାକୁ ଭେଟିବାକୁ ଇଚ୍ଛା କରେ । ସତ୍ତାର ପୁଅ ଅମଲୋକ ସିଂହ ସେଇ ଚମ୍ୟେୱାଲ ପାଖ ଗୋଟିଏ ସ୍କୁଲରେ ଶିକ୍ଷକ ଥିବାରୁ ତାକୁ ମିନ୍ଦର ସିଂହଙ୍କ ଠିକଣା ଦେଇ ନଫିସାକୁ ପାଖକୁ ଖବର ପଠାଏ ସତ୍ତା । ତା'ପରର ଦୃଶ୍ୟ ଖୁବ୍ କରୁଣ । ମିନ୍ଦର ଏବେ ଶଯ୍ୟାଶାୟୀ । ଏଠି କେହି ନଫିସା ରହୁଛିକି ବୋଲି ଅମଲୋକ ପଚାରିବାରୁ ସିଧା ନକାରାତ୍ମକ ଉତ୍ତର ଦିଏ ବୁଢ଼ୀ ଯୋଗୀନ୍ଦର କୌର, ଯିନ୍ଦ୍ରୋ । ହେଲେ ନୌରୁ ନଙ୍ଗଲ ଗାଁରୁ ଆସିଥିବା ତଥା ପାକିସ୍ଥାନୀ ଫଜଲ୍‌ଦୀନଙ୍କ ଖବର ଆଣିଥିବା କଥା ଶୁଣି ବୁଢ଼ୀ ଆଖିର ଲୁହକୁ ଓଢ଼ଣୀ କାନିରେ ପୋଛୁ ପୋଛୁ ଘର ଭିତରକୁ ଡାକେ । ବୁଢ଼ାକୁ ଯାଇ କୁହେ, "ଆମ ଗାଁରୁ ଏଇ ବାବୁ ଆସିଛନ୍ତି । ମୋ ଭାଇ ଫଜଲ୍‌ଦୀନ ପାକିସ୍ଥାନରୁ ଆସିଛି ତ ସେଇ ଖବର ଦେବାପାଇଁ ।" ବୁଢ଼ୀ ଘର ଭିତରକୁ ଚାଲିଯାଏ ଅମ୍‌ଲୋକ ପାଇଁ ଲସ୍‌ସୀ ଆଣିବାକୁ। ବୁଢ଼ା ଖଟରେ ଶୋଇ କହୁଥାଏ ଫଜଲା କଥା, ତା ବାପା କରମୁଁ ହକିମ୍ କଥା, ଧନ୍ନାସିଂହ ସାଙ୍ଗରେ ବାହାନା କରି ତାକୁ ଡାକିଆଣି ନିଛାଟିଆ ଦେଖି ହାଣି ପକାଇଥିବା କଥା, ଚୌଧୁରୀ ଘରୁ ନଫିସାକୁ ଉଠାଇ ଆଣିଥିବା କଥା ଇତ୍ୟାଦି । ଦଙ୍ଗାର ରକ୍ତଛିଟା ଆଜିଯାଏ ଲିଭିନି ହୃଦୟରୁ । ସେଇଯୋଗୁ ୱାହେଗୁରୁ ସେମାନଙ୍କୁ ସନ୍ତାନ ସୁଖରୁ ବଞ୍ଚିତ ରଖିଛନ୍ତି । ଲୁହ ପୋଛି ବୁଢ଼ା କହେ, "ଆସିଛ ଯେତେବେଳେ ନେଇଯାଅ ଟିକେ ତାକୁ ସାଙ୍ଗରେ । ଦେଖିଆସୁ ତା ଗାଁ । ବିଚାରୀ ବହୁତ ଭଲ । ମୋ ଯୋଗୁଁ ଆଜୀବନ ଦୁଃଖ ହିଁ ପାଇ ଆସିଛି ।"

ଅମଲୋକ ସହ ସାଇକେଲରେ ବସି ଯିନ୍ଦ୍ରୋ ଗାଁକୁ ଆସେ । ଫଜ୍‌ଲାକୁ ଆଖି ସାମ୍ନାରେ ଦେଖି ଘଡ଼ିଏ ପର୍ଯ୍ୟନ୍ତ କଥା କହି ପାରେନି ବିଚାରୀ । ଆସ୍ତେ ଆସ୍ତେ ଦୁହେଁ ସ୍ୱାଭାବିକ ହୁଅନ୍ତି । ନଫିସା ତା' ସ୍ୱାମୀକଥା କହେ । ସେଇ ବିଭାଜନର କଳା ସମୟ ପରେ ସେ ବହୁତ ସୁଧୁରି ଯାଇଛନ୍ତି । କେବେ କୌଣସି ଦୁଃଖ ଦେଇ ନାହାନ୍ତି ବରଂ ଗୋଟେ ଢାଲ ହୋଇ ଛିଡ଼ା ହେଇଛନ୍ତି ତା' ପାଖରେ । ଗତ କେତେମାସ ହେଲା ସେ ଭୀଷଣ ଅସୁସ୍ଥ । ଗୋଡ଼ର ଘା' ଦିନକୁ ଦିନ ବଢୁଛି ସିନା ଆଦୌ ଭଲ ହେଉନି। ସେଇଲାଗି ଏବେ ସେ ଶଯ୍ୟାଶାୟୀ । ଫଜ୍‌ଲା ତା' ସୁଟ୍‌କେସରୁ ଗୋଟେ ଡବା ମଲମ କାଢ଼ି ନଫିସାକୁ ଦେଇ ଥର ଥର କଣ୍ଠରେ କହେ, "ଘା'କୁ ଦିନକୁ ଦୁଇଥର ସେଇ ଘା'ରେ ଲଗେଇବୁ। ଦିନ ତିନିଟାରେ ଶୁଖି ବକଳା ବସିଯିବ । ତୁ ଆଦୌ ଚିନ୍ତା କରନା ଲୋ, ତୋ ସରଦାରର କିଛି ହେବନି। ଦେଖିବୁ ଦିନ ସାତଟାରେ ସେ ଝାଡ଼ିଝୁଡ଼ି ହୋଇ ବିସ୍ତରରୁ ଉଠି ଡଗ ଡଗ ଚାଲିବ ।"

ନଫିସା, ଫଜଲାକୁ ତା' ବିବି ଓ ଛୁଆପିଲାଙ୍କ କଥା ତଥା ସେମାନଙ୍କ ନାଁ ବିଷୟରେ ପଚାରେ । ଦୁଇପୁଅଙ୍କ ନାଁ ଦିଲସାଦ୍ ଓ ବସୀର ରଖିଥିବା ବେଳେ ଝିଅର ନାଁ ତୋ ନାଁ ଅନୁଯାୟୀ 'ନଫିସା' ରଖିଛି ବୋଲି କହି ଏକ ଅପରାଧବୋଧ ସହ ତଳକୁ ମୁଣ୍ଡ ପୋତିଦିଏ ଫଜଲ୍‌ଦୀନ । ଅତୀତର ସ୍ମୃତି ହଠାତ୍ ଦୁହିଙ୍କୁ ଆଲୋମାଲୋ କରି ପକାଏ । କ୍ଷଣକ ପାଇଁ ହେଲେ ବି ଶୁଭିଯାଏ ଚୌଧୁରୀଙ୍କ ଗୁରୁଗମ୍ଭୀର ଭର୍ତ୍ସନା, ଶକ୍ତ ଚାପୁଡ଼ାର ଆୱାଜ୍ । ଛାତି ଭିତରେ କାହିଁ କୋଉ କୋଣରେ ଦେଖାଦିଏ ଗୋଟେ ରୁଗ୍‌ରୁଗ୍ ପଣ । ଅମ୍‌ଲୋକ ବାହାରୁଥାଏ ଯିନ୍ଦ୍ରୋକୁ ତା' ଗାଁ ଚମ୍ୟେୱାଲରେ ଛାଡ଼ିଆସିବା ପାଇଁ । "ଝିଅପାଇଁ ଏମିତି ଅଭାଗା ନାଁଟିଏ କାହିଁକି ବାଛିଲୁରେ ଭାଇ...." କହି ନଫିସା ଯାଇ ସାଇକେଲ ପଛରେ ବସିପଡ଼େ । ଫଜଲ୍‌ଦୀନର ଆଖି ଲୁହରେ ଭରିଥିବାରୁ ସବୁକିଛି ଝାପ୍‌ସା ଦେଖା ଯାଉଥିବା ବେଳେ କୋହ ଯୋଗୁଁ ପାଟିରୁ ତା'ର ପଦେ ବି କଥା ବାହାରୁ ନଥାଏ । (ସମାପ୍ତ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୮ ନଭେମ୍ବର ୨୦୨୦
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



## ଆଉଜା କବାଟ (୧୦)

# ସାବଧାନ ! ମନ୍ତ୍ରୀ ଆସୁଛନ୍ତି

ଡ. ରାଧାରଂଜନ ପଟ୍ଟନାୟକ

ଆଜି ମାନ୍ୟବର ମନ୍ତ୍ରୀ ମହାଶୟଙ୍କ ସହର ଆଗମନ। ଏଥିପାଇଁ ସକ୍ରିୟ ହୋଇଉଠିଲେ ଚାମ୍‌ଚାମାନଙ୍କର ବିଜ୍ଞାପିତ ଦଳ। ଖୁବ୍ ବଡ଼ ବଡ଼ ସଚିତ୍ର ବିଜ୍ଞାପନ ଅକ୍ତିଆର କରିନେଲା ସମାଚାରପତ୍ରର ସ୍ତମ୍ଭ। ଅନ୍ୟସବୁ ସମ୍ବାଦ ହୋଇଗଲା ଗୌଣ। ପ୍ରଥମପୃଷ୍ଠାରେ ପ୍ରକାଶ ପାଇଲା ମୁଖ୍ୟ ସମାଚାର 'ମାନ୍ୟବର ମନ୍ତ୍ରୀଙ୍କ ଶୁଭାଗମନ'। ପ୍ରଚାର ହେଲା ସହରର ଛକ, ସଡ଼କ, ଗଳିକନ୍ଦି। ମନ୍ତ୍ରୀ କେତେବେଳେ କେଉଁ ଟ୍ରେନ୍ ଅଥବା ଏରୋପ୍ଲେନରେ ଆସିବେ, କେଉଁଠି କେଉଁଠି ତାଙ୍କର କାର୍ଯ୍ୟକ୍ରମ ହେବ, ସବୁଠି ଝୁଲିଲା ବଡ଼ ବଡ଼ ପୋଷ୍ଟର ଓ ଝାଲର। ସଡ଼କ ସାଜିଲା ରଙ୍ଗବେରଙ୍ଗ। ସତର୍କ ହୋଇଉଠିଲା ପୋଲିସ ଓ ପ୍ରଶାସନ ବିଭାଗ। ମୁଖ୍ୟ ସଡ଼କକୁ ବନ୍ଦ କରିଦିଆଗଲା। ଏପରିକି ନବେ ବର୍ଷର ବୃଦ୍ଧମାନଙ୍କୁ ବି ଏ ରାସ୍ତାରେ ଯିବା ପାଇଁ ନିଷେଧ ଜାରି ହେଲା। ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପାଇଁ ସେମାନଙ୍କୁ ଦୁଇ କିଲୋମିଟର ବାଟ ଚକ୍‌କର ଦେବାକୁ ପଡ଼ିଲା। ପୋଲିସବାଲାଏ ସହାୟତାର ହାତ ବଢ଼ାଇଲେ ସେମାନଙ୍କ ପାଇଁ। ସତରେ ଏମିତି ସୌହାର୍ଦ୍ଦପୂର୍ଣ୍ଣ ପୋଲିସ କେଉଁଠୁ ମିଳିବେ ? ଏମିତି ନ କଲେ ତାଙ୍କର ପ୍ରତିଷ୍ଠା ଓ ସମ୍ମାନ ବଢ଼ିବ କେମିତି ?

ହଁ, ଏବେ ମନ୍ତ୍ରୀ ମହାଶୟଙ୍କ ଆସିବାର ସମୟ ହୋଇଗଲା। ହାତରେ ଖୁବ୍ ବଡ଼ ବଡ଼ ମାଳା ଧରି ମନ୍ତ୍ରୀଙ୍କ ସ୍ୱାଗତ ଉପଲକ୍ଷେ ସ୍ୱାଗତକର୍ତ୍ତାଙ୍କ ଦୌଡ଼ ଚାଲିଲା, ଭିଡ଼ ବି। ମାଳା ପିନ୍ଧାଇବାର ପ୍ରତିଯୋଗିତାରେ ଗହଳି ହୋଇଉଠିଲା ପରିବେଶ। ଚରଣ ଚୁମ୍ବନ ପାଇଁ ଚାଲିଲା ଘନଘନ ପ୍ରୟାସ। ମନ୍ତ୍ରୀଙ୍କୁ କିଏ ସର୍ବପ୍ରଥମେ ମାଳା ପିନ୍ଧାଇବ ଏବଂ ତାଙ୍କ ଚରଣ ସ୍ପର୍ଶ କରି ଆଶୀର୍ବାଦ ପ୍ରାପ୍ତ କରିବ, ଏଥିପାଇଁ ଚାଲିଲା ରୀତିମତ ପ୍ରାକ୍ ପ୍ରସ୍ତୁତି। ଯିଏ ପ୍ରଥମେ ଏମିତି କାମରେ ସଫଳ ହେବ, ତା'ର ଖୋଲିଯିବ ଭାଗ୍ୟ। ମନ୍ତ୍ରୀଙ୍କର ହେବ ସବୁଠୁ ବିଶ୍ୱସ୍ତ ମଣିଷ। ଯିଏ ଶେଷରେ ରହିବ, ସେ ମନମାରି କେବଳ ହତାଶ ହେବ। ମାଳା କିନ୍ତୁ ହାତରେ। ଧକ୍କାମୁଖୀ କରିବାକୁ ସାହସ ହେଉନାହିଁ। ଆଗକୁ ବଢ଼ିପାରିଲେନି ସେ। କ'ଣ କରିବେ ବିଚରା ! ମନ୍ତ୍ରୀ ଆମ ସହରରେ ପାଦ ରଖିବେ, ଅଥଚ ତାଙ୍କୁ ସ୍ୱାଗତ କରିପାରିବେ ନାହିଁ ? ବିଳମ୍ବରେ ହେଲେ ମଧ୍ୟ ଠିକ୍। ଯେମିତି ହେଲେ ସ୍ୱାଗତ କରିବାକୁ ହିଁ ପଡ଼ିବ। ମନ୍ତ୍ରୀଙ୍କ ସହ ଫଟୋ ବି ଉଠାଇବାକୁ ପଡ଼ିବ। ତେବେ ସେ ହେବେ ବିଶିଷ୍ଟ ଶ୍ରେଣୀର। ସେ ଚିତ୍କାର କରି କହିପାରିବେ ଏ ଅଞ୍ଚଳରେ ସେ ଜଣେ ମହାନ ନେତା। ଅନ୍ୟଥା ତାଙ୍କୁ ପଚାରିବ କିଏ ? ଦୁଇ କଉଡ଼ିର ଇଜ୍ଜତ୍ ରହିବ ତ ? ଭାବିଚାଲିଲେ ଅନାମ ଦାସ।

> ହାତରେ ଖୁବ୍ ବଡ଼ ବଡ଼ ମାଳା ଧରି ମନ୍ତ୍ରୀଙ୍କ ସ୍ୱାଗତ ଉପଲକ୍ଷେ ସ୍ୱାଗତକର୍ତ୍ତାଙ୍କ ଦୌଡ଼ ଚାଲିଲା, ଭିଡ଼ ବି। ମାଳା ପିନ୍ଧାଇବାର ପ୍ରତିଯୋଗିତାରେ ଗହଳି ହୋଇଉଠିଲା ପରିବେଶ। ଚରଣ ଚୁମ୍ବନ ପାଇଁ ଚାଲିଲା ଘନଘନ ପ୍ରୟାସ। ମନ୍ତ୍ରୀଙ୍କୁ କିଏ ସର୍ବପ୍ରଥମେ ମାଳା ପିନ୍ଧାଇବ ଏବଂ ତାଙ୍କ ଚରଣ ସ୍ପର୍ଶ କରି ଆଶୀର୍ବାଦ ପ୍ରାପ୍ତ କରିବ, ଏଥିପାଇଁ ଚାଲିଲା ରୀତିମତ ପ୍ରାକ୍ ପ୍ରସ୍ତୁତି। ଯିଏ ପ୍ରଥମେ ଏମିତି କାମରେ ସଫଳ ହେବ, ତା'ର ଖୋଲିଯିବ ଭାଗ୍ୟ। ମନ୍ତ୍ରୀଙ୍କର ହେବ ସବୁଠୁ ବିଶ୍ୱସ୍ତ ମଣିଷ।


ସମ୍ଭବତଃ ଏମିତି ଅପୂର୍ବ ସ୍ୱାଗତ ବନବାସରୁ ପ୍ରତ୍ୟାବର୍ତ୍ତନ ସମୟରେ ଭଗବାନ ଶ୍ରୀରାମଙ୍କର ବି ହୋଇନଥିବ, ଯେମିତି ଆଜିର ମନ୍ତ୍ରୀଙ୍କ ପାଇଁ କରାଯାଉଛି। କାହିଁକି କରା ନ ଯିବ ଯେ ! ଆଜିର ଯୁଗରେ ମନ୍ତ୍ରୀ ଆମର ଭଗବାନ। ଭାଗ୍ୟବିଧାତା। ହୁଏତ ଗତକାଲି ଜନସେବକ ସାଜି ଘରେ ଘରେ ଦସ୍ତକ୍ ଦେଉଥିଲେ। ଜଣେ ଜଣେ ମତଦାତାଙ୍କ ପାଦ ଧରି ତାଙ୍କୁ ନିଜ ସପକ୍ଷରେ ମତଦାନ କରିବାକୁ ପ୍ରାର୍ଥନା କରୁଥିଲେ। ମାତ୍ର କାଲିର କଥା ଆଜି ଆଉ କ'ଣ ଅଛି ? ଆଜି ତ ସେ ଜନସେବକ ନୁହନ୍ତି, ବରଂ ଜନନାୟକ, ରାଜା। ବାଦ୍‌ଶାହ। ତାଙ୍କର ଏତେ ମହାନ ଅନୁଗ୍ରହ ଯେ ଆମ ସହରରେ ପାଦ ରଖିଲେ। ସମସ୍ତଙ୍କୁ ଦର୍ଶନ ଦେଇ କୃତାର୍ଥ କଲେ। ଅନ୍ୟଥା ନିର୍ବାଚନ ଜିତିବା ପରେ ବି ବିଧାୟକ, ସାଂସଦ ଅଥବା ମନ୍ତ୍ରୀ କ'ଣ କେହି ଯିବା ଆସିବା କରନ୍ତି ? ଏହା ଏକ ଭିନ୍ନକଥା ଯେ ଏ ଯୁଗରେ ସେମାନଙ୍କର ଭଡ଼ା ପକ୍କା। ଏହା ସତ୍ତ୍ୱେ ବି ଏମାନଙ୍କର ଅନ୍ୟ ମହତ୍ତ୍ୱପୂର୍ଣ୍ଣ କାମ ମଧ୍ୟ ଅଛି, ଯାହା ତାଙ୍କୁ ଶେଷ କରିବାକୁ ପଡ଼ିବ।

ହଁ, ମନ୍ତ୍ରୀ ମହାଶୟଙ୍କ ଦଳର ସଦସ୍ୟମାନେ କାର୍ଯ୍ୟକ୍ରମ ସ୍ଥଳକୁ ଯାତ୍ରା ଆରମ୍ଭ କଲେ। ମନ୍ତ୍ରୀ କିନ୍ତୁ ଲକ୍‌ଜୁରି କାର୍‌ରେ। ତାଙ୍କ ପଛରେ ଛୋଟ ଛୋଟ ନେତାଙ୍କ ଅସମ୍ଭବ ଭିଡ଼। ମନ୍ତ୍ରୀଙ୍କ ସହ ଅଙ୍ଗରକ୍ଷକ ସ୍ୱତନ୍ତ୍ର। କାରଣ ମନ୍ତ୍ରୀ ମହତ୍ତ୍ୱପୂର୍ଣ୍ଣ ପ୍ରାଣୀ ଅଟନ୍ତି। ତାଙ୍କ ସୁରକ୍ଷା ତ ପରମ ଆବଶ୍ୟକ। ପୁଣି ଆଜିକାଲି ତ ସଂସଦ ଭବନ ପର୍ଯ୍ୟନ୍ତ ଆତଙ୍କବାଦୀମାନେ ପହଞ୍ଚିଯାଉଛନ୍ତି। ତେଣୁ ଏହାଙ୍କ କାର୍ଯ୍ୟକ୍ରମ ସ୍ଥଳରେ କେତେବେଳେ କ'ଣ ହୋଇଯିବ, କିଏ କହିବ ? ଏହାର ଗ୍ୟାରେଣ୍ଟି କିଏ ଦେବ ? ଶେଷରେ ସବୁ ଆରୋପ ପ୍ରତ୍ୟାରୋପ ପୋଲିସ ପ୍ରଶାସନର ମୁଣ୍ଡରେ ପଡ଼ିବ। ତେଣୁ ନିଜର ଚମଡ଼ା ବଞ୍ଚାଇବା ଦରକାର। ଏହି ସୁରକ୍ଷା ବଳୟ ଭିତରେ ଯଦି ସଂଯୋଗବଶତଃ ପ୍ରସବପୀଡ଼ା ଜର୍ଜରିତା କୌଣସି ମହିଳା ଫସିଯାଆନ୍ତି, ତେବେ ତାହାକୁ ତତ୍କାଳ ହସପିଟାଲ ପହଞ୍ଚାଇବାକୁ ଆବଶ୍ୟକ ହୁଏ, ହୁଏତ ତା'ର ପ୍ରସବ ରାସ୍ତାରେ ହୋଇଯାଇପାରେ। ଏହି ସୁରକ୍ଷା ବଳୟ ଭିତରୁ ବାହାରି ହସପିଟାଲରେ ପହଞ୍ଚିବା କ'ଣ ସାମାନ୍ୟ କଥା ହୋଇଛି ?

ଏବେ କାର୍ଯ୍ୟକ୍ରମ ସ୍ଥଳ। ମଞ୍ଚକୁ ଯିବା ପୂର୍ବରୁ ରେଷ୍ଟ୍‌ରୁମ୍‌ରେ ମନ୍ତ୍ରୀ। ଚାଟୁକାରଙ୍କ ଭିଡ଼ ଚାରିଆଡ଼େ। କେହି ମନ୍ତ୍ରୀଙ୍କ ଅଇଁଠା ପ୍ଲେଟ ଉଠାଉଛନ୍ତି ତ ପୁଣି କେହି ପଙ୍ଖାରେ ବିଞ୍ଚିଦେଉଛନ୍ତି। କେହି ମନ୍ତ୍ରୀଙ୍କ ପାଟିରୁ ବାହରୁଥିବା ଛେପକୁ ହାତରେ ନେଉଛନ୍ତି। ଆଉ କେହି ମନ୍ତ୍ରୀଙ୍କ ଜୋତାରୁ ଧୂଳି ଝାଡ଼ୁଛନ୍ତି। ମନ୍ତ୍ରୀଙ୍କୁ ଯେପରି କଷ୍ଟ ନ ହୁଏ, ତାହାର ପୂରା ଧ୍ୟାନ ରଖାଯାଇଛି। ଯଦି ମନ୍ତ୍ରୀଙ୍କୁ ଛିଙ୍କ ବି ଆସିଲା, ତେବେ ତୁରନ୍ତ ଚିକିତ୍ସାର ବ୍ୟବସ୍ଥା।

ବର୍ତ୍ତମାନ ସାଧାରଣ ସଭାର ସମୟ ଉତ୍ତୀର୍ଣ୍ଣ। ମନ୍ତ୍ରୀ ବ୍ୟସ୍ତ ଓ ବିବ୍ରତ। ମନ୍ତ୍ରୀଙ୍କୁ ମଞ୍ଚ ପାଖକୁ ପାଛୋଟି ଆଣିଲେ ମନ୍ତ୍ରୀପ୍ରେମୀ କିଛି ଖାସ୍ ଲୋକ। ଯଥା ସମୟରେ ମନ୍ତ୍ରୀଙ୍କ ଆବିର୍ଭାବ ହେଲା ମଞ୍ଚ ଉପରେ। ଯୋଡ଼ହସ୍ତ ଏବଂ ସହାସ୍ୟ ବଦନରେ ହାତ ହଲାଇଲେ ମନ୍ତ୍ରୀ। ଟ୍ରକ୍, ବସ୍, ଜିପ୍‌ରେ ବୁହା ହୋଇ ଆସିଥିବା ସାଧାରଣ ଜନତା ମଧ୍ୟ ଅନୁରୂପ ହାତ ହଲାଇ ଅଭିବାଦନ ଜଣାଇଲେ। ମନ୍ତ୍ରୀ ଭାଷଣ ଝାଡ଼ିଲେ। ଜୋରଦାର। ଶ୍ରୋତା ମହଲରେ ପ୍ରଶଂସାର ବର୍ଷା। ମଝିରେ ମଝିରେ ମନ୍ତ୍ରୀଙ୍କର ଜୟଜୟକାର। କମ୍ପିଉଠିଲା ସଭାସ୍ଥଳ। ତାଳି ପରେ ତାଳି। ଯେଉଁ ସ୍ଥାନରେ ମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ହେବାର ଥିଲା, ତାଙ୍କ ପଛରେ ଛୁଟୁଥିଲା ବିରାଟ ପଟୁଆର। କାରଣ ମନ୍ତ୍ରୀଙ୍କୁ ସବୁ ଚାହାନ୍ତି। ତାଙ୍କର ଦର୍ଶନ ବି। ମନ୍ତ୍ରୀ କେଉଁଠି ରହିବେ, କେତେବେଳେ ପ୍ରତ୍ୟାବର୍ତ୍ତନ କରିବେ, ଏ ସମସ୍ତ ବ୍ୟବସ୍ଥା କେବଳ ସେହି ଲୋକମାନଙ୍କ ଉପରେ। ମନ୍ତ୍ରୀ ତ କେବଳ ସେହି ଚାଟୁକାରମାନଙ୍କର ସେବକ ମାତ୍ର। ମନ୍ତ୍ରୀଙ୍କ ସମସ୍ତ କାର୍ଯ୍ୟକ୍ରମ ଶେଷ ହେଲା। ଜନତାଙ୍କୁ ମିଳିଲା ମିଛ ପ୍ରତିଶ୍ରୁତି। ସବୁ ସମସ୍ୟାର ନିରାକରଣର ଉତ୍ତର ଦାୟିତ୍ୱ ସମର୍ପି ଦିଆଗଲା ଅଧିକାରୀଙ୍କ ଉପରେ। ମନ୍ତ୍ରୀ ହାଲ୍‌କା ଅନୁଭବ କଲେ। ଜନତାଙ୍କୁ ମିଳିଗଲା ତାଙ୍କ ସମସ୍ୟାର ସମାଧାନ। ଏବେ ଅଧିକାରୀମାନେ ନିଜ ନିଜର ପରମ୍ପରା ଅନୁସାରେ ଜନ ସମସ୍ୟାଗୁଡ଼ିକୁ ସମାଧାନ କରିବେ। ମନ୍ତ୍ରୀ କିନ୍ତୁ ସଭାସ୍ଥଳ ଛାଡ଼ିଲେ। ତାଙ୍କୁ ଅନ୍ୟ ଜାଗାକୁ ଯିବାକୁ ପଡ଼ିବ। ସେଠି ପୁଣି ଲୋକେ ତାଙ୍କୁ ପ୍ରତୀକ୍ଷା କରୁଥିବେ। ସ୍ୱାଗତ ପାଇଁ ସେମାନଙ୍କର ଆଖିପତା ପଡୁନଥିବ। ମନ୍ତ୍ରୀ କୌଣସି ସ୍ଥାନରେ କିଛି ସମୟ ରହିବା ପରେ ଫେରିବା ପାଇଁ ପଡ଼ିବ ନିର୍ଦ୍ଧାରିତ ଟ୍ରେନ୍ ଅଥବା ପ୍ଲେନରେ। ଯଦି ଷ୍ଟେସନ କିମ୍ବା ଏରୋଡ୍ରମ ପର୍ଯ୍ୟନ୍ତ ତାଙ୍କର ଚାମଚାମାନେ ନ ଯାଇ ପାରନ୍ତି, ସ୍ୱାଗତ ଅଧୁରା ରହିଯିବ। ଆଗରେ ମନ୍ତ୍ରୀ ଏବଂ ତାଙ୍କ ପଛରେ ଚାଟୁକାରଙ୍କ ଲମ୍ବା ପଟୁଆର। ମନ୍ତ୍ରୀ ବିରାଜମାନ ହେଲେ ନିର୍ଦ୍ଧାରିତ ବାହନରେ। ହାତ ହଲାଇ ସଭାକାର୍ଯ୍ୟ ସଫଳ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଲେ। ଚାଟୁକାରମାନେ ହସହସ ମୁଖରେ ତାଙ୍କୁ ସମ୍ମାନର ସହ ବିଦାୟ ଦେଲେ।

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨






## ॥ କଟା ହାତ ଯୋଡା ହେଲା ॥

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ୍, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସିଙ୍ଗାପୁରର ଅନୁପମ ଅନୁଭୂତି ରହିଗଲା ସ୍ମୃତିର ସିନ୍ଦୁକରେ, ଏକ ସୁମଧୁର ଶିହ୍ରାର ହୋଇ । ପରବର୍ତୀ ସମୟରେ ଆମେ ଆଉ ଯେତେଥର ସିଙ୍ଗାପୁର ଗଲେ ମ୍ଧ ପ୍ରଥମ ଦେଖାର ଅନୁଭୂତି ନିଶ୍ଚିତ ଭାବରେ ଆମ ପାଇଁ ଜୀବନ୍ତ ହୋଇ ରହିବ, ବିଶେଷ ଭାବରେ ଆମ ଆସିବା ଆଗ ଦିନ ସଂଧ୍ୟାରେ ପାର୍କରେ ଆମେ ବସିଥିବା ବେଳେ ଘାସର ସବୁଜ ଗାଲିଚା ଉପେର ବିଂଚି ହୋଇ ପଡିଥିବା ଅଭ୍ର ଗୁଣ୍ଡ ଭଳି ରେଣୁ ରେଣୁ ଜ୍ୟୋସ୍ନା, ଯାହା ଆମ ଆଖିରେ ସ୍ୱପ୍ନର ଅଂଜନ ବୋଳି ଦେଇଥିଲା ଏବଂ ମନ ପରଦାରେ ସଜୀବ ହୋଇ ରହିଥିଲା । ସେ ଜ୍ୟୋସ୍ନାୟିତ ସଂଧ୍ୟାରେ ଫୁଲର ବଗିଚା ମନେ ହେଲା ଯେପରି ସ୍ୱର୍ଗର ନନ୍ଦନକାନନ । ମନେହେଲା ସେଠି ଚମ୍ପା, ବା ଗୋଲାପ ଫୁଲ ନୁହେଁ, 'ଫୁଟିଛି ଶହ ଶହ ପାରିଜାତ ଫୁଲ, ବିଚରଣ କରୁଛନ୍ତି ଅନେକ ଐରାବତ ହସ୍ତୀ ଓ ଉଡୁଛନ୍ତି ଶହ ଶହ ପ୍ରଜାପତି । ଅତି ଅନନ୍ୟ ଓ ଅପୂର୍ବ ସେ ଦୃଶ୍ୟ ।

ତା ପରଦିନ ଚାଙ୍ଗୀ ଏଆରପୋର୍ଟ ଆସି କଲିକତା ଅଭିମୁଖେ ଯାତ୍ରା ଆରମ୍ଭ କରିଦେଲୁ । ଅପରାହ୍ନରେ କଲିକତା ରେ ପହଂଚିଲୁ କିନ୍ତୁ, ଭାରତ ଆସିବା ମାତ୍ରକେ ଏଆରପୋର୍ଟରୁ ହିଁ ଆରମ୍ଭ ହୋଇଗଲା ବିଶୃଙ୍ଖଳା । କୌଣସି ଯାତ୍ରୀ ଶୃଙ୍ଖଳିତ ଭାବରେ ଧାଡିରେ ଠିଆ ହେବାକୁ ଉଚିତ୍ ମନେ କରୁନଥିଲେ । ସିଙ୍ଗାପୁରରେ ଡଷ୍ଟବିନରେ ମଇଳା ନପକାଇ, ରାସ୍ତାରେ ପକାଇଲେ, ସଙ୍ଗେ ସଙ୍ଗେ ଜୋରିମାନା । ସବୁଠାରେ ପୋଷ୍ଟରରେ ଲେଖାଥିଲା "ଲିଟରିଙ୍ଗ୍ ଇଜ୍ ଷ୍ଟ୍ରିକ୍ଟ୍ଲି ପ୍ରୋହିବିଟେଡ୍" ଏଠି କିଏ କାହା କଥା ମାନୁଛି ? ରାଜରାସ୍ତାରେ ମଧ୍ୟ ସେଇ ଅବ୍ୟବସ୍ଥା । ଟ୍ରାଫିକ୍ ନିୟମ ବିନା ମନ ଇଚ୍ଛା ଗାଡି ଚଳାଉଛନ୍ତି । ଅଗତ୍ୟା ଆମେ ଓଡିଶାର ସୀମା ଅତିକ୍ରମ କରି କଟକରେ ଆସି ପହଂଚିଲୁ ଓ ଶାନ୍ତିରେ ନିଃଶ୍ୱାସ ମାରିଲୁ ।

ତା ପରଦିନ ପୁଣି ସେଇ ଚିରାଚରିତ, ଗତାନୁଗତିକ କାର୍ଯ୍ୟକ୍ରମର ପୁନରାବୃତି । ଗୋଟିଏ ଦିନର ବିଶ୍ରାମ ପରେ ଆମେ ଜଏନ କଲୁ ଡିପାର୍ଟମେଂଟରେ ଏବଂ ପିଲାମାନେ ସ୍କୁଲରେ । ସାରା ଜୀବନରେ ଆରାମରେ ଛୁଟି କାଟିବା ତଥା ମନୋମୁଗଧକର ଜାଗାକୁ ଯାଇ ମନଭରି ମଉଜ ମଜଲିସ୍ କରି ଜୀବନ ଜିଇଁବା ବୋଧହୁଏ ଠାକୁର ଆମ ଭାଗ୍ୟରେ ଲେଖିନାହାଁନ୍ତି । ସବୁବେଳେ ପାଠ ସାଙ୍ଗକୁ ହିଁ ଭ୍ରମଣ ଯୋଡି ହୋଇ ରହିଥାଏ । କନଫରେନ୍ସ, ପେପର ପ୍ରେଜେଂଟେସନ୍, ଫ୍ୟାକଲ୍ଟି ଷ୍ଟିଚ ସହ ସଂଯୁକ୍ତ ହୋଇଯାଏ ବୁଲାବୁଲି । ଏହିଭଳି ଭାବରେ ଭାରତର ଅନେକ ଦଶନୀୟ ଦର୍ଶନୀୟ ସ୍ଥାନ ବୁଲି ଦେଖିବାର ସୌଭାଗ୍ୟ ମଧ୍ୟ ଆମର ହୋଇଥିଲା ।

ନିଉଜିଲ୍ୟାଣ୍ଡର ସୁନ୍ଦର ଓ ମୂଲ୍ୟବାନ ଟ୍ରେନିଂକୁ କାମରେ ଲଗାଇବା ସମୟ ଆସିଗଲା । ମୁଁ ନିଜର ରୋଗୀମାନଙ୍କର ଅଲଟ୍ରାସାଉଣ୍ଡ ନିଜେ ନିଜେ କଲି ଏବଂ ଡୁନେଡିନ୍ ହସପିଟାଲର ସବୁତକ ଅତ୍ୟାଧୁନିକ ପଦ୍ଧତି ଆପଣେଇବାକୁ ଲାଗିଲି । ପ୍ରକୃତରେ ମେଡିକାଲ କଲେଜରେ ଲେବରରୁମ୍ ହିଁ ଆମ ପାଇଁ ଗୁରୁ ପାଲଟିଯାଇଥିଲା । ଏମର୍ଜେନ୍ସିରେ ଲେବର ରୁମ ଗଲେ ଲାଗେ ଯେଉଁଯେଉଁ ଜରୁରୀ ଓ ସିରିୟସ୍ ପେସେଂଟ ସବୁ ପ୍ରତିଟି ଟେବୁଲରେ ଶୋଇଛନ୍ତି, ସମସ୍ତେ ଗାଇନୋକୋଲୋଜି ବହିର ଗୋଟିଏ ଗୋଟିଏ ପୃଷ୍ଠା ।

ରମାରମଣ ମଧ ତାଙ୍କ ଡିପାର୍ଟମେଂଟରେ ନିଉଜିଲାଣ୍ଡରେ ନେଇଥିବା ଟ୍ରେନିଂର ଉପଯୋଗ କରିଥିଲେ । କିନ୍ତୁ ସବୁଠାରୁ ବଡ ସକସେସ୍ ତାଙ୍କର ହୋଇଥିଲା ଗୋଟିଏ କଟା ହାତ ଯୋଡିବାରେ ତଥା ଓପନହାର୍ଟ ସର୍ଜରୀ ୟୁନିଟ ପ୍ରତିଷ୍ଠା କରିବାରେ । ସେ ଦିନ ହୋଇଥାଏ, ଅକ୍ଟୋବର ମାସ ୨୩ ତାରିଖ, ତାଙ୍କର ଏମର୍ଜେନ୍ସି ଡିଉଟି ଥାଏ କାଜୁଆଲ୍‌ଟିରେ । ହଠାତ୍ ଗୋଟିଏ ସିରିୟସ୍ ରୋଗୀ ଆସିଲା ତା' ହାତରେ ଥିଲା ଗୋଟିଏ ବରଫ ଦିଆ ଜରି ବ୍ୟାଗ୍ ଏବଂ ଭିତରେ ବରଫ ଖଣ୍ଡ ସହ କଟା ପାପୁଲିଟିଏ । ସେ ରୋଗୀ ଜଣକ ଭୁବନେଶ୍ୱର ଇଞ୍ଜିନିୟରିଂ କଲେଜର ଶେଷ ବର୍ଷର ଛାତ୍ର । ଗାଁ କୁ ବାପା ମା'ଙ୍କ ସହ ଛୁଟୀ କଟାଇବାକୁ ମାତ୍ର ଦୁଇ ଦିନ ପାଇଁ ଯାଇଥିଲେ । ସଂଧ୍ୟାବେଳେ ଗାଁରେ ଦୁଇଟି ଗୋଷ୍ଠୀ ମଧ୍ୟରେ କନ୍ଦଳ ଲାଗିଗଲା ଓ ଚାଲିଲା ଦା କଟୁରୀର ଖେଳ । ସେତିକିବେଳେ ଯୁବକ ଜଣକ ଆଗେଇ ଆସି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମନୋମାଳିନ୍ୟ ରୋକିବାକୁ ନିଜ ଡାହାଣ ହାତ ଦେଖାଇଦେଲେ, ଚାହୁଁ ଚାହୁଁ ଆଖି ପିଛୁଳାକେ ହାତ ଉପରେ ପଡିଗଲା ତୀକ୍ଷ୍ଣ କଟୁରୀର ଚୋଟ ଓ ପୁରା ପାପୁଲିଟି କଟିଯାଇ ଛିଟକି ପଡିଲା ଓ ହାତରୁ ପିଚ୍ ପିଚ୍ ରକ୍ତ ଝରିଲା । କୌଣସି ମତେ ପ୍ରାଇମେରୀ ହେଲଥ ସେଂଟରରେ ବ୍ୟାଣ୍ଡେଜ ଓ ଫାଷ୍ଟ ଏଡ୍ କରି ଗୋଟିଏ ଜରି ଭିତରେ ବରଫ ଓ କଟା ପାପୁଲିକୁ ପୁରାଇ ସେମାନେ କଟକ ମେଡିକାଲ କଲେଜକୁ ଚାଲି ଆସିଲେ । ସେଠି ଗାଁରେ ସେମାନେ ଡଃ ଷଡଙ୍ଗୀଙ୍କ ନାଁ ଶୁଣିଥିଲେ । ସେ ହିଁ କେବଳ କଟାହାତକୁ ଯୋଡି ଦେଇ ପାରିବେ ବୋଲି ଭାବି ବଡ ଆଶା, ଭରସା ନେଇ ଏସ୍.ସି.ବି. ମେଡିକାଲ କଲେଜରେ ଆସି ପହଂଚିଗଲେ । ଅତି ଆଶ୍ଚର୍ଯ୍ୟଜନକ ସଂଯୋଗ ଥିଲା, ସେଦିନ ରମାରମଣଙ୍କର ଜନ୍ମଦିନ ମଧ୍ୟ ଥିଲା । କାଜୁଆଲଟିରେ ରୋଗୀ କୁ ପରୀକ୍ଷା କରି ସେ କହିଲେ, ଏ କଟା ହାତ ନିଶ୍ଚୟ ଯୋଡା ଯିବ ଏବଂ ହାତ ତାର ନିଜ ସ୍ଥାନକୁ ଫେରିବ । ସବୁ ଡାକ୍ତରମାନେ ରମାରମଣଙ୍କର ଏ ଦୃଢୋକ୍ତି, ସାହସ, ଧୈର୍ଯ୍ୟ ଓ ଅପରିସୀମ ଉତ୍ସାହ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ସହଯୋଗ କରିବାକୁ ଆଗେଇ ଆସିଲେ । ତତ୍‌କ୍ଷଣାତ୍ ଗୋଟିଏ ଟିମ୍ ଅଫ୍ ସର୍ଜନସ୍ ଗଢାଗଲା ଏବଂ ରୋଗୀକୁ ଓ.ଟି ଟେବୁଲ ଉପରକୁ ନିଆଗଲା । ଅସ୍ଥି ଶଲ୍ୟ ବେଶେଷଜ୍ଞ (ଅର୍ଥୋପେଡିସିଆନ୍), ସ୍ନାୟୁଶଲ୍ୟ ବିଶେଷଜ୍ଞ(ନିଉରୋ ସର୍ଜନ), ହୃଦବକ୍ଷ ଶଲ୍ୟ ବିଶେଷଜ୍ଞ (କାର୍ଡିଆକ୍ ସର୍ଜନ), ପ୍ଲାଷ୍ଟିକ୍ ସର୍ଜନ, ନିଶ୍ଚେତକ ବିଶେଷଜ୍ଞ, ସିଷ୍ଟର୍ସ, ଫାର୍ମାସିଷ୍ଟ ଓ.ଟି. ଆସିଷ୍ଟାଂଟ ମାନେ ମିଳିମିଶି କାମ ଆରମ୍ଭ କଲେ । ଅସ୍ତ୍ରୋପଚାରଟି ସଂପୂର୍ଣ୍ଣ ହେବା ପାଇଁ ପୁରା ୧୪ ଘଂଟା ଲାଗିଗଲା । ଏତେ ସମୟ ପର୍ଯ୍ୟନ୍ତ ସମସ୍ତେ ଅଖିଆ ଅପିଆ ଅପରେସନ୍ କରୁଥିଲେ । ସେତିକି ବେଳେ ପୁଅ ସିଦ୍ଧାର୍ଥ ସ୍କୁଲରେ ପଢୁଥିଲା ମାତ୍ର ନବମ ଶ୍ରେଣୀରେ, ଅଥଚ ତାର ଅସମ୍ଭବ ଧୈର୍ଯ୍ୟ ଓ ସାହସ ଦେଖି ଆମେ ବିଶ୍ୱାସ ମଧ୍ୟ କରିପାରୁନଥିଲୁ । ସେ ନିଜେ ହିଁ କହିଲା, ମୁଁ ସବୁ ଅପରେସନର ଷ୍ଟେପସ୍, ମୁଭି କ୍ୟାମେରାରେ ରେକର୍ଡିଂ କରିବି । ଗୋଟିଏ ମାସ୍କ ଓ କ୍ୟାପ୍ ପିନ୍ଧି, ଓ.ଟି. ଭିତରେ ଠିଆ ହୋଇ ଘଂଟା ଘଂଟା ଧରି କଟା ହାତ ଯୋଡିବାର ସଂପୂର୍ଣ୍ଣ ଅପରେସନ୍ ସେ ରେକର୍ଡିଂ କରିଥିଲା, ଯାହା ଆଜି ପର୍ଯ୍ୟନ୍ତ କ୍ୟାସେଟ୍ ଆକାରରେ ଥୁଆ ହୋଇଛି । କଟା ପାପୁଲିଟିକୁ ଧୁଆ ଧୋଇ କରି ଷ୍ଟେରିଲାଇଜ୍ କରାଗଲା । ପ୍ରଥମେ ଅସ୍ଥିଶଲ୍ୟ ବିଶେଷଜ୍ଞମାନେ କଟା ପାପୁଲିର ହାଡ ସହ ଅବଶିଷ୍ଟ ହାତର ହାଡ ଯୋଡିଲେ । ସ୍ନାୟୁ ଶଲ୍ୟ ବିଶେଷଜ୍ଞ ମାନେ ଦୁଇଖଣ୍ଡ ହୋଇଥିବା ହାତର ସ୍ନାୟୁକୁ ଯୋଡିଲେ ଏବଂ ଡଃ ଷଡଙ୍ଗୀ ହାତର ଦୁଇ ଅଂଶର ଶିରା ଓ ଧମନୀକୁ ଧମନୀ ସହ ଯୋଡିଲେ । ଚାହୁଁ ଚାହୁଁ ଧଳା ଓ ଶେତା ପଡିଥିବା ପାପୁଲିରେ ରକ୍ତ ସଂଚାଳିତ ହେଲା ଏବଂ ପାପୁଲି ଲାଲ ଦେଖାଗଲା । ତାପରେ ପ୍ଲାଷ୍ଟିକ୍ ସର୍ଜନ ହାତର ଉପର ଚର୍ମ ସହ ପାପୁଲିର ଚର୍ମକୁ ସଂଯୋଗ କରିଥିଲେ । ଚଉଦ ଘଂଟାର ଅକ୍ଲାନ୍ତ ପରିଶ୍ରମ ପରେ ଅପରେସନ୍ ସକ୍‌ସେସ୍‌ଫୁଲ ହେବାରୁ ଡାକ୍ତର ମାନଙ୍କର ଆନନ୍ଦର ସୀମା ନଥିଲା । ପୁଅ ସିଦ୍ଧାର୍ଥ ମଧ୍ୟ ଅପରେସନଟି ମୁଭି କ୍ୟାମେରାରେ ରେକର୍ଡିଂ କଲା ବେଳେ ମନେ ମନେ ସ୍ଥିର କରିନେଇଥିଲା ଯେ ସେ ନିଶ୍ଚୟ ମେଡିକାଲ ପଢିବ । ଖାଲି ସେତିକି ନୁହେଁ ଏମ୍.ବି.ବି.ଏସ୍ ପରେ ସର୍ଜରୀରେ ପି.ଜି. କରିବ ଓ କାର୍ଡିଓଥୋରାସିକ୍ ରେ ଏମ୍.ସି.ଏଚ କରି ଜଣେ ସଫଳ ହାର୍ଟ ସର୍ଜନ ହେବ ।

ଅପରେସନ୍ ପରେ ରୋଗୀକୁ ଆଇ.ସି.ୟୁରେ ରଖା ଗଲା । କିନ୍ତୁ ତା ପରଦିନ ହିଁ ଓଡିଶାର ସବୁ ଖବର କାଗଜ ଓ ଟେଲିଭିଜନ୍ ଚ୍ୟାନେଲରେ ନିଉଜ୍ ରିଲିଜ୍ ହୋଇଗଲା । "ଏସ୍.ସି.ବି. ରେ କଟା ହାତ ଯୋଡା ହେବା", ଥିଲା ସାରା ଭାରତରେ ପ୍ରଥମ । "ଲିମ୍ବ ରିଇଂପ୍ଲାଂଟେସନ୍ ସର୍ଜରୀ" କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହା କେବଳ ଓଡିଶା ନୁହେଁ, ସାରା ଭାରତରେ ଚହଳ ସୃଷ୍ଟି କରିଥିଲା ।

(କ୍ରମଶଃ)

## ପୁସ୍ତକ ସମୀକ୍ଷା

**ଭକ୍ତି ମନ୍ଦାକିନୀ**
କବି :
ପୂର୍ଣ୍ଣଚନ୍ଦ୍ର ଦାସ
ଗୀତିକବିତା ସଂକଳନ :
ପ୍ରକାଶକ : ଲକ୍ଷ୍ମୀମଣି ଦାସ, ଶ୍ରୀଜଙ୍ଗ, ବାଲେଶ୍ୱର
ପ୍ରକାଶକାଳ : ୨୦୧୬ ମସିହା

ଈଶ୍ୱର ଆରାଧନାର ଧାରା ସହ ସଂଗୀତର ମୂର୍ଚ୍ଛିତ ପ୍ରବାହ ସୃଷ୍ଟିର ପ୍ରାରମ୍ଭରୁ ଜଡ଼ିତ। ଅନନ୍ତ ଶୟନରେ ଚିର ଶାୟିତ ଶ୍ରୀବିଷ୍ଣୁଙ୍କୁ ଅପୂର୍ବ ବୀଣା ବାଦନ ଏବଂ ସଂଗୀତରେ ତୁଷ୍ଟ କରୁଥାନ୍ତି ମାତା ସରସ୍ୱତୀ। ସଂଗୀତମୟ ନାରଦୀୟ ନିନାଦ ଏବଂ ବୀଣା ଝଙ୍କାରରେ ଭକ୍ତ ଏବଂ ଭଗବାନ ଏକତ୍ର ବାସ କରନ୍ତି ବୋଲି ଶ୍ରୀବିଷ୍ଣୁ ଉଚ୍ଚାରିଲେ ତାଙ୍କର ପ୍ରିୟ ଭକ୍ତ ନାରଦଙ୍କୁ 'ନା ହଂ ତିଷ୍ଠାମି ବୈକୁଣ୍ଠେ ଯୋଗୀଣାଂ ହୃଦୟେ ନ ଚ, ମଦ୍ ଭକ୍ତା ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦ।'

ନବଧା ଭକ୍ତିର ପରିପ୍ରକାଶ ଘଟେ ଯଥାର୍ଥ ସଂଗୀତକ ସ୍ୱର, ତାଳ ଓ ଲୟରେ। ସେହି ସୁର ତାଳ ଓ ଲୟର ଶବ୍ଦବନ୍ଧ ବାନ୍ଧୁଥିବା ଭକ୍ତିରସାପ୍ଳୁତ ଗୀତିଆଲେଖ୍ୟର ଆଉ ଏକ ଭାବ ନୈବେଦ୍ୟ ଭକ୍ତି ମନ୍ଦାକିନୀ। କବି, ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ଦାସ।

ଭକ୍ତି ମନ୍ଦାକିନୀର ମନ୍ଦ୍ର ମଧୁର ଧାରାର ଆଉ ଏକ ନବସଂସ୍କରଣ ଶ୍ରୀଯୁକ୍ତ ଦାସ ବାବଦରେ ଗୁଣଗ୍ରାହୀ ତଥା ପ୍ରାଜ୍ଞଚେତନାର ମଣିଷ ରତ୍ନାକର ରାଉତ (ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା, ଓଡ଼ିଶା) କହନ୍ତି- "ନିଜ ଅନ୍ତରର ଭକ୍ତି ଅର୍ଘ୍ୟ ସେ ଭଜନ, ସ୍ତବ, ସ୍ତୁତି, ଆରତି, ଜଣାଣ ଓ ଗୀତ ଆଦି ମାଧ୍ୟମରେ ତାଙ୍କ ଉପାସ୍ୟ ଦେବଦେବୀଙ୍କ ପାଦପଦ୍ମରେ ବାଢ଼ିଛନ୍ତି। ଏ ଦର୍ଶନ, ଭକ୍ତି ଭାବରେ ପରିପୂର୍ଣ୍ଣ। ଶୁଦ୍ଧପୁତ ହୃଦୟ ନଥିଲେ ଏପରି ସୃଷ୍ଟି ସମ୍ଭବ ହୋଇ ପାରିବ ନାହିଁ। ଜଣେ ନିଷ୍ପାପର ସୃଜନଶୀଳ ସ୍ରଷ୍ଟାର ପରାକାଷ୍ଠା ସେ ତାଙ୍କ ରଚିତ ଗୀତଗୁଡ଼ିକ ମାଧ୍ୟମରେ ପ୍ରକଟିତ କରିଛନ୍ତି। ଜଣେ କବି ହେବାର ସଦ୍‌ଗୁଣ ତାଙ୍କଠାରେ ପରିଲକ୍ଷିତ ହେଉଛି।' ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ ଯେ, ଶ୍ରୀଯୁକ୍ତ ଦାସ ଜଣେ ସମର୍ପିତ ବିଭୁ ଆଶ୍ରିତ ସତ୍ତା ଭାବରେ ଜଗତଗୁରୁ ଶ୍ରୀ ଶ୍ରୀ ଠାକୁର ଅଭିରାମ ପରମହଂସଙ୍କର ନିତ୍ୟ ସେବକ ଅଟନ୍ତି। ଜଣେ ଗୁରୁ ଆଶ୍ରିତ ସତ୍ତା ଭାବରେ ଭାଗବତ ବାଣୀ- 'ଗୁରୁ ନ ଧରି ଅରଜୁନ, କାହିଁ ପାଇବୁ ସଦଜ୍ଞାନ' ତାଙ୍କ ଆଚରଣ, ଉଚ୍ଚାରଣ ଏବଂ ସହଜ, ସରଳ, ସାବଲୀଳ ଗୀତି ଆଲେଖ୍ୟ ଗୁଡ଼ିକରେ ସ୍ୱାଭାବିକ ଭାବରେ ଫୁଟିଉଠିଛି। କବି ପୂର୍ଣ୍ଣଚନ୍ଦ୍ର ଦାସ ତାଙ୍କ ଗୀତି ସର୍ଜନା ସଂକଳନର ଆଦ୍ୟଭାଷରେ ସ୍ୱୀକାର କରିଚନ୍ତି- 'ଏକଦା ନିଶାର୍ଦ୍ଧରେ ମା' ବୀଣାପାଣିଙ୍କର ଉଦ୍‌ଭାସିତ ଛାୟାମୂର୍ତ୍ତି ସ୍ୱପ୍ନରେ ପ୍ରକଟିତ ହୋଇ ବାଟ କଢ଼େଇ ନେଇଗଲେ ସେହି ମଣିମୟ ସାରସ୍ୱତ ସାଧନା ଦିଗରେ।' ଗୁରୁ ଆଶ୍ରିତ ଏବଂ ମାତୃ କୃପାମଣ୍ଡିତ ଶ୍ରୀଯୁକ୍ତ ଦାସଙ୍କର ଲେଖନୀରେ ଫୁଟିଛି ଅଗ୍ରପୂଜ୍ୟ ଶ୍ରୀଗଣେଶ, ମାତା ସରସ୍ୱତୀ, ମାତା ଦୁର୍ଗା, ମାତା ଲକ୍ଷ୍ମୀ, ଶିବ ବନ୍ଦନା, ସନ୍ତୋଷୀ ମାତା ଜଣାଣ ପରି ଅର୍ଦ୍ଧଶତକରୁ ଉର୍ଦ୍ଧ୍ୱ ଭକ୍ତି ରସାତ୍ମକ ଗୀତ ସୃଜନୀ ତଥା ଉତ୍କଳ ମାତା ଓ ନିଜ ଜନ୍ମଭୂମି ଶ୍ରୀଜଙ୍ଗ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର କାବ୍ୟ ମୂର୍ଚ୍ଛନା। ଷୋଡ଼ଶ ଶତାବ୍ଦୀର କବି ବଳରାମ ଦାସଙ୍କ ପରି ଗୀତିକାର ଶ୍ରୀଯୁକ୍ତ ଦାସ ମଧ୍ୟ ସ୍ୱକୀୟ ସଂକଳନର ଆଦ୍ୟ କବିତା 'ମାତୃସ୍ତବ'ରେ ସର୍ବପ୍ରଥମେ ନିଜ ଲେଖନୀକୁ ମାତା ଶାରଳାଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିବାକୁ ଭୁଲିଯାଇ ନାହାନ୍ତି। ଯଥା- 'ତୁହି ତ ଅଟୁ ପରା ଜଗତ ମାତ, ତୋ ନାମ ଧରି ମୁହିଁ ଲେଖୁଛି ଗୀତ।/ ଶାରଳା ମାତା ବାରେ ହୁଅ ପ୍ରସନ୍ନ, କରିବି ବନ୍ଦନା ମୁହିଁ ତୋହରି ନାମ/ ତୁ ଜନନୀ ଆଉ ମୁଁ ଅକିଞ୍ଚନ / ତୋ ନାମ ଲେଖି ଲେଖି ଯାଉ ଜୀବନ।'

ଭକ୍ତି ମନ୍ଦାକିନୀ ଗୀତି ସଂକଳନସ୍ଥ ଆଲେଖ୍ୟଗୁଡ଼ିକରେ କବିଙ୍କର ବୌଦ୍ଧିକ ବିଳାସ ଅପେକ୍ଷା ପରିପ୍ରକାଶରେ ଭାବାବେଗର ଅଧିକ ପ୍ରାବଲ୍ୟ ଅନୁଭବ କରାଯାଏ। ନିଃସନ୍ଦେହରେ କୁହାଯାଇପାରେ ଯେ କବି ଶ୍ରୀଯୁକ୍ତ ଦାସ ସ୍ୱକୀୟ ଗୀତିକବିତା ଗୁଡ଼ିକରେ ତତ୍ତ୍ୱର ତଟସ୍ଥ ଏବଂ ଦର୍ଶନର ଦ୍ୱାରସ୍ଥ ନ ହୋଇ ଭାବକୁ ନାବଟିଏ କରି ମେଲିଦେଇଛନ୍ତି ନିଜର ସଂଗୀତର ଅମୃତ ଯାତ୍ରା। ଗୀତିକବିଟିଏ ତନ୍ମୟ ହେବାଠାରୁ ମନ୍ମୟ ପଣକୁ ଅଧିକ ଅବଲମ୍ବନ କରିଥାଏ। ଗୀତିକବି ଜଣକ ଗୀତି ଆଲେଖ୍ୟର ପଂକ୍ତିମାନ ସଂଚାର କଲାବେଳେ ଆତ୍ମନିଷ୍ଠ ହେବାକୁ ବାଧ୍ୟ। କବି ଶ୍ରୀଯୁକ୍ତ ଦାସଙ୍କ କ୍ଷେତ୍ରରେ ମଧ୍ୟ ଏହି ପ୍ରକ୍ରିୟାର ପୁନରାବୃତ୍ତି ଘଟିଛି। ଅନୁଜ୍ଞା ଏବଂ ସ୍ୱୀକାରୋକ୍ତି ଭିତରେ ଆତ୍ମସମର୍ପଣର ପଥ ପରିଷ୍କାର। ଅତଏବ୍ କବି ନିଜ ଶେଷ ଜଣାଣରେ ଜଗତନାଥଙ୍କୁ ଜଣାଇବାକୁ ଚାହାଁନ୍ତି ନିଜର ଅନ୍ତରର ଅଭିଳାଷ ଏହିପରି, ଯଥା- 'ଜୀବନ ପ୍ରଦୀପ ଲିଭିଗଲା ବେଳେ ସାହା ଏକା ଚଉବାହା/ ମୋ' ପ୍ରାଣର ବନ୍ଧୁ ଆହେ ପ୍ରାଣବନ୍ଧୁ ତୁମେ ଭରସାର ରାହା।' ଜୀବନର ଅନ୍ତିମ ନିଃଶ୍ୱାସ ତ୍ୟାଗ କଲାବେଳେ କବି ଚାହାନ୍ତି- "ଏ ନାମ ଅହୋରାତ୍ର ଭଜି ଜୀବଯାଉ ଜପି ଜପି/ ନିରନ୍ତର ରଖ ଲୟ ଭକତି ଭରେ।"

'ର' ଅନୁପ୍ରାସର ପ୍ରୟୋଗରେ ପ୍ରାନ୍ତ ଅନୁପ୍ରାସିକ ଭଜନଟିଏ କବିଙ୍କର ଏଠାରେ ଉଦ୍ଧାର କରିବା ଯଥାର୍ଥ ହେବ। ଯଥା, 'ଘନ ସୁନ୍ଦର ମୋର କର କର ଚାକର/ ସଂକଟ ବେଳେ ମୁହିଁ ତୁମ୍ଭ ନାମ ରଟଇ/ ତୁମ୍ଭେ ପରା ମୋର ଗଳାର ହାର।" କବିଙ୍କର ବହୁ ଭଜନ ଓ ବନ୍ଦନା ରାଗମଣ୍ଡିତ। ଏକତାଳି ରାଗରେ ସେ ଗଣେଶ ବନ୍ଦନା ତୋଳି ଧରିଥିଲା ବେଳେ ଚୋଖି ରାଗରେ ରଚିତ କାର୍ତ୍ତିକ ଜଣାଣ ଆମକୁ ମନେପକାଇ ଦିଏ ରୀତିଯୁଗର ଉତ୍କଳୀୟ କବି ଗଙ୍ଗାଧର ମେହେରଙ୍କର ଚୋଖି ରାଗର 'ମଙ୍ଗଳେ ଅଇଲା ଉଷା' ପରି ସର୍ବକାଳୀନ ପ୍ରସିଦ୍ଧ ରଚନା। ସେହି ଚୋଖି ରାଗରେ ଶ୍ରୀଯୁକ୍ତ ଦାସ ପ୍ରଭୁ କାର୍ତ୍ତିକଙ୍କୁ ଜଣାଣ ବାଢ଼ୁଛନ୍ତି ଏହିପରି। ଯଥା- ଜୟ ପ୍ରଭୁ କାର୍ତ୍ତିକେୟ ଜୟ ହେ, ମଙ୍ଗଳମୟ ପାର୍ବତୀ ନନ୍ଦନ ତୁମ୍ଭେ ମଦିୟ ସାଇଁ/ ସ୍କନ୍ଧେ ପଇତା ବିରାଜେ ବାଳୁତ ସଂଗରେ ମଜେ/ ଜନଙ୍କର ହିତେ ଚିର କୁମାର ରହି/ ପ୍ରାଣୀର ଦୂରିତ ନାଶନ/ ଦରଶନ ଦିଅ କରେ ମୁଁ ନିବେଦନ।'

ଉତ୍କଳୀୟ ଭୂଖଣ୍ଡରେ ଅତୀତର ଜନ୍ମିତ ଜୟଦେବଙ୍କ ଠାରୁ ଆରମ୍ଭ କରି ଭକ୍ତ ସାଲବେଗ, ଦୀନକୃଷ୍ଣ ଏବଂ ଭକ୍ତକବି ମଧୁସୁଦନ ରାଓ ପର୍ଯ୍ୟନ୍ତ ଅଗଣିତ ଗୀତିକବିଙ୍କର ଭକ୍ତିରସାତ୍ମକ ଭଜନ, ଜଣାଣ, ଚମ୍ପୁ, ଚଉପଦୀ ଓ ଚଉତିଶାକୁ କିଏ ବା ମନେ ରଖିଛି ? ମାତ୍ର ଅର୍ଦ୍ଧଶତାବ୍ଦୀର କିଛି ଅବଧି ପୂର୍ବରୁ ବିଂଶ ଶତାବ୍ଦୀର ପାଖାପାଖି ଅର୍ଦ୍ଧଭାଗ ପର୍ଯ୍ୟନ୍ତ ଅର୍ଥାତ୍ ସ୍ୱାଧୀନତା ପ୍ରାପ୍ତିର ପୂର୍ବ ସମୟ ପର୍ଯ୍ୟନ୍ତ କବିତା କହିଲେ କେବଳ ଗାୟନ ଯୋଗ୍ୟ ରାଗ ଓ ଛନ୍ଦଯୁକ୍ତ ଅକ୍ଷର ନିୟମରେ ରଚିତ ଯତିପାତଧର୍ମୀ ଆଲେଖ୍ୟକୁ ହିଁ ବୁଝାଉଥିଲା। କବିତା ବା ଗୀତଟିଏର ସାଂଗୀତିକ ଗୁଣ ଓ ଧର୍ମ ଥିବାରୁ ଶିକ୍ଷା, ଦୀକ୍ଷା ଓ ସଂସ୍କାର ରହିତ ସାଧାରଣ ବ୍ୟକ୍ତିଟିଏ ମଧ୍ୟ ଏହାକୁ ଗାଇ ପାରୁଥିଲା ଏବଂ କଣ୍ଠସ୍ଥ କରି ପାରୁଥିଲା। ଉଚ୍ଚତର ସାଧକଗଣ ସ୍ୱକୀୟ ଗୀତ ଓ ଭଜନ ମାଳାରେ ଜୀବନର ଗୁଢ଼ତତ୍ତ୍ୱକୁ ଆରୋପ କରି ସାଧାରଣ ମଣିଷକୁ ଉଚ୍ଚତର ଜ୍ଞାନ, ଭକ୍ତି ଏବଂ ଜୀବନ ସାଧନାର ସୂତ୍ର ବତାଉଥିଲେ। ଶାବ୍ଦିକ ଅଳଂକାର ଏବଂ ଭାବର ବ୍ୟଞ୍ଜନାରେ ଗୀତ ଥିଲା ସଂଗୀତର ମୂର୍ଚ୍ଛିତ ରୂପ ଏବଂ ତାର ପରିପ୍ରକାଶ ଥିଲା ରାଗ ମଣ୍ଡିତ। ସେହି ରାଗାନୁକମ୍ପନର ଆଭାସ ଏବଂ ଉଦ୍‌ଭାସରେ ଦୀପ ଜଳିଉଠୁଥିଲା, ମେଘମାଳା ସବୁ ବିନ୍ଦୁ ବିନ୍ଦୁ ବର୍ଷାର ଉଲ୍ଲାସରେ ଧରାବତରଣ କରୁଥିଲେ। ପ୍ରକୃତିକୁ ନିୟନ୍ତ୍ରଣ କରିପାରୁଥିଲା ଗୀତ ଓ ସଂଗୀତ। ଏହି ମହାନ୍ ସଂସ୍କୃତି ଓ କଳାର ପାରମ୍ପର୍ଯ୍ୟ ଏବଂ ଔଦର୍ଯ୍ୟମୟ ଧାରାର ମହାନ୍ ସ୍ରଷ୍ଟାଗଣଙ୍କୁ କାବ୍ୟରସମୋଦୀ ପ୍ରତ୍ୟେକ ସତ୍ତା ସମ୍ମାନ ଏବଂ ଅଭିବାଦନ ଜଣାଇବା ଯଥାର୍ଥ। ଏହି ଧାରାରେ ସ୍ୱକୀୟ ଲେଖନୀର ଫର୍ଦ୍ଦ ଯୋଡ଼ିଛନ୍ତି ଶ୍ରୀଜଙ୍ଗ ମାଟିର ଆଉ ଜଣେ ଭକ୍ତ ତଥା କବି ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ଦାସ। ଉକ୍ତିରେ ସ୍ୱଷ୍ଟତା, ବ୍ୟବହୃତ ଶବ୍ଦଗୁଡ଼ିକର ସାବଲୀଳତା ସହ ଗୀତିଆଲେଖ୍ୟ ଗୁଡ଼ିକର ଲାଳିତ୍ୟମୟ ଅନୁବର୍ତ୍ତନ ତାଙ୍କର ସୃଷ୍ଟି ଗୁଡ଼ିକର ସ୍ୱତନ୍ତ୍ରତା। ଅତି ସୁନ୍ଦର ଏବଂ ସ୍ୱଚ୍ଛନ୍ଦ ଭାବରେ ଗାୟନ ଯୋଗ୍ୟ ତାଙ୍କର ପ୍ରତ୍ୟେକ ପଂକ୍ତିରେ ଶ୍ରଦ୍ଧା, ଭକ୍ତି, ବିଶ୍ୱାସ ଓ ସମର୍ପଣର ପ୍ରଗାଢ ଝଂକାର। ସେ ଝଂକାର ପ୍ରତ୍ୟେକ ବିଭୁପଦପଦ୍ମକାମୀଙ୍କୁ ଶୁଭିବ ପବିତ୍ର ଓଁକାର ପରି, ... ପାରିବେ ...





ସମୀକ୍ଷା:
+ ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ
ମାନବ ସମ୍ବଳ ପରିଚାଳନା ବିଭାଗୀୟ ମୁଖ୍ୟ, ଆର.ଜେ. କଲେଜ ଅଫ୍ ବିଜିନେସ୍ ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ୍, ଚାନ୍ଦିପୁର ରୋଡ, ବାଲେଶ୍ୱର
ମୋ: - ୯୪୩୭୮୩୪୯୬୪

### ଜିଲ୍ଲାସ୍ତରୀୟ ଖରିଫ ଧାନ ସଂଗ୍ରହ ନିତୀ ନିର୍ଦ୍ଧାରଣ କମିଟି ବୈଠକ

# ଜିଲ୍ଲାରେ ଚଳିତ ୨୦୨୦-୨୧ ବର୍ଷ ପାଇଁ ଖରିଫ ଧାନ କ୍ରୟ କାର୍ଯ୍ୟକ୍ରମ ଡିସେମ୍ବର ୧୭ ତାରିଖରୁ ଆରମ୍ଭ

ବାରିପଦା,୭।୧୧ (ନି.ପ୍ର): ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିର୍ଦ୍ଦେଶାନୁସାରେ ଚଳିତ୨୦୨୦-୨୧ବର୍ଷ ପାଇଁ ମୟୂରଭଞ୍ଜ ଜିଲ୍ଲାର ଚାଷୀମାନଙ୍କଠାରୁ ଖରିଫ ଧାନ କିଣା ଯିବା ସକାଶେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ ନିତୀନିର୍ଧାରଣ କମିଟି ବୈଠକ ଗୁଗୁଲ୍ ମିଟ୍ ଭରଚୁଆଲ୍ ମୋଡ ଜରିଆରେ ତା.୦୬.୧୧.୨୦୨୦ ରିଖ ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ବିନୀତ୍ ଭରଦ୍ୱାଜ,ଭା.ପ୍ର.ସେ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଗୁଗୁଲ୍ ମିଟ୍ ଜରିଆରେ ଅନୁଷ୍ଠିତ ଉକ୍ତ ବୈଠକରେ ମୋରଡା ବିଧାୟକ ରାଜ କିଶୋର ଦାସ, କରଂଜିଆ ବିଧାୟିକା ଶ୍ରୀମତୀ ବାସନ୍ତି ହେମ୍ବ୍ରମ୍, ଉପଜିଲ୍ଲାପାଳ ଉଦଳା ଭଗବାନ ବେହେରା ପ୍ରମୁଖ ସମେତ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସହକାରୀ ଜିଲ୍ଲା ଯୋଗାଣ ଅଧିକାରୀ କିଶୋର ଚନ୍ଦ୍ର ମହାରଣା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦମୋଦର ସେଠୀ, ଡିଆରସିଏସ୍ ଦମୟନ୍ତୀ ସିଂ, ଜିଲ୍ଲାର ସମସ୍ତ ସହକାରୀ ଯୋଗାଣ ଅଧିକାରୀ, ସଂପୃକ୍ତ ବିଧାୟକ / ସାଂସଦଙ୍କ ପ୍ରତିନିଧି, ଜିଲ୍ଲାର ମିଲରସ୍ ଓ ଚାଷୀ ପ୍ରତିନିଧିମାନେ ଗୁଗୁଲ୍ ମିଟ୍ ଜରିଆରେ ଅଂଶ ଗ୍ରହଣ କରି ଚଳିତ ୨୦୨୦-୨୧ ଖରିଫ ଋତୁରେ ଜିଲ୍ଲାର ପିଂକୃତ ଚାଷୀମାନଙ୍କ ଠାରୁ ଖରିଫ ଧାନ ସଂଗ୍ରହ / କ୍ରୟ ପାଇଁ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିର୍ଦ୍ଦେଶିତ ନିତୀ ନିର୍ଦ୍ଦେଶାବଳୀନୁସାରେ ସଂପର୍କୀତ କାର୍ଯ୍ୟକ୍ରମ ପ୍ରସ୍ତୁତି ଉପରେ ସବିଶେଷ ଆଲୋଚନା କରିଥିଲେ । ସରକାରଙ୍କ ନିର୍ଦ୍ଦେଶାନୁସାରେ ଚଳିତ ବର୍ଷ ଜିଲ୍ଲାରୁ ୯ ଲକ୍ଷ ୪୫ ହଜାର କ୍ୟୁଣ୍ଟାଲ୍ ଖରିଫ ଧାନ ସଂଗ୍ରହ କରାଯିବାର ଲକ୍ଷ ଧାର୍ଯ୍ୟ କରାଯାଇଛି । ଜିଲ୍ଲା କୃଷି ବିଭାଗ ଆକଳନ ଅନୁଯାଇ ଚଳିତ ବର୍ଷ ଜିଲ୍ଲାରେ ଖରିଫ ଧାନ ୯ ଲକ୍ଷ ୮ହଜାର ୭ଶହ ୫୯ ମେଟ୍ରିକଟନ ଧାନ ଉତ୍ପାଦନ ହେବାର ଆକଳନ କରାଯାଇଥିବା ଜିଲ୍ଲା କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଚଳିତ ବର୍ଷ ଚାଷୀମାନଙ୍କ ଠାରୁ ଧାନ କ୍ରୟ କରାଯିବା ପାଇଁ ଅନଲାଇନରେ ଚାଷୀ ନିଜର ପରିଚୟ ପତ୍ର, ଚାଷଜମି ପରିମାଣ / ବଳକା ଧାନ ବିକ୍ରୟ କରିବା ପରିମାଣ ଆଦି ସବିଶେଷ ତଥ୍ୟ ସମ୍ବଳିତ ପ୍ରଦାନ କରାଯିବାକୁ ପରାମର୍ଶ ଦିଆଯାଇଛି । ଏଥି ପାଇଁ ଅଦ୍ୟାବଧି ୫୬,୯୫୪ ଚାଷୀ ଲ୍ୟାମ୍ପ, ସମବାୟ ସମିତି ମାଧ୍ୟମରେ ନାମ ପିଂକୃତ କରିଥିବା ଜଣାଯାଇଛି । ଜିଲ୍ଲାରେ ଖରିଫ ଧାନ ସଂଗ୍ରହ କାର୍ଯ୍ୟକ୍ରମର ସୁପରି ଚଳନା ପାଇଁ ଜିଲ୍ଲା ଯୋଗାଣ, ଆର୍‌ଏମ୍‌ସି ଏବଂ ଡିଆର୍‌ସିଏସ୍ ବିଭାଗ ତତ୍ୱାବଧାନରେ ଜିଲ୍ଲାରେ ଥିବା ୫୨ଟି ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ), ଲ୍ୟାମ୍ପସ୍ ଜରିଆରେ ଚାଷି ମାନଙ୍କ ସୁବିଧା ପାଇଁ ଜିଲ୍ଲାର ସମସ୍ତ ବ୍ଲକ ଅଂଚଳରେ ଖୋଲାଯାଇଥିବା ମୋଟ୍ ୧୦୦ଟି ଧାନ କ୍ରୟ କେନ୍ଦ୍ର(ମଣ୍ଡି)ମାନଙ୍କରେ ଆସନ୍ତା ଡିସେମ୍ବର ମାସ ୧୭ ତାରିଖରୁ ଚାଷୀ ମାନଙ୍କ ଠାରୁ ଧାନକ୍ରୟ/ ସଂଗ୍ରହ କରାଯିବ । ଏଥିପାଇଁ ଚାଷୀ ମାନଙ୍କୁ ଧାନ ବିକ୍ରୟ ସକାଶେ ସାତ ଦିନ ପୂର୍ବରୁ ଟୋକନ୍ ଦିଆଯାଇ ଓ ନିର୍ଦ୍ଧାରିତ ଥିବା ତାରିଖରେ ଚାଷୀ ସେମାନଙ୍କ ନିକଟସ୍ଥ ଧାନକ୍ରୟ (ମଣ୍ଡି) କୁ ଧାନ ପହାଂଚାଇବେ ଏବଂ ସେହିଦିନ ହିଁ ଧାନ କ୍ରୟ କରାଯିବ । ଚଳିତ ବର୍ଷ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଧାନର ସହାୟକ ମୂଲ୍ୟ ଯଥାକ୍ରମେ ଏଫ୍‌ଏକ୍ୟୁ ଗ୍ରେଡ'ଏ' ମାନ ଧାନର ମୂଲ୍ୟ କ୍ୟୁଣ୍ଟାଲ ପ୍ରତି ୧୮୮୮ଟଙ୍କା ଏବଂ ସାଧାରଣ ଏଫଏକ୍ୟୁ ମାନ ଧାନର ମୂଲ୍ୟ କ୍ୟୁଣ୍ଟାଲ ପ୍ରତି୧୮୬୮ଟଙ୍କା ଧାର୍ଯ୍ୟ କରାଯାଇଛି । ଧାନ ବିକ୍ରୟ ନିମନ୍ତେ ଚାଷୀମାନେ ପିଂକୃତ କରିଥିବା ନିଜର ପରିଚୟ ପତ୍ର ସଂଗରେ ଆଣିବା ପାଇଁ ପରାମର୍ଶ ଦିଆଯାଇଛି । ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ ଆଇରିସ୍ ସ୍କାନର (ଆଖି ସ୍କାନ) ଓ ମେଟ୍ରିକ ପଦ୍ଧତିରେ ଜରିଆରେ ଚାଷୀ ମାନଙ୍କ ଠାରୁ ଧାନ ସଂଗ୍ରହ / କ୍ରୟ କରାଯିବ । ବିକ୍ରୟ ଧାନର ସହାୟକ ମୂଲ୍ୟ ଚାଷୀଙ୍କ ବ୍ୟାଙ୍କ ପାସ ବହିରେ ୨୪ଘଂଟା ମଧ୍ୟରେ ଅନଲାଇନ ମାଧ୍ୟମରେ ପ୍ରଦାନ କରାଯିବ । ଏଥିପାଇଁ ନର୍ଦ୍ଧାରିତଥିବା ନିର୍ଦ୍ଦେଶାବଳୀକୁ କଡାକଡି ଭାବେ ପାଳନ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ଗୁରୁତ୍ୱାରୋପ କରିବା ସହିତ ଚାଷୀଙ୍କ ଆପତି ଅଭିଯୋଗ ଉପରେ ତ୍ୱରିତ୍ୱ ସମାଧାନ ତୀକ୍ଷ୍ଣ ଦୃଷ୍ଟି ଦେଇ କାର୍ଯ୍ୟକ୍ରମ ସୁପରିଚାଳନା କରିବାକୁ ସଂପୃକ୍ତ ବିଭାଗ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ନିର୍ଦ୍ଧାରିତ ଥିବା ସମସ୍ତ ଧାନ କ୍ରୟ କେନ୍ଦ୍ର(ମଣ୍ଡି)ର ସୁପରିଚାଳନା ପାଇଁ ଜିଲ୍ଲା ତଥା ଉପଖଣ୍ଡସ୍ତରୀୟ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ତତ୍ୱାବଧାନରେ ଜିଲ୍ଲା ଯୋଗାଣ ବିଭାଗ / ଡିଆର୍‌ସିଏସ୍ ବିଭାଗୀୟ କ୍ଷେତ୍ର ଅଧିକାରୀ ମାନଙ୍କ ସମନ୍ୱୟ ରକ୍ଷାକରି କାର୍ଯ୍ୟ ତ୍ୱରାନ୍ୱିତ କରାଯିବାକୁ ପରାର୍ମଶ ଦିଆଯାଇଛି । ଧାନକ୍ରୟ ସଂପର୍କିରେ ପିଂକୃତ ଚାଷୀମାନଙ୍କୁ ସୂଚନା ଦିଆଯିବାର ବ୍ୟବସ୍ଥା କରାଯାଇଛି । ମଣ୍ଡିରେ ଧାନ ସୁରକ୍ଷିତ ପାଇଁ ଆବଶ୍ୟକୀୟ ତାରପୋଲିନସେଡ୍, କ୍ୟାପଷ୍ଟୋରେଜ୍ (ଗଓଡାଉନ) ଓ ଧାନରମାନ ଓ ଗୁଣବତା ପରୀକ୍ଷା ପାଇଁ ଆବଶ୍ୟକୀୟ ଯଥା ବୈଦ୍ୟୁତିକ ଓଜନ ମାପଯନ୍ତ୍ର, ଆଇରିସ୍ ସ୍କାନର ସହ ଚାଷି ମାନଙ୍କ ସୁବିଧା ପାଇଁ ପାନୀୟଜଳ, ବିଶ୍ରାମ ସ୍ଥଳ, ଶୌଚାଳୟ ଆଦି ସମସ୍ତ ପ୍ରକାର ଆନୁସଂଗିକ ବ୍ୟବସ୍ଥା ଆର୍‌ଏମ୍‌ସି ପକ୍ଷରୁ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଧାନର ମାନ / ଗୁଣବତା ଓ ଧାନକ୍ରୟ କାର୍ଯ୍ୟକ୍ରମର ସୁପରିଚାଳନା ଓ ତଦାରଖ ପାଇଁ ଉପଖଣ୍ଡ ଓ ବ୍ଲକସ୍ତରରେ ଯଥାକ୍ରମେ ସଂପୃକ୍ତ ଉପଜିଲ୍ଲାପାଳ, ବି.ଡି.ଓ ଙ୍କ ତତ୍ୱାବଧାନରେ ଗଠିତ ସ୍ୱତନ୍ତ୍ର ସ୍କ୍ୱାଡ୍ ଦ୍ୱାରା କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ନିର୍ଦ୍ଦେଶାବଳୀନୁସାରେ ଧାନ ସଂଗ୍ରହ ମଣ୍ଡିରେ କିଣାଯାଇଥିବା ଧାନ ବସ୍ତା ୨୪ ଘଂଟା ମଧ୍ୟରେ ମଣ୍ଡିରୁ ଉଠାଇନେବାକୁ ସମସ୍ତ ମିଲରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଚଳିତ ବର୍ଷ ସମସ୍ତ ମଣ୍ଡିରେ କୋଭିଡ୍ ମାର୍ଗଦର୍ଶିକା ଅନୁପାଳନ କରି ଧାନ ସଂଗ୍ରହ କାର୍ଯ୍ୟକ୍ରମ ସୁପରିଚଳନା କରାଯିବାକୁ ନିଷ୍ପତି ନିଆଯାଇଛି ।

## କରୋନା ସଚେତନତା ଶିବିର

ପୁରୀ,୭।୧୧ (ନି.ପ୍ର): ପୂର୍ବାଂଚଳ ସଂସ୍କୃତିକ କେନ୍ଦ୍ର କୋଲକତା ଏବଂ ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସାଂସଦ ପୁରୀ ଆନୁକୂଲ୍ୟରେ ଆଜି ଚାରିନଳା ସ୍ଥିତ କଦଳୀ ବାଡ଼ି ପାଟଣା ବିଦ୍ୟାଳୟ ପରିସରରେ କରୋନା ସମ୍ପର୍କିତ ଏକ ଜନ ସଚେତନତା ସହ ସମ୍ବିଧାନ ଏବଂ ମୌଳିକ ଆଧିକାର ସମ୍ପକିତ ଏକ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଅନୁଷ୍ଠାନର ସାଧାରଣ ସମ୍ପାଦକ ହରେକୃଷ୍ଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରୀ କୋର୍ଟର ଅବସରପ୍ରାପ୍ତ ବିଚାରପତି ରଞ୍ଜନ ମିଶ୍ର , ସୁରଜମଲ୍ଲ ସାହା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ରବୀନ୍ଦ୍ରନାଥ ମିଶ୍ର , ସ୍ୱାସ୍ଥ୍ୟ ସହକାରୀ ରଘୁନାଥ ଦାଶ ଏବଂ ପ୍ରଫେସର ନିହାର ରଂଜନ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ କ୍ଷ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ କ୍ଷ ।ଅତିଥିଗଣ ନିଜ ନିଜର ଅଭିଭାଷଣରେ ମହାମାରୀ କରୋନା ସଂକ୍ରମଣ ଠାରୁ ନିଜକୁ କିପରି ଦୂରେଇ ରଖିହେବ ସେ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା , ଅଙ୍ଗନବାଡି କର୍ମୀ ଏବଂ ଆଶା କର୍ମୀଙ୍କୁ ଅବଗତ କରେଇବା ସହ ଭାରତୀୟ ସମ୍ବିଧାନ ଓ ମୌଳିକ ଅଧିକାର ସମ୍ପକରେ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଅତିଥି ମାନଙ୍କୁ ସମ୍ମାନିତ କରାଜାଇଥିଲା । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଦସ୍ୟ ପ୍ରଦୀପ୍ତ କୁମାର ମିଶ୍ର , ଲକ୍ଷ୍ମୀ ନାରାୟଣ ପଣ୍ଡା , ବିଜୟ କୁମାର ଆପଟ , ଦୋଳ ଗୋବିନ୍ଦ ମିହାନ୍ତି , ବସୁଦେବ ଦାସ, ସରସ୍ୱତୀ ମହାନ୍ତି , ଅରୁଣ ଭଟାଚାର୍ଯ୍ୟ , ଅମୀୟ ପ୍ରସାଦ ନାଗ , ରାଜୀବ ରଥ , ପୁରୁଷତ୍ତମ ଦାସ ମହାପାତ୍ର , ରୁଦ୍ର ନାରାୟଣ ମିଶ୍ର , ବିକ୍ରମ ପରିଡା , ପ୍ରଦୀପ କୁମାର ନାୟକ ଏବଂ ଅଜିତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ।

# ଗୁଣୁପୁର ଜିଆଇଇଟି ବିଶ୍ୱବିଦ୍ୟାଳୟରେ 'କଲ୍ ଅଫ୍ ସେକେଣ୍ଡାରୀ ସେକ୍ଟର' ସମ୍ପର୍କରେ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ

ଗୁଣୁପୁର,୭।୧୧ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ଠାରେ ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟରେ ଆଜି 'କଲ୍ ଅଫ୍ ସେକେଣ୍ଡାରୀ ସେକ୍ଟର'- ଏକ ଭବିଷ୍ୟତବାଦୀ ଆଭିମୁଖ୍ୟ ସମ୍ପର୍କରେ ଦୁଇ ଦିନିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏ.ଆଇ.ସି.ଟି.ଇ, ନୂଆଦିଲ୍ଲୀ ଦ୍ୱାରା ପ୍ରାୟୋଜିତ ଦୁଇ ଦିନିଆ ଜାତୀୟ ସମ୍ମିଳନୀରେ ନ୍ୟାସନାଲ୍ ବୋର୍ଡ ଅଫ୍ ଆକ୍ରିଡେଟିଅନ୍‌ର ଅଧକ୍ଷ ପ୍ରଫେସର କେ.କେ. ଅଗ୍ରୱାଲ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ବିଭିନ୍ନ ମଜାଦାର ଉଦାହରଣ ଦେଇ ଆଜିର ଦିନରେ ଏକାଡେ଼ମିକ ପାଠ୍ୟକ୍ରମରେ ଏକାଧିକ ଶିକ୍ଷାଗତ ବିଷୟର ଗୁରୁତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି ଓ ଜିଆଇଇଟି ବିଶ୍ୱବିଦ୍ୟାଳୟ ର ସଭାପତି ଡ଼. ସତ୍ୟ ପ୍ରକାଶ ପଣ୍ଡା ଏକ ବାର୍ତା ମାଧ୍ୟମରେ ଗବେଷକମାନଙ୍କୁ ଦେଶର ଅର୍ଥନୀତିକୁ କିପରି ସୁଦୃଢ଼ କରା ଯାଇପାରିବ ସେନେଇ ମତ ବ୍ୟକ୍ତ କରିଥିଲେ । ଉପସଭାପତି ଡ. ଚନ୍ଦ୍ରଧ୍ୱଜ ପଣ୍ଡା ଯୋଗ ଦେଇ ବର୍ତ୍ତମାନ ପ୍ରତିଯୋଗିତା ମୂଳକ ଯୁଗରେ ଛାତ୍ରଛାତ୍ରୀମାନେ ପାଠପଢା ରେ ଧ୍ୟାନ ଦେବା ସହ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ପରାମର୍ଶ ଦେଇଥିଲେ ଓ ମହାନିର୍ଦ୍ଦେଶକ ପ୍ରଫେସର ଜଗଦୀଶ ପଣ୍ଡା, କୁଳପତି ପ୍ରଫେସର ଗୌତମ ଘୋଷ, ରେଜିଷ୍ଟ୍ରାର ଡ଼ଃ ଏନ.ଭି .ଜେ .ରାଓ ଯୋଗ ଦେଇ ସେକେଣ୍ଡାରୀ ସେକ୍ଟରରେ ଦେଶର ପ୍ରଗତି ଓ ଅର୍ଥନୀତି ର ଭୂମିକା ବିଷୟରେ ମତବ୍ୟକ୍ତ କରିଥିଲେ ଓ ସ୍କୁଲ ଅଫ ମ୍ୟାନେଜମେଣ୍ଟ ଷ୍ଟଡିଜର ଡ଼ିନ ଡ଼. ପ୍ରଭାସ ରନ ମହାପାତ୍ର ଅତିଥି ମାନଙ୍କ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ କରିଥିଲେ ଓ ଏହି ଜାତୀୟ ସମ୍ମିଳନୀରେ ଅହମଦାବାଦ ସ୍ଥିତ ଆଇ.ଆଇ.ଏମ ପୂର୍ବତନ ଡିନ (ଆଲୁମିନି ଓ ବାହ୍ୟସମ୍ପର୍କ)ର ପ୍ରଫେସର ଅତୁନ ଘୋଷ, କୁମାୟନ ବିଶ୍ୱବିଦ୍ୟଳୟର କୁଳପତି ପ୍ରଫେସର କେ .ଏସ. ରାଣା, ଜଇପୁରିୟା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଲାଲନ ପ୍ରସାଦ, ଛତ୍ରପତି ଶିବାଜୀ ମହାରାଜ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏ କେ .ସିହ୍ନା, ଆଲୁମିନି ପାନ୍ ଇଣ୍ଡିଆ ଆଇଆଇଟି ଫାଉଣ୍ଡେସନର ବୋର୍ଡ ସଦସ୍ୟ ଶ୍ରୀ ଅତୁଲ ବିହାରୀ ଭଟନଗର, କାଲିଙ୍ଗା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀଧର ଆଇଏଙ୍ଗ, ନ୍ୟୁୟର୍କ ଜୀବନ ବୀମାର କର୍ପୋରେଟ୍ ଉପ ସଭାପତି ଶ୍ରୀ ଲଲାଟେନ୍ଦୁ ମହାନ୍ତି, ଭୁବନେଶ୍ୱର ସ୍ଥିତ ଇ.ଡୀ.ଆଇ.ଆଇ ଆଞ୍ଚଳିକ ପ୍ରଭାରୀ ଡକ୍ଟର ସୁବ୍ରତ କେ ବିଶ୍ୱାଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ ଓ ଏହି ଜାତୀୟ ସମ୍ମିଳନୀ ଆବାହକ ସ୍କୁଲ ଅଫ ମ୍ୟାନେଜମେଣ୍ଟ ଷ୍ଟଡିଜ ବିଭାଗିୟ ମୁଖ୍ୟ ପ୍ରଫେସର ଏମ.ଏସ.ଆର. ସେଶାଗିରି, ପ୍ରଫେସର ମୈତ୍ରୀ ରାଉତ, ପ୍ରଫେସର ଦେବାଶିଷ ମହାପାତ୍ର , ଡଃ ସଦାନନ୍ଦ ସାହୁ, ନରେନ୍ଦ୍ର ପଣ୍ଡା, ଏ ଚିରିବି ରାମବାବୁ, ରାହୁଲ ଗୋୟଲ, ସୁଭାସିସ ଦାସ,ଏମ କାର୍ତିକ ଏବଂ ପ୍ରଫେସର ବ୍ରଜ କିଶୋର ମିଶ୍ର ପ୍ରମୁଖ ପରିଚାଳନା କରିଥିଲେଓ ପରିଶେଷରେ ସହ-ଆବାହକ ଡ଼ ମାନଭନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେଓ ଏଥିରେ ବିଶ୍ୱବିଦ୍ୟାଳୟ ର ସମସ୍ତ ଅଧ୍ୟାପକ ଅଧ୍ୟାପିକା ବୃନ୍ଦ ଏବଂ ସର୍ବଭାରତୀୟ ସ୍ତରର ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟଳୟ, ଏବଂ ଉଦ୍ୟୋଗରୁ ପାର୍ଥି ମାନେ ଅଂଶଗ୍ରହଣ କରିଥିଲେ ।

# ଶିଖରପୁର ସରପଂଚ ହରେକୃଷ୍ଣ ଗିରି କରୋନା ସଂକ୍ରମିତ

ଜଳେଶ୍ୱର,୭।୧୧ (ନି.ପ୍ର): ଜଳେଶ୍ୱର ବ୍ଲକ ଅଂଚଳରେ ପ୍ରତିଦିନ ୨୦୦ ସ୍ୱାବ ସଂଗ୍ରହ କରିବାକୁ ସ୍ୱାସ୍ଥ୍ୟବିଭାଗର ନିର୍ଦ୍ଦେଶ ଥିବା ବେଳେ ପ୍ରାୟ ୧୫୦ ସଂଗ୍ରହ ହେଉଛି । ପ୍ରାୟ ୪ ଶତକଡା ରୋଗୀଙ୍କ ଠାରେ କରୋନା ପଜେଟିଭ୍ ଦେଖାଯାଉଛି । କିନ୍ତୁ ଆଦିବାସୀ ବହୁଳ ରାଇବଣିଆ ଅଂଚଳରେ ପିଡିତଙ୍କ ସଂଖ୍ୟା ବିଶେଷ ପରିଲକ୍ଷିତ ହେଉନଥିବା ବେଳେ ଜଳେଶ୍ୱର ଅଂଚଳରେ ଦେଖିବାକୁ ମିଳୁଥିବାର ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ । ଶିଖରପୁର ପଂଚାୟତର ସରପଂଚ ହରେକୃଷ୍ଣ ଗିରି ଦୀର୍ଘ ୮ ଦିନ ଧରିଜ୍ୱର ଭୋଗୁଥିବା ବେଳେ ଗତ ୫ ତାରିଖରେ ତାଙ୍କ ସ୍ୱାବ ପରୀକ୍ଷା ହୋଇଥିଲା ଓ ଆଜି ପଜେଟିଭ୍ ଥିବା ଜଣାପଡିବାରୁ ତାଙ୍କୁ ବାଲେଶ୍ୱର କୋଭିଡ୍ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଛି । ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ବିଶେଷ ସ୍ୱାବ ପରୀକ୍ଷା କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି ।

ବାଲେଶ୍ୱର ଜିଲା ସ୍ୱାସ୍ଥ୍ୟ ବିଭାଗ ଜଳେଶ୍ୱର ବ୍ଲକରେ ପ୍ରତିଦିନ ୨୦୦ ଲୋକଙ୍କ ସ୍ୱାବ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିରେ ଜଳେଶ୍ୱର ଓ ହାତୀଗଡ ସିଏଚ୍‌ସିରେ ୫୦ଜଣ ଲେଖାଏଁ ଓ ବ୍ଲକ ଅଂଚଳରେ ଥିବା ୧୦ଟି ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୦ଜଣ ଲେଖାଏଁ ଲୋକଙ୍କର ସ୍ୱାବ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । କିନ୍ତୁ ଲୋକେ ସଚେତନ ନ ଥିବାରୁ ପ୍ରତିଦିନ ହାରାହାରୀ ୧୫୦ଜଣଙ୍କ ସ୍ୱାବ ସଂଗ୍ରହ କରାଯାଉଥିବାରୁ ସେମାନଙ୍କ ମଧ୍ୟରୁ ଶତକଡା ୪ ଜଣଙ୍କ ଠାରେ ପଜେଟିଭ୍ ବାହାରୁଥିବାର ଡ. ପ୍ରଭାସ ଚନ୍ଦ୍ର ନାୟକ ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି । ତଥ୍ୟରୁ ପ୍ରକାଶ ରାଇବଣିଆ ଅଂଚଳରେ ଅଧିକ ଆଦିବାସୀ ଶ୍ରେଣୀରଲୋକ ବାସୁ କରୁଥିବା ବେଳେ ପିଡୀତଙ୍କ ସଂଖ୍ୟା ନଗନ୍ୟ ହୋଇଥିବାରୁ ସେ ଅଂଚଳର ସ୍ୱା ପରୀକ୍ଷାରେ ପଜେଟିଭ୍ କାଁ ଭାଁ ଦେଖା ଦେଉଛି । ଅନ୍ୟପକ୍ଷରେ ଜଳେଶ୍ୱର ଅଂଚଳରେ ସଚେତନତାର ଅଭାବ, ମାକ୍ସ ନ ପିନ୍ଧିବା, ସାମାଜିକ ଦୂରତ୍ୱ ରକ୍ଷା କରୁନଥିବାରୁ ପିଡିତଙ୍କ ସଂଖ୍ୟା ଅଧିକ ବୋଲି କୁହାଯାଇଛି ।

## ବରିଷ୍ଠ ଆଇନଜୀବି ସ୍ୱ ନିରଂଜନ ପଣ୍ଡାଙ୍କ ବିୟୋଗରେ ପୂର୍ବତନ ବିଧାୟକଙ୍କର ଶୋକ

ନୀଳଗିରି ,୭।୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ବରିଷ୍ଠ ଆଇନଜୀବି ସ୍ୱ ନିରଂଜନ ପଣ୍ଡାଙ୍କ ବିୟୋଗରେ ନୀଳଗିରିର ପୂର୍ବତନ ବିଧାୟକ ତଥା ନୀଳଗିରି ସବଡିଭିଜନର ସଭାପତି ଚିତରଂଜନ ଷଡଙ୍ଗୀ ଗଭୀର ଶୋକ ପ୍ରକାଶ କରି ଶୋକ ବାର୍ତାରେ କହିଛନ୍ତି- ସେ ଜଣେ ବିଚକ୍ଷଣ ଆଇନଜୀବି ଥିଲେ । ନିଜର ଦକ୍ଷତା ଫଳରେ ସେ ବାଲେଶ୍ୱର ବାର ଏସୋସିଏସନର ସଭାପତି ଭାବେ ନିର୍ବାଚିତ ହୋଇ ଆସୁଥିଲେ । ତାଙ୍କର ସବୁବେଳେ ହସ ହସ ମୁହଁ ଦେଖିଲେ ଜଣାପଡେ ସେ ଜଣେ ସରଳ ଅମାୟକ ଲୋକ ଥିଲେ । ଆଇନଜୀବି ଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ସହିତ ମିଶି ପାରୁଥିବା ସ୍ୱ ନିରଂଜନ ବାବୁ ଆଇନଜୀବିଙ୍କର ଆଦର୍ଶ ଥିଲେ । ତାଙ୍କ ମୃତ୍ୟୁ ଆମ ନିଶ୍ଚିତ ଭାବେ ଦୁଃଖ ଆଣିଦେଇଛି । ତାଙ୍କ ଭଳି ଆଇନଜୀବି ବାରମ୍ବାର ବାଲେଶ୍ୱର ମାଟିରେ ଜନ୍ମ ଗ୍ରହଣ କରନ୍ତୁ ବୋଲି ଶ୍ରୀଯୁକ୍ତ ଷଡଙ୍ଗୀ କହିବା ସହିତ ତାଙ୍କ ଅମର ଆତ୍ମାକୁ ଭଗବାନ ଶାନ୍ତି ଦିଅନ୍ତୁ ଏବଂ ଏଭଳି ବିପଦ ସମୟରେ ତାଙ୍କ ପରିବାରକୁ ଭଗବାନ ସହାୟକ ହୁଅନ୍ତୁ ବୋଲି କହିଛନ୍ତି ।

## ଦିବଂଗତ ସାମ୍ବାଦିକ ପ୍ରବୀର ପ୍ରଧାନଙ୍କ ପରିବାରକୁ ସହାୟତା ପାଇଁ ସ୍ମାରକପତ୍ର ପ୍ରଦାନ

ରାୟଗଡ଼ା ,୭।୧୧ (ନି.ପ୍ର): ରାୟଗଡ଼ା ଜିଲ୍ଲା ସଦର ମହକୁମା ଠାରେ ମହାମାରୀ କରୋନାରେ ପ୍ରାଣ ହରାଇଥିବା ଉଦୀୟମାନ ଯୁବ ସାମ୍ବାଦିକ ପ୍ରବୀର କୁମାର ପ୍ରଧାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ରାୟଗଡ଼ାରେ କାର୍ଯ୍ୟରତ ସାମ୍ବାଦିକମାନେ ସ୍ଥାନୀୟ ଡିଆରଡିଏ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଛନ୍ତି । ଏଥିସହ ପ୍ରବୀରଙ୍କ ପରିବାରକୁ ତୁରନ୍ତ ସହାୟତା ରାଶି ପ୍ରଦାନ କରିବା ଦାବିରେ ସେମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଦିବଂଗତ ସାମ୍ବାଦିକ ପ୍ରବୀର ଭୁବନେଶ୍ୱରର ଜଣେ ଜଣାଶୁଣା ଯୁବ ସାମ୍ବାଦିକ ହୋଇଥିବା ବେଳେ ନିକଟରେ କରୋନାରେ ଆକ୍ରାନ୍ତ ହୋଇଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଗତ ଗୁରୁବାର ସକାଳେ ତାଙ୍କର ଦେହାନ୍ତ ହୋଇଥିଲା । ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ କୋଭିଡ ଯୋଦ୍ଧା ଭାବେ ପ୍ରାଣ ହରାଇଥିବା ପ୍ରବୀରଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କାର ସହାୟତାର ରାଶି ପ୍ରଦାନ କରାଯିବ ।ତେଣୁ ଯଥାଶୀଘ୍ର ଦିବଂଗତ ସାମ୍ବାଦିକ ପ୍ରବୀରଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରିବାକୁ ରାୟଗଡ଼ା ଜିଲ୍ଲା ସାମ୍ବାଦିକମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ରାୟଗଡ଼ା ଜିଲ୍ଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ପ୍ରଦାନ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଆନନ୍ଦପୁରରେ ୨୪ ମେଗାୱାଟର...

ଭୂମିକା ଗ୍ରହଣ କରିବ । ଏହି ପ୍ରକଳ୍ପ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ବଳିଷ୍ଠ ନେତୃତ୍ୱକୁ ପ୍ରଶଂସା କରିଥିଲେ । କେନ୍ଦୁଝରରେ ଉପସ୍ଥିତ କେନ୍ଦୁଝର ସାଂସଦ, ଘାସିପୁରା ବିଧାୟକ ଏବଂ ଆନନ୍ଦପୁର ବିଧାୟକ ପ୍ରମୁଖ ସେମାନଙ୍କର ବକ୍ତବ୍ୟ ରଖିଥିଲେ । ଲୋଅର ବୈତରଣୀ ପାୱାର ପ୍ରକଳ୍ପର ପରିଚାଳନା ନିର୍ଦ୍ଦେଶକ ପ୍ରକଳ୍ପ ସମ୍ବନ୍ଧରେ ଆଲୋକପାତ କରିଥିଲେ । ଏହି ଅବସରରେ କାର୍ଯ୍ୟକ୍ରମ ସଂପର୍କରେ ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଶକ୍ତି ବିଭାଗର ପ୍ରମୁଖ ସଚିବ ଶ୍ରୀ ନିକୁଞ୍ଜ ବିହାରୀ ଧଳ ସ୍ୱାଗତ ଭାଷଣ ଦେଇଥିଲେ ଏବଂ କେନ୍ଦୁଝର ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀ ଅସିତ ତ୍ରିପାଠୀ, ଉନ୍ନୟନ କମିଶନର ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ଓ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

### କୋଟିଏ ଟଙ୍କାର...

ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ହୋଟେଲ ଜ୍ୟୋତି ସାଗର ଅଞ୍ଚଳରେ ଗତକାଲି ଚଢ଼ଉ ସହ ସେମାନଙ୍କୁ ଗିରଫ କରାଯାଇଥିଲା । ସେମାନଙ୍କଠାରୁ ଏକ କିଲୋଗ୍ରାମ ୧୦୫ ଗ୍ରାମ ବ୍ରାଉନ ସୁଗାର ଓ ୮୫, ୩୮୦ ଟଙ୍କା ଜବତ୍ କରାଯାଇଛି । ଜବତ୍ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି କୁହାଯାଉଛି । ବାଲେଶ୍ୱର ଜିଲ୍ଲା ଅବକାରୀ ବିଭାଗ ନିଘୋଡ଼ ନିଦରେ ଶୋଇପଡ଼ିଥିବା ବେଳେ ଏସଟିଏଫକୁ ଏହା ବଡ଼ଧରଣର ସଫଳତା ବୋଲି ସାଧାରଣରେ ଚର୍ଚ୍ଚା ଜୋରଧରିଛି ।

### ଭାଇରାଲ ଅଡିଓ କଥାବାର୍ତ୍ତାକୁ ସ୍ୱୀକାର...

ଦଳୀୟ ପ୍ରାର୍ଥୀ ହେବାକୁ ଜୀବନ ପ୍ରଦୀପ ଆଶାୟୀ ଥିଲେ । ଟିକେଟ ନ ପାଇବାରୁ ସେ ଏଭଳି କହିଛନ୍ତି । ଯେତେବେଳେ ୨୦୧୯ ରେ ସେ ଟିକେଟ ପାଇ ବିଜେପି ବିରୋଧରେ ଲଢୁଥିଲେ ସେତେବେଳେ କାହିଁ ଏ କଥା କହୁ ନଥିଲେ । ସ୍ୱାର୍ଥରେ ବାଧା ଆସିବାରୁ ସେ ଏଭଳି କହିଛନ୍ତି । ଆମେ ସବୁବେଳେ ବିଜେପି ଆଉ କଂଗ୍ରେସଠୁ ସମଦୂରତା ରକ୍ଷା କରୁଛୁ ବୋଲି ଶ୍ରୀମତୀ ମଲ୍ଲିକ କହିଛନ୍ତି । ଭାଇରାଲ ହୋଇଥିବା ଅଡିଓରେ ଜୀବନ କର୍ମୀଙ୍କୁ କହିଛନ୍ତି, ବାଲେଶ୍ୱର ଉପନିର୍ବାଚନରେ ଟିକେଟ ପାଇଥିବା ସ୍ୱରୂପ ଦାସ ହେଉଛନ୍ତି ରବୀନ୍ଦ୍ର ଜେନାଙ୍କ ଲୋକ ଏବଂ ରବି ଜେନା ହିଁ ସ୍ୱରୂପ ଦାସଙ୍କୁ ଟିକେଟ ପ୍ରଦାନରେ ସାହାଯ୍ୟ କରିଥିଲେ । ଏହା ପଛରେ ଏକ ଚାଲ୍ ଥିଲା ଯେ, ସ୍ୱରୂପ ଟିକଟ ଫେରାଇ ଦେବେ ଏବଂ ରବୀନ୍ଦ୍ର ଲଢ଼ିବେ । ତାହା ମଧ ହେଲା ।ହେଲେ ଯଦି ଟିକଟ ବଦଳିବ, ତେବେ ମୁଁ କାହିଁକି ଲଢିବି ନାହିଁ ବୋଲି ଭାଇରାଲ ଅଡିଓରେ ଜୀବନ ନିଜ କର୍ମୀଙ୍କୁ କହିଥିବା ଶୁଣିବାକୁ ମିଳୁଛି । ଏଥିସହ ସେ କହିଛନ୍ତି, ବାଲେଶ୍ୱରରେ ଆଉ ଶାନ୍ତି ରହିବ ନାହିଁ । ବିହାର ପରି ରାଜନୀତି ହୋଇଯିବ । ଏପରି ବାଜେ ଲୋକ ଅଛନ୍ତି । ଏହା କହିବାରୁ ମତେ ସେମାନେ ଘରେ ବସାଇ ଦେଲେ । ଏହା ପରେ ଅଡ଼ିଓରେ ଅନ୍ୟ ବ୍ୟକ୍ତିଜଣକ ଆପଣ କ'ଣ କରିବେ ବୋଲି ପଚାରିବାରୁ, ଜୀବନ କହିଛନ୍ତି, ମୋ ଲୋକେ ମୋଷ୍ଟଲି ବିଜେପିକୁ ଭୋଟ ଦେବେ । ବିଜେପି ଓ ବିଜେଡି ଗୋଟିଏ ଦଳ ବୋଲି ମଧ ସେ କହିଛନ୍ତି । ଫାଇନାନ୍ସ ଦରକାର ହେଲେ ତାହା ମଧ ଯୋଗାଇ ଦେବେ ବୋଲି ଅଡିଓରେ ଜୀବନ କହୁଥିବାର ଶୁଣାଯାଉଛି । ଉଲ୍ଲେଖ୍ୟଯୋଗ୍ୟ ଯେ ଗତ ଗୁରୁବାର ଦିନ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ଜୀବନଙ୍କୁ ବିଜେଡି ଦଳରୁ ନିଲମ୍ବନ କରିଥିଲା । ଏହାପରେ ଗତକାଲି ଜୀବନ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଉଥିବା ଘୋଷଣା କରିଥିଲେ ।

### ରାଜ୍ୟରେ ଆଉ ୧୭ ଜଣଙ୍କର...

ସମ୍ବଲପୁର ଜିଲ୍ଲାର ଜଣେ ୭୪ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ବରଗଡ ଜିଲ୍ଲାର ଜଣେ ୬୩ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ବରଗଡ ଜିଲ୍ଲାର ୫୭ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୭୪ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୫୫ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ଖୋର୍ଦ୍ଧା ଜିଲ୍ଲାର ଜଣେ ୪୧ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ପୁରୀ ଜିଲ୍ଲାର ଜଣେ ୬୩ ବର୍ଷୀୟ କରୋନା ସଂକ୍ରମିତ ପୁରୁଷଙ୍କ ମୃତ୍ୟୁ ଘଟିଛି । ବାଲେଶ୍ୱର ଜିଲ୍ଲାରେ ୫୬ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । କୋରାପୁଟ ଜିଲ୍ଲାର ଜଣେ ୫୬ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । କଳାହାଣ୍ଡି ଜିଲ୍ଲାର ଜଣେ ୩୨ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । କେନ୍ଦ୍ରାପଡା ଜିଲ୍ଲାର ଜଣେ ୫୩ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ଭଦ୍ରକ ଜିଲ୍ଲାର ୧୫ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି।

### ଭୁବନେଶ୍ୱରରୁ ୬୪...

ଆଜି ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ନୟାପଲ୍ଲୀରୁ ୪ ଜଣ , ଡୁମଡୁମାରୁ ୩ ଜଣ, ବମିଖାଲ, ରସୁଲଗଡ, ସୁନ୍ଦରପଦା, ଚିନ୍ତାମଣିଶ୍ୱର, ଗଣ୍ଡମୁଣ୍ଡା, ବରମୁଣ୍ଡା, ବଡଗଡ, ୟୁନିଟ ୯, ଚିନ୍ତାମଣିଶ୍ୱର, ଭୀମପୁର, ହଂସପାଳ, ନିଳାଦ୍ରୀବିହାର, ଓଲ୍ଡ ଟାଉନ୍ , ଜୟଦେବ ବିହାର ଓ ଚକେଇସିଆଣିରୁ ୨ ଜଣ ଲେଖାଏଁ ରହିଛନ୍ତି ।

### ଗୋଟିଏ ଦିନରେ ୧୩୭୨...

ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ୧୪୫ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଅନୁଗୁଳ ଜିଲ୍ଲାରେ ୮୧ , ବାଲେଶ୍ୱର ଜିଲ୍ଲାରେ ୩୧ ଜଣ, ବରଗଡ ଜିଲ୍ଲାରେ ୪୦ , ଭଦ୍ରକ ଜିଲ୍ଲାରେ ୩୧, ବଲାଙ୍ଗିର ଜିଲ୍ଲାରେ ୪୦, ବୌଦ୍ଧ ଜିଲ୍ଲାରେ ୨ ,କଟକ ଜିଲ୍ଲାରେ ୧୨୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି ଦେବଗଡ ଜିଲ୍ଲାରେ ୮, ଢେଙ୍କାନାଳ ଜିଲ୍ଲାରେ ୨୫, ଗଜପତି ଜିଲ୍ଲାରେ ୪, ଗଂଜାମ ଜିଲ୍ଲାରେ ୨୧, ଜଗତସିଂହପୁର ଜିଲ୍ଲାରେ ୭୦, ଯାଜପୁର ଜିଲ୍ଲାରେ ୩୪ . ଝାରସୁଗୁଡା ଜିଲ୍ଲାରେ ୩୩, କଳାହାଣ୍ଡି ଜିଲ୍ଲାରେ ୪୦, କନ୍ଧମାଳ ଜିଲ୍ଲାରେ ୧୧, କେନ୍ଦ୍ରାପଡା ଜିଲ୍ଲାରେ ୬୫ ,କେନ୍ଦୁଝର ଜିଲ୍ଲାରେ ୪୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେହିପରି କୋରାପୁଟ ଜିଲ୍ଲାରେ ୨୦ ଜଣ, ମାଲକାନଗିରି ଜିଲ୍ଲାରେ ୨୦ ମୟୁରଭଂଜ ଜିଲ୍ଲାରେ ୭୮, ନବରଙ୍ଗପୁରରେ ୨୬, ନୟାଗଡ ଜିଲ୍ଲାରେ ୩୨, ନୂଆପଡା ଜିଲ୍ଲାରେ ୧୦୮, ପୁରୀ ଜିଲ୍ଲାରେ ୫୩, ରାୟଗଡା ଜିଲ୍ଲାରେ ୧୧, ସମ୍ବଲପୁର ଜିଲ୍ଲାରେ ୩୭ ,ସୋନପୁର ଜିଲ୍ଲାରେ ୧୯ ତଥା ସୁନ୍ଦରଗଡ ଜିଲ୍ଲାରେ ୯୬ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟ ପୁଲରେ ୩୦ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

### ସ୍ୱର୍ଗଦ୍ୱାର ସୁପରିଚାଳନା...

ଉନ୍ନୟନ ଜେନେରାଲ ମ୍ୟାନେଜର, ପୌରନିର୍ବାହୀ ଅଧିକାରୀ ସଦସ୍ୟ ରହିଛନ୍ତି । ଜିଲ୍ଲା ପ୍ରୋଟକଲ ଅଫିସର ଏହାର କୋଷାଧ୍ୟକ୍ଷଭାବେ କାର୍ଯ୍ୟ କରିବେ । ସମିତି ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ ୩ଜଣ ବ୍ୟକ୍ତି ବିଶେଷ ଅନ୍ୟତମ ସଦସ୍ୟଭାବେ ରହିବେ । ସମସ୍ତଙ୍କ କାର୍ଯ୍ୟକାଳ ୨ବର୍ଷ ରଖାଯାଇଛି । ସ୍ୱର୍ଗଦ୍ୱାରର ବିକାଶ ପାଇଁ ରାଜ୍ୟ ସରକାର ୫କୋଟି ଟଙ୍କା ପ୍ରଦାନ କରିଛନ୍ତି । ଯାହାର ବିକାଶ ପ୍ରକ୍ରିୟା ଚାଲୁରହିଛି । ଶବକୁ ସମ୍ମାନ, ଶବ ବାହକ ଓ ଦାହକଙ୍କ ପାଇଁ ଉ ମ ବ୍ୟବସ୍ଥା ହୋଇଛି । ସ୍ୱର୍ଗଦ୍ୱାର ସେବା ସମିତିର କାର୍ଯ୍ୟକାରୀ କମିଟି ପ୍ରତିଦିନ ତଦାରଖ କରିବେ । ପୁରୀ ପୌରପାଳିକା ଠାରୁ ସମିତି କାର୍ଯ୍ୟଭାର ଗ୍ରହଣ କରି କାର୍ଯ୍ୟ ଆରମ୍ଭ କରିବେ ବୋଲି ସମିତିର ଆବାହକ ସଂପାଦକ ତଥା ଉପଜିଲ୍ଲାପାଳ ଭବତାରଣ ସାହୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ଆଜି ଭର୍ଚୁଆଲ ଟୁରରେ ଗଦବା ଘର ଓ ଭୋତଡ଼ା ଜନଜାତିଙ୍କ ଜୀବନଶୈଳୀ

ଭୁବନେଶ୍ୱର,୭।୧୧ (ନି.ପ୍ର): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଆନୁକୂଲ୍ୟରେ ଆସନ୍ତାକାଲି (ରବିବାର) ଦର୍ଶକମାନେ ଘରେ ବସି ଫେସ୍ ?ବୁକ୍ ? ଓ ଟୁଇଟର ପେଜ୍ ? ଅଶ୍ୱମଶ୍ୱଶ୍ୱକ୍ସଶ୍ୱସ, ଅଶ୍ୱଶ୍ୱଶ୍ୱମୟରଙ୍ଗ ଖୋଲି ସଂଗ୍ରହାଳୟରେ ସଂରକ୍ଷିତ ଥିବା ଜନଜାତିମାନଙ୍କର ଜୀବନଶୈଳୀ ଓ ସଂସ୍କୃତି ସଂପର୍କରେ ଧାରଣା ପାଇପାରିବେ ବୋଲି ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି । ଓଡ଼ିଶାର କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାରେ 'ଗଦବା' ଜନଜାତିମାନେ ମୁଖ୍ୟତଃ ବସବାସ କରିଥାନ୍ତି । ସେମାନେ 'ଗୁଟୋବ' ଓ 'ଓଲିଆରି' ଭାଷାରେ କଥାବାର୍ତା କରିଥାନ୍ତି । 'ଗଦବା' ଜନଜାତିଙ୍କର ମୁଖ୍ୟ ପେଶା ହେଉଛି ପୋଡୁ ଓ ଅନ୍ୟାନ୍ୟ ଚାଷ, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଓ ଶ୍ରମ କରିବା । ସେମାନଙ୍କର ମୁଖ୍ୟ ପର୍ବ ହେଉଛି ବନ୍ଦାପନା ପରବ, ଦଶହରା ପରବ, ପୁଷ ପରବ ଓ ଚଇତି ପରବ । କୋରାପୁଟ ଜିଲ୍ଲାର ଗଦବାମାନେ ବଡ଼ୋ ଗଦବା, ପରେଙ୍ଗା, ଓଲାରୋ ଏବଂ ସାନୋ ଗଦବା ଏହିଭଳି ଚାରି ଭାଗରେ ବିଭକ୍ତ । ସାଧାରଣତଃ ପାରମ୍ପରିକ ଗଦବା ଘର ବୃତାକାରରେ ନିର୍ମାଣ କରାଯାଇଥାଏ ଓ ଛାତ କାଠରେ ତିଆରି କରାଯାଇଥାଏ । 'ଗଦବା' ଜନଜାତିଙ୍କ ଘରେ ମୁଖ୍ୟ ବାସଗୃହ, ରୋଷେଇ ଘର, ଆଭ୍ୟନ୍ତରିଣ ଗୃହ ରହିଥାଏ । ସେଠାରେ ପରିବାରର ଦେବତାଙ୍କୁ ସ୍ଥାନିତ କରାଯାଇଥାଏ । ଗଦବା ଘରଗୁଡ଼ିକ ଦୁଇ ଧାଡ଼ିରେ ମଝିରେ ବ୍ୟବ ଧାନ ରଖି ସାମ୍ନାସାମନି ତିଆରି ହୋଇଥାଏ । 'ଗଦବା' ଗ୍ରାମରେ ତନି ପ୍ରକାରର ଘର ଦେଖିବାକୁ ମିଳିଥାଏ। ସେଗୁଡ଼ିକ ହେଉଛି ମହାଦ ଦିଏନ, ଦୋନ୍ ଦୁଲ୍ ଦିଏନ ଓ ଛେଣ୍ଡି ଦିଏନ । ପ୍ରଥମ ଦୁଇପ୍ରକାର ଘର ଚତୁର୍ଭୁଜାକାର ହୋଇଥିବାବେଳେ ତୃତୀୟଟି 'କୋନ୍' ଆକାରର ଛାତ ସହିତ ବୃତାକାର ଅଟେ । 'ଗଦବା'ମାନଙ୍କର ମୁଖ୍ୟ ଦେବତା ପଥରର ଠାକୁରାଣୀ । 'ଦିଶାରୀ'ଙ୍କ ଦ୍ୱାରା ପୂଜା ପାଉଥିବା ଠାକୁରାଣୀଙ୍କ ମନ୍ଦିରକୁ 'ହୁଣ୍ଡି' କୁହାଯାଏ । ଗଦବା ମହିଳାମାନେ ପିତଳ ଓ ରସ ଏବଂ ସ୍ୱର୍ଣ୍ଣ ଅଳଙ୍କାରରେ ଭୂଷିତା ହୋଇଥା'ନ୍ତି । ମହିଳାମାନେ ହାତବୁଣା, ଗାରପକା ଲୁଗା ପରିଧାନ କରିଥାନ୍ତି । ଏହାକୁ 'କେରଙ୍ଗ' କୁହାଯାଏ ପୁରୁଷମାନେ 'ଲଏନ୍ କ୍ଲଥ ପରିଧାନ କରିଥାନ୍ତି ।

ରବିବାର,୮ ନଭେମ୍ବର ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୭।୧୧ (ନି.ପ୍ର): ଆଜି ଖୋର୍ଧା ଜିଲ୍ଲାରେ ୧୪୫ ଟି ନୂଆ କରୋନା ମାମଲା ସାମନାକୁ ଆସିବା ପରେ ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢି ୪୯୭୪୩ ହୋଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୮,୬୧୨, ବାଲେଶ୍ୱର ଜିଲ୍ଲାରେ ୧୦,୬୭୮, ବରଗଡ ଜିଲ୍ଲାରେ ୯,୦୭୪, ଭଦ୍ରକ ଜିଲ୍ଲାରେ ୬,୯୦୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୭,୨୦୯. ବୌଦ୍ଧ ଜିଲ୍ଲାରେ ୨,୬୩୨, କଟକ ଜିଲ୍ଲାରେ ୨୬,୬୪୫, ଦେବଗଡ ଜିଲ୍ଲାରେ ୧,୧୦୪, ଢେଙ୍କାନାଳ ଜିଲ୍ଲାରେ ୫,୨୯୩. ଗଜପତି ଜିଲ୍ଲାରେ ୩,୮୮୪, ଗଂଜାମ ଜିଲ୍ଲାରେ ୨୧,୩୬୩, ଜଗତସିଂହପୁର ଜିଲ୍ଲାରେ ୭,୯୯୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାଜପୁର ଜିଲ୍ଲାରେ ୧୧,୧୦୨, ଝାରସୁଗୁଡା ଜିଲ୍ଲାରେ ୬,୬୦୯, କଳାହାଣ୍ଡି ଜିଲ୍ଲାରେ ୫,୪୪୨, କନ୍ଧମାଳ ୫,୭୪୮, କେନ୍ଦ୍ରାପଡା ଜିଲ୍ଲାରେ ୭,୯୮୩, କେନ୍ଦୁଝର ଜିଲ୍ଲାରେ ୬,୭୦୮ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କୋରାପୁଟ ଜିଲ୍ଲାରେ ୭,୫୪୦, ମାଲକାନଗିରି ଜିଲ୍ଲାରେ ୫,୦୨୧ , ମୟୁରଭଂଜ ଜିଲ୍ଲାରେ ୧୧,୯୦୭. ନବରଙ୍ଗପୁର ଜିଲ୍ଲାରେ ୫,୪୬୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୬,୧୭୭, ନୂଆପଡା ଜିଲ୍ଲାରେ ୬,୧୧୨, ପୁରୀ ଜିଲ୍ଲାରେ ୧୨,୯୧୦ ରାୟଗଡା ଜିଲ୍ଲାରେ ୮,୧୬୨. ସମ୍ବଲପୁର ଜିଲ୍ଲାରେ ୮,୨୧୯. ସୁବର୍ଣ୍ଣପୁର ଜିଲ୍ଲାରେ ୪,୫୩୭ ଓ ସୁନ୍ଦରଗଡ ଜିଲ୍ଲାରେ ୧୧,୬୮୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ରାଜ୍ୟପୁଲରେ ଆକ୍ରାନ୍ତଙ୍କ ସଂଖ୍ୟା ବଢି ୭,୬୮୪ ହୋଇଛି ।

# ଜିଲ୍ଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦,୬୭୮କୁ ବୃଦ୍ଧି

## ଶୀତଋତୁରେ ଅଧିକ ସତର୍କତା ପାଇଁ ପରାମର୍ଶ

ବାଲେଶ୍ୱର,୭।୧୧ (ନି.ପ୍ର): ଯଦିଓ ଗତ କିଛିଦିନ ଧରି ଭାରତରେ କରୋନା ସଂକ୍ରମଣ ହାର କମିଛି ତେବେ ଚଳିତ ଶୀତଋତୁ ଆଗମନ ସମଗ୍ର ବିଶ୍ୱବାସୀଙ୍କ ପାଇଁ ଅତ୍ୟନ୍ତ କଠିନ ସମୟ ବୋଲି ବିଶେଷଜ୍ଞଙ୍କ ସମେତ ସରକାର ସତର୍କ କରାଇଛନ୍ତି। ଶୀତ ତଥା ଥଣ୍ଡା କାଳରେ କରୋନା ଭୂତାଣୁ ଅଧିକ ସକ୍ରିୟ ହେଉଥିବା ବେଳେ ପାଶ୍ଚାତ୍ୟ ଦେଶଗୁଡ଼ିକରେ ସମ୍ପ୍ରତି ଲକ୍‌ଡାଉନ୍ ଓ ସଟ୍‌ଡାଉନ ଆରମ୍ଭ ହୋଇଗଲାଣି। ଅନୁରୂପ ଭାବେ ଭାରତର ଜନସାଧାରଣ ଅଧିକ ସତର୍କତା ଅବଲମ୍ବନ ସହ ସାମାଜିକ ଦୂରତା ରକ୍ଷାକୁ ଗୁରୁତ୍ୱ ଦେବା ପାଇଁ ପ୍ରଧାମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଅଦ୍ୟାବଧି ଦେଶର କରୋନା ସଂକ୍ରମିତଙ୍କ ସଂଖ୍ୟା ୮୪ଲକ୍ଷ ୧୧ ହଜାର ୩୪ରେ ପହଞ୍ଚିଥିବା ବେଳେ କରୋନା ଜନିତ ମୃତ୍ୟୁ ସଂଖ୍ୟା ମଧ୍ୟ ୧ଲକ୍ଷ ୨୫ ହଜାର ୨୯ ଛୁଇଁଛି। ସେହିପରି ଓଡ଼ିଶାରେ ଗତ ୨୪ ଘଣ୍ଟା ମଧ୍ୟରେ ୧୩୭୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ସଂକ୍ରମିତଙ୍କ ସଂଖ୍ୟା ୩ ଲକ୍ଷ ୧୪୦ରେ ପହଞ୍ଚିଛି। ବାଲେଶ୍ୱର ଜିଲ୍ଲାରେ କାୟା ବିସ୍ତାର କରିଚାଲିଥିବା ମହାମାରୀ କରୋନା ସଂକ୍ରମଣ ହାର ହ୍ରାସ ପାଇ ଦୁଇଅଙ୍କରେ ପହଞ୍ଚିଛି। ଆଜି ୩୧ ଜଣ ନୂଆ ପଜିଟିଭ ଚିହ୍ନଟ ହୋଇଥିବାବେଳେ ଅଦ୍ୟାବଧି ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୧୦ ହଜାର ୬୭୮ ଛୁଇଁଛି। ଅଦ୍ୟାବଧି ୧୦,୦୬୭ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୫୩୫ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି। ଅନ୍ୟପକ୍ଷରେ ଆଜି ୫୬ ବର୍ଷର କରୋନା ପୀଡ଼ିତ ଜଣେ ପୁରୁଷର ମୃତ୍ୟୁ ହୋଇଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ଅଦ୍ୟାବଧି ଜିଲ୍ଲାର କରୋନା ଜନିତ ମୃତ୍ୟୁ ସଂଖ୍ୟା ୭୧ରେ ପହଞ୍ଚିଛି। ତେବେ ଶୀତଋତୁ ଆରମ୍ଭ ହେଉଥିବା ବେଳେ କରୋନା ପ୍ରକୋପ ପୁନର୍ବାର ବୃଦ୍ଧି ପାଇବାର ଆଶଙ୍କା ଥିବା ବେଳେ ଜିଲ୍ଲାବାସୀ ସତର୍କ ରହିବାକୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

ନାମଲେଖା ଚାଲିଛି

“ସା ବିଦ୍ୟା ଯା ବିମୁକ୍ତୟେ”

ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର

ମାତୃ ବିହାର, ମାନସିଂବଜାର, ବାଲେଶ୍ୱର

R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।

ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ

ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

# ଗଛକୁ ଧକ୍କା ଦେଲା ଟ୍ରକ: ୨ମୃତ ୨ ଗୁରୁତର



ବାରିପଦା ଟାଉନ,୭।୧୧ (ନି.ପ୍ର): ଭାରସାମ୍ୟ ହରାଇ ଏକ ଟ୍ରକ ଗଛକୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଥିବାର ଜଣାଯାଇଛି । ସୂଚନା ମୁତାବକ ମୟୂରଭଞ୍ଜ ଜିଲ୍ଲା ମୋରଡା ଥାନା ଅନ୍ତର୍ଗତ ଅନ୍ଧାରୀ ନିକଟରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ରାସ୍ତା ଉପରେ ଓଲଟି ପଡିଥିଲା। ଟ୍ରକରେ ଥିବା ଶ୍ରମିକଙ୍କ ମଧ୍ୟରୁ ଘଟଣା ସ୍ଥଳରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ତିନିଜଣ ଆହତଙ୍କ ମଧ୍ୟରୁ ୨ଜଣ ଗୁରୁତର ହୋଇଛନ୍ତି ଏବଂ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡିଦିଆଯାଇଥିବାର ଜଣାଯାଇଛି । ମୃତକ ଦୁଇ ଜଣ ହେଲେ ମୋରଡା ଗ୍ରାମର ଛେଲା ମହାକୁଡ ଓ ଧାନଶୁଳା ଗ୍ରାମର କାଳିଆ ମହାନ୍ତ । ଟ୍ରକଟି ମୋରଡ଼ାରୁ ଇଟା ନେଇ ବାଘଡା ଠାରେ ଇଟା ଖାଲି କରି ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିବାର ଜଣାଯାଇଛି । ଦୁର୍ଘଟଣା ସ୍ଥଳରୁ ଟ୍ରକ ଡ୍ରାଇଭର ଫେରାର ହୋଇ ଯାଇଥିବା ବେଳେ ଦୁର୍ଘଟଣା ପରେ ଘଟଣା ସ୍ଥଳରୁ ଦୁଇ ଗୁରୁତରଙ୍କୁ ପ୍ରଥମେ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ପରେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ତୁରନ୍ତ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ଅଧିକ ଚିକିତ୍ସା ପାଇଁ ସ୍ଥାନାନ୍ତରିତ କରାଯାଇଛି । ଘଟଣାସ୍ଥଳରେ ମୋରଡ଼ା ପୋଲିସ ପହଂଚି ଘଟଣାର ତଦନ୍ତ ଆରମ୍ଭ କରିଛି ।

# ଇପିଏଫ୍ ପେନ୍‌ସନର୍ସ ଆସୋସିଏସନର ଗଣଧାରଣା ୧୬ରେ




ବାଲେଶ୍ୱର,୭।୧୧ (ନି.ପ୍ର): ବିଭିନ୍ନ ସରକାରୀ ନିଗମ ଓ କଳକାରଖାନାରେ କାର୍ଯ୍ୟକରି ଚାକିରିରୁ ଅବସର ନେଇ ଇ.ପି.ଏଫ୍.ରୁ ପେନ୍‌ସନ୍ ପାଉଥିବା କର୍ମଚାରୀମାନେ ଆସନ୍ତା ୧୬ ତାରିଖ ସୋମବାର ଦିନ ଦେଶବ୍ୟାପୀ ଜିଲ୍ଲାସ୍ତରୀୟ ଗଣଧାରଣା ପାଇଁ ନିଷ୍ପତ୍ତି ନେଇଛନ୍ତି । ଶନିବାର ଦିନ ପୂର୍ବାହ୍ନରେ ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍‌ର ବାଲେଶ୍ୱର ଜିଲ୍ଲା କମିଟି ତରଫରୁ ଉଠା ଜଳସେଚନ କର୍ମଚାରୀ ଭବନରେ ଇଂ. ଅନାଦି ଚରଣ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ୧୬ ତାରିଖଦିନ ୧୧ଟାରୁ ୨ଟା ପର୍ଯ୍ୟନ୍ତ ବାଲେଶ୍ୱର ମୁଖ୍ୟ ଡାକଘର ସମ୍ମୁଖରେ ଶତାଧିକ ପେନସନର୍ସମାନେ ଧାରଣାରେ ବସିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ମାସିକ ସର୍ବନିମ୍ନ ୯ହଜାର ଟଙ୍କା ପେନସନ୍ ଓ ମହଙ୍ଗାଭତ୍ତା ପ୍ରଦାନ, ବେତନ ଅନୁପାତରେ ବର୍ଦ୍ଧିତ ପେନସନ୍ ଧାର୍ଯ୍ୟ ଓ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷିତ ସ୍ୱାସ୍ଥ୍ୟବୀମା ଯୋଜନାଭୁକ୍ତ କରିବା ଦାବିରେ ଦେଶବ୍ୟାପୀ ଏହି ଆନ୍ଦୋଳନର ଆହ୍ୱାନ ଦିଆଯାଇଛି ଏବଂ ଆସନ୍ତା ୨୬ ତାରିଖ ଦିନ ସର୍ବଭାରତୀୟ ଧର୍ମଘଟକୁ ଏହି ବୈଠକରେ ସମର୍ଥନ ଜ୍ଞାପନ କରାଯାଇଛି । ଜିଲ୍ଲା ସଂପାଦକ ବିଷ୍ଣୁପ୍ରସାଦ ମହାନ୍ତି ଓ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ କେନ୍ଦ୍ର ଓ ରାଜ୍ୟ କମିଟିର ନିର୍ଦ୍ଦେଶକୁ ବାଲେଶ୍ୱର ଜିଲ୍ଲାରେ ସଫଳ କରିବାପାଇଁ ଉପସ୍ଥିତମାନଙ୍କୁ ନିବେଦନ କରିଥିଲେ। ସଭ୍ୟସଂଖ୍ୟା ବୃଦ୍ଧିପାଇଁ ସ୍ଥାନୀୟ କର୍ମକର୍ତ୍ତା ଗୁରୁତ୍ୱ ଦେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ବିଭିନ୍ନ ସଂସ୍ଥାରେ କାର୍ଯ୍ୟକରି ଅବସର ନେଇଥିବା ଇଂ. ଉଜ୍ଜ୍ୱଳ କୁମାର ଚାନ୍ଦ, ସନ୍ୟାସୀ ବେହେରା, ହରିହର ଆଚାର୍ଯ୍ୟ, ପରମେଶ୍ୱର ପାତ୍ର, ଭବେନ୍ଦ୍ରନାଥ କର, ଇଂ. ସୁଶିଲ କୁମାର ବାରିକ, ଶ୍ୟାମସୁନ୍ଦର ଜେନା, ଅନନ୍ତ କୁମାର ପଲାଇ, ଇଂ. କହ୍ନେଇଲାଲ୍ ଚୌଧୁରୀ ଓ ଶରତଚନ୍ଦ୍ର ଦଲାଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କୋଷାଧକ୍ଷ ବ୍ରଜକୁମାର ଦାଶ ଧନ୍ୟବାଦ ଦେଇଥିଲେ।

## ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କ ଆଦର୍ଶ ଗ୍ରାମ ଯୋଜନା ଉପରେ ୱେବିନାର

ଭୁବନେଶ୍ୱର,୭।୧୧ (ନି.ପ୍ର): ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କ କାର୍ଯ୍ୟାଳୟ ସାଂସଦ ଆଦର୍ଶ ଗ୍ରାମ ଯୋଜନା ଉପରେ ଏକ ଜାତୀୟ ୱେବିନାର ଆୟୋଜନ କରିଥିଲା । ଗୁଜୁରାଟର ପୁନସାରୀ ମଡ଼େଲ ଗ୍ରାମର ହିମାଂଶୁ ପଟେଲ, ସଂଜୟ ପଣ୍ଡା (ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ), ତ୍ରିପୁରାର ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ପୂର୍ବତନ ବରିଷ୍ଠ ନୀତି ନିର୍ମାତା ତଥା ଲେଖକ, ଡକ୍ଟର ଅରୁଣା ଶର୍ମା (ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ) ଏହି ୱେବିନାରରେ ଯୋଗ ଦେଇଥିଲେ । ଶ୍ରୀ ଶ୍ରୀ ବିଶ୍ୱ ବିଦ୍ୟାଳୟ, ଜାଭିୟର ୟୁନିଭରସିଟି ଏବଂ କଳିଙ୍ଗ କୁସୁମ୍ ଫାଉଣ୍ଡେସନ ସହଭାଗିତାରେ ଏହି ୱେବିନାର ଆୟୋଜନ କରାଯାଇଥିଲା ।

# ଯୁବ ସାମ୍ବାଦିକ ପ୍ରବୀରଙ୍କ ମୃତ୍ୟୁରେ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ କ୍ୟାଣ୍ଡେଲ ଶୋଭାଯାତ୍ରା




ଭଦ୍ରକ,୭।୧୧: ନିଉଜ ୧୮ର କାର୍ଯ୍ୟରତ ଥିବା ଯୁବ ସାମ୍ବାଦିକ ପ୍ରବୀର ପ୍ରଧାନଙ୍କ କରୋନା ଯୋଗୁ ମୃତ୍ୟୁ ହୋଇଯାଇଛି । ତାଙ୍କ ମୃତ୍ୟୁରେ ଶୋକପ୍ରକଟ କରାଯିବା ସହିତ ଭଦ୍ରକ ଜିଲ୍ଲାସ୍ତରୀୟ ସାମ୍ବାଦିକଙ୍କ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି । ଆଜି ସନ୍ଧ୍ୟାରେ ଜିଲ୍ଲାସ୍ତରୀୟ ସାମ୍ବାଦିକମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ କ୍ୟାଣ୍ଡେଲ ଧରି ପ୍ରବୀର ପ୍ରଧାନ ଅମର ରହେ ସ୍ଲୋଗାନ ମାଧ୍ୟମରେ ସହର ପରିକ୍ରମା କରି ଟାଉନହଲ ଛକ ପର୍ଯ୍ୟନ୍ତ ଯାଇଥିଲେ । ସେଠାରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା । ନୟାଗଡ ଜିଲ୍ଲାରେ ଜନ୍ମିତ ପ୍ରବୀର ଢେଙ୍କାନାଳ ସ୍ଥିତ ଭାରତୀୟ ଜନସଂଚାର ସଂସ୍ଥାନରେ ସାମ୍ବାଦିକତାରେ ଶିକ୍ଷାଲାଭ କରିବା ପରେ ଧରିତ୍ରୀ ଖବର କାଗଜରେ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ସେ ଇଟିଭି ଓଡିଆ, ଜି କଳିଙ୍ଗ ଓ ଶେଷରେ ନିଉଜ ୧୮ରେ କାର୍ଯ୍ୟରତ ଥିଲେ। ସେ ଜଣେ ନିର୍ଭୀକ, ସଚ୍ଚୋଟ ସାମ୍ବାଦିକ ଥିବା ବେଳେ ତାଙ୍କର ଅମାୟିକ ବ୍ୟବହାର ସମସ୍ତଙ୍କୁ ନିଜର କରି ନେଉଥିଲା। ସେ କରୋନା ଆକ୍ରାନ୍ତ ହୋଇ ହୋମ୍ ଆଇସୋଲେସନରେ ରହି ଚିକିତ୍ସିତ ହେଉଥିବା ବେଳେ ତାଙ୍କ ଶ୍ୱାସକ୍ରିୟାରେ ସମସ୍ୟା ଦେଖା ଦେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କୁ ମାତ୍ର ୩୫ ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁରେ ଭଦ୍ରକ ଜିଲ୍ଲାର ସମସ୍ତ ଜିଲ୍ଲାସ୍ତରୀୟ ସାମ୍ବାଦିକ ଗଭୀର ଶୋକ ପ୍ରକଟ କରିଛନ୍ତି।

# ଭଦ୍ରକରୁ ୩୧ କରୋନା ଆକ୍ରାନ୍ତ ଚିହ୍ନଟ: ଆଉ ଜଣଙ୍କର ମୃତ୍ୟୁ

ଭଦ୍ରକ,୭।୧୧ (ନି.ପ୍ର): ଆଜି ଭଦ୍ରକ ଜିଲ୍ଲାରୁ ଆଉ ୩୧ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଯାହାଙ୍କୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬ହଜାର ୯୨୩ ହୋଇଛି। ସେମାନଙ୍କ ମଧ୍ୟରୁ ୬ହଜାର ୬୫୭ଜଣ ସୁସ୍ଥ ହୋଇ ସାରିଛନ୍ତି। ସେହିପରି ଆଜି ଜଣେ ଆକ୍ରାନ୍ତଙ୍କର ମଧ୍ୟ ମୃତ୍ୟୁ ଘଟିଛି। ଯାହା ଫଳରେ ମୋଟ ମୃତକଙ୍କ ସଂଖ୍ୟା ୨୧କୁ ବୃଦ୍ଧି ପାଇଛି। ଏବେ ୨୪୫ଜଣ ଆକ୍ରାନ୍ତ ସକ୍ରିୟ ଅଛନ୍ତି। ଜିଲ୍ଲାରୁ ମୋଟ ୧ ଲକ୍ଷ ୩୬ହଜାର ୨୦୬ଜଣଙ୍କ ନମୁନା ପରୀକ୍ଷା ହୋଇଛି। ଆଜି ଚିହ୍ନଟଙ୍କ ମଧ୍ୟରେ ବାସୁଦେବପୁର ବ୍ଲକରୁ ଜଣେ, ଭଦ୍ରକ ବ୍ଲକରୁ ୬ଜଣ, ଭଦ୍ରକ ପୌରପାଳିକାରୁ ୩ଜଣ, ବନ୍ତ ବ୍ଲକରୁ ୫ଜଣ, ଚାନ୍ଦବାଲି ବ୍ଲକରୁ ୧୧ଜଣ, ଧାମନଗର ବ୍ଲକରୁ ୩ଜଣ, ତିହିଡି ବ୍ଲକରୁ ଜଣେ ଏବଂ ବାହାର ଜିଲ୍ଲାରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ୬୦ନଂ ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲ ପ୍ଲାଜାଠାରେ ବେଆଇନ୍ ଚାନ୍ଦା ଆଦାୟ: ୧ ଗିରଫ

ଜଳେଶ୍ୱର,୭।୧୧ (ନି.ପ୍ର): ୬୦ନଂ ଜାତୀୟ ରାଜପଥରେ ବିଭିନ୍ନ ସ୍ଥାନରେ ବସ୍ ଓ ବାଲବାହୀ ଟ୍ରକ୍ ଗୁଡିକ ଅଟକାଇ ବ୍ୟାପକ ଚାନ୍ଦା ଆଦାୟ କରିବା, ଛିନ୍‌ତାଇ କରିବା ଏପରିକି ଟ୍ରକ ଗୁଡିକୁ ହାଇଜାକ୍ କରିବା ଇତ୍ୟାଦି ବାରମ୍ବାର ଘଟୁଥିବାରୁ ଏସ୍‌ପିଙ୍କ ନିର୍ଦ୍ଦେଶରେ ଜଳେଶ୍ୱର ଥାନା ଥାନା ପକ୍ଷରୁ ପେଟ୍ରୋଲିର ବ୍ୟବସ୍ଥା କରାଯାଇଛି । ଗୁରୁବାର ରାତିରେ ୬୦ନଂ ଜାତୀୟ ରାଜପଥରେ ଟୋଲ ପ୍ଲାଜା ନିକଟ ଗଂଗା ପ୍ଲାଜା ନିକଟରେ ଦଳେ ଯୁବକ ପ୍ରତିଦିନ ପରି ସେଦିନ ମଧ୍ୟ ଗାଡିଠାରୁ ଜୋର ଜବରଦସ୍ତ ଚାନ୍ଦା ଆଦାୟ କରୁଥିଲେ । ପେଟ୍ରୋଲି କରୁଥିବା ପୋଲିସ୍ ଏହା ଦେଖି ସେମାନଙ୍କ ମଧ୍ୟରୁ ଜଣକୁ କାବୁ କରିଥିଲା । ଏହି ଯୁବକ ଦେଉଳା ଗାଁର ସନ୍ୟାସୀ ଜେନାଙ୍କ ପୁଅ ହାରାଧନ ଜେନା ବୋଲି ପୋଲିସ୍ ସୂତ୍ରରୁ ପ୍ରକାଶ । ତା ନିକଟରୁ ପୋଲିସ୍ ୪୩୪୦ଟଙ୍କା ଜବତ୍ କରିଥିବା ପ୍ରକାଶ କରିଛି । ଆଜି ତାକୁ କୋର୍ଟ ଚାଲାଣ କରାଯାଇଛି ।

# ପୂର୍ବତନ ସାଂସଦଙ୍କ ପୋଷ୍ୟ ଗ୍ରାମରେ କେନ୍ଦ୍ରୀୟ ଟିମ୍‌ର ଉନ୍ନୟନ କାର୍ଯ୍ୟ ପରିଦର୍ଶନ



ଜଳେଶ୍ୱର,୭।୧୧ (ନି.ପ୍ର): ବାଲେଶ୍ୱର ପୂର୍ବତନ ସାଂସଦ ଇଂ ରବିନ୍ଦ୍ର ଜେନାଙ୍କ ପ୍ରଥମ ପୋଷ୍ୟଗ୍ରାମ କାଳିକ ପଂଚାୟତରେ ହୋଇଥିବା ଉନ୍ନୟନ ଓ ବିକାଶ କାର୍ଯ୍ୟ ପରିଦର୍ଶନ ଲାଗି କେନ୍ଦ୍ର ସରକାରଙ୍କ ଏକ ଦୁଇଜଣିଆ ଟିମ୍ ଆସି ସେଠାରେ ପହଞ୍ଚିଛନ୍ତି । କେନ୍ଦ୍ର ସରକାରଙ୍କ ଜାତୀୟ ମନିଟରଂ ସଭ୍ୟ ଅଖିଳ ମହାରଣା ଓ ଓଡିଶା ଜୀବିକା ମିଶନର ଅଧିକାରୀ ସଂଜିତ୍ କୁମାର ମହଲା ହଠାତ୍ ଶୁକ୍ରବାର କାଳିକ ପଂଚାୟତରେ ପହଞ୍ଚିଥିଲେ। ୫୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ନବନିର୍ମିତ କଲ୍ୟାଣ ମଣ୍ଡପ ପରିଦର୍ଶନ ସହିତ ସ୍ଥାନୀୟ କେତେକ ଯୋଜନାର ହିତାଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ଆଦିବାସୀ ଅଧ୍ୟୁସୀତ ଏହି ପଂଚାୟତକୁ ଇଂ ଶ୍ରୀ ଜେନା ହାତକୁ ନେବା ସହିତ ସେଠାରେ ରର୍ବାନ ଯୋଜନାର କାର୍ଯ୍ୟମଧ୍ୟ ଆରମ୍ଭ କରାଇଥିଲେ । ବିଭିନ୍ନ ଯୋଜନାର କାର୍ଯ୍ୟ ସେଠାରେ ସମୀକ୍ଷା କରିବା ସହିତ ସ୍ଥାନୀୟ ଜନ ସାଧାରଣଙ୍କ ସହିତ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା କରିଥିଲେ । ପରେ ଏହି ଟିମ୍ ମନରେଗା ଯୋଜନାରେ ଖୋଳା ଯାଇଥିବା ବିଭିନ୍ନ ପୋଖରୀ, ବୃକ୍ଷରୋପଣ ଇତ୍ୟାଦି କାର୍ଯ୍ୟଲାଗି ଦୁଧିଆଖାଳୀ, ହାତିଗଡ ଓ ଗଂଗାମାଟିଆ ଗାଁକୁ ଯାଇ ତଦାରଖ କରିଥିଲେ। ଜବ୍‌କାର୍ଡଧାରୀଙ୍କ ସହିତ ଆଲୋଚନା କରି ସେମାନଙ୍କ ପ୍ରାପ୍ୟ ପାଇବା, ଏନ୍‌ଏସ୍‌ଏପି ଯୋଜନାରେ ହିତାଧିକାରୀମାନେ ବାର୍ଦ୍ଧକ୍ୟଭତ୍ତା, ବିଧବାଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମାଣ ସରିଥିବା ନିର୍ମାଣ ହେଉଥିବା ଘରଗୁଡିକ ବୁଲି ଦେଖିଥିଲେ । ଓଡିଶା ଜିବିକା ମିଶନ ଦ୍ୱାରା ହେଉଥିବା ମୋ ବଗିଚା କାର୍ଯ୍ୟ ଲାଗି ତେନ୍ତୁଳା ଗାଁକୁ ଯାଇ ସେମାନେ ପଚାରି ବୁଝିଥିଲେ । ପ୍ରଧାନମନ୍ତ୍ରୀ ଗ୍ରାମସଡକ ଯୋଜନା ଅଧିକ କାଳିକ ଠାରୁ ଚୁଡାମଣୀପୁର ଯାଏ ରାସ୍ତା ପରିଦର୍ଶନ କରିଥିଲେ । ଦୀର୍ଘ ୮ ଘଣ୍ଟାର ପରିଦର୍ଶନ ସମୀକ୍ଷାରେ କେନ୍ଦ୍ରୀୟ ଟିମ୍ ସନ୍ତୋଷ ପ୍ରକାଶ କରିଥିବା ଜଣାଯାଇଛି । ସେମାନଙ୍କ ସହିତ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଲମ୍ବୋଦର କର, ଜଳେଶ୍ୱର ବ୍ଲକ ସହକାରୀ ଯନ୍ତ୍ରୀ ଇଂ ମନୋଜ କୁମାର ମୁଣ୍ଡ, ବ୍ଲକ ସେକ୍ସନ ଅଫିସର ଅଧିର କୁମାର ପ୍ରମାଣିକ, ଇଂ ରବିନ୍ଦ୍ର ପ୍ରଧାନ ସେ ଅଂଚଳର ନେତୃସ୍ଥାନୀୟ ବ୍ୟକ୍ତି ଗଂଗାଧର ଦାସ, ସରପଂଚ ବିଜୟ କୁମାର ବେହେରା, ପିଇଓ କୃଷ୍ଣାରାଣୀ ଜେନା, ଜିଆର୍‌ଏସ୍ ଗୋଲକ ବିହାରି ପଟ୍ଟନାୟକ ପ୍ରମୁଖ ସେମାନଙ୍କ ସହିତ ଉପସ୍ଥିତ ଥିଲେ ।

## ଯାଜପୁରରେ ନିୟମ ଉଲ୍ଲଂଘନକୁ ନେଇ ୨୪ ଘଂଟାରେ ଆଦାୟ ହେଲା ୨୧୩ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୭।୧୧ (ନି.ପ୍ର): ଯାଜପୁର ଜିଲ୍ଲାରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିବା, ବାହାରେ ଛେପ ପକାଇବା ସାମାଜିକ ଦୂରତ୍ୱ ନ ମାନିବା ଓ ଯାନବାହନ ଆଇନ ଉଲ୍ଲଂଘନକୁ ନେଇ ମୋଟ ୨୧୩ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ଏମାନଙ୍କ ଠାରୁ ୧,୦୬,୫୦୦ ଟଙ୍କାର ଜୋରିମାନା ଆଦାୟ କରା ଯାଇଥିବା ନେଇ ଯାଜପୁର ପୋଲିସ ପକ୍ଷରୁ ସୂଚନା ଦିଆ ଯାଇଛି ।

# ନୀଳଗିରିରେ ପୁଣି କରୋନା ନେଲା ଫାର୍ମାସିଷ୍ଟଙ୍କ ଜୀବନ

ନୀଳଗିରି ,୭।୧୧ (ନି.ପ୍ର): କିଛି ଦିନର ବ୍ୟବଧାନ ପରେ ନୀଳଗିରିରେ ଜଣେ ସରକାରୀ କର୍ମଚାରୀ କରୋନା ସଂକ୍ରମିତଙ୍କ ଜୀବନ ଚାଲିଯାଇଛି। ବରହମପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ କଳାକାଦ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଫର୍ମାସିଷ୍ଟ ସନ୍ତୋଷ କୁମାର ସ(୫୩) ଗତ ଅକ୍ଟୋବର ୫ ତାରିଖ ଦିନ ସଂକ୍ରମିତ ହୋଇ ପ୍ରଥମେ କଳିଙ୍ଗ ହସ୍ପିଟାଲ ରେ ଚିକିତ୍ସିତ ହୋଇଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ସେ ୧୧ ତାରିଖ ଦିନ କଟକ ସ୍ଥିତ ଶାନ୍ତି ହସ୍ପିଟାଲକୁ ଚିକିତ୍ସା ପାଇ ଯାଇଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଆଜି ପୂର୍ବାହ୍ନ ୧୨ ଘଟିକା ସମୟରେ ତାଙ୍କର ମୃତ୍ୟୁ ହୋଇଯାଇଛି । ଏହି ଖବର ପ୍ରଚାରିତ ହେବା କ୍ଷଣି ତାଙ୍କ ପରିବାର ,ବନ୍ଧୁବାନ୍ଧବ, କଳାକାଦ ସ୍ୱାସ୍ଥ୍ୟକେନ୍ଦ୍ର , ସଜନାଗଡ ସ୍ୱାସ୍ଥ୍ୟକେନ୍ଦ୍ର, ଅଯୋଧ୍ୟା ସ୍ୱାସ୍ଥ୍ୟକେନ୍ଦ୍ର , ଗୋବପାଳ ସ୍ୱାସ୍ଥ୍ୟକେନ୍ଦ୍ର ଓ ବରହମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡଃ. ସରୋଜ କୁମାର ଜେନା, ଡଃ. ଅମୀୟ କୁମାର ଦାସ, ଡଃ. ସଂଜୟ କୁମାର ବାରିକ, କର୍ମଚାରୀ ମାନସ ରଂଜନ ରାଉତ, ଅସିତ କୁମାର ଦାସ ପ୍ରମୁଖ ଶୋକ ପ୍ରକାଶ କରିବା ସହିତ ତାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଶ୍ରୀ ସ ମୟୁରଭଞ୍ଜ ଜିଲ୍ଲା ଉଦଳା ସହରର ବାସିନ୍ଦା ଅଟନ୍ତି। ୦୭/୦୧/୧୯୯୭ ମସିହାରେ ସ୍ୱାସ୍ଥ୍ୟ ବିଭାଗରେ ଫାର୍ମାସିଷ୍ଟଭାବେ ଚରମ୍ପା ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗଦାନ କରିଥିଲେ। ସେ ୨୦୦୫ ରୁ ୨୦୧୩ ଅଯୋଧ୍ୟା ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟକରୁଥିବାବେଳେ ଏବେ କଳାକାଦ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଥିଲେ। ସେ ଜଣେ ପରୋପକାରୀ , ମିଷ୍ଟଭାଷୀ, କର୍ତ୍ତବ୍ୟପରାୟଣ ବ୍ୟକ୍ତିଥିବାରୁ ତାଙ୍କ ମୃତ ଖବର ପ୍ରଚାରିତ ହେବା କ୍ଷଣି କାର୍ଯ୍ୟ କରିଥିବା ଅଂଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ଏକ ୮ ବର୍ଷର ପୁତ୍ର , ୧୮ ବର୍ଷର ଝିଅ ଓ ସ୍ତ୍ରୀ ଅଛନ୍ତି।

## କୋଭିଡ ଗାଇଡଲାଇନ ଉଲ୍ଲଂଘନ ଅଭିଯୋଗରେ ରାଜ୍ୟରେ ୫ ଟି ମାମଲା: ୩୫ ଗିରଫ

ଭୁବନେଶ୍ୱର,୭।୧୧ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ କୋଭିଡ ଗାଇଡଲାଇନ ଉଲ୍ଲଂଘନ ଅଭିଯୋଗରେ ରାଜ୍ୟରେ ୫ ଟି ମାମଲା ରୁଜୁ ହୋଇଛି । ଏହି ସମୟ ମଧ୍ୟରେ ୩୫ ଜଣ ଗିରଫ ହୋଇଛନ୍ତି । ୭୦୭ ଟି ବାହନକୁ ଜବତ କରା ଯାଇଛି । ୧୮,୬୮,୪୪୦ ଟଙ୍କା । ଜୋରିମାନା ଆକାରରେ ଆଦାୟ କରା ଯାଇଛି । ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ଏହି ସୂଚନା ଦିଆ ଯାଇଛି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo